ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୫/୨୦୨୬ (୧୪ ପୃଷ୍ଠା) Bhubaneswar, Thursday, February 5/2026 Page 14 ₹ 7.00 | DHENKANAL
୫୨ଶ ଭାଗ ୭୩ ସଂଖ୍ୟା www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada VOLUME 52 ISSUE 73 ମୂଲ୍ୟ ₹୭/-



**ଫାଇନାଲରେ ଭାରତ**

ଆରୋନ ଜର୍ଜଙ୍କ ଶତକ ବଳରେ ଭାରତ ୧୯ ବର୍ଷରୁ କମ୍ ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିଛି।


୧୩

୦୮

**ସହ ନିର୍ଦ୍ଦେଶନାରୁ ଅଭିନୟ**

ସିଦ୍ଧାର୍ଥ ମାଲହୋତ୍ରା ପ୍ରଥମେ 'ମାଇଁ ନେମ୍ ଇଜ୍ ଖାନ୍' ଫିଲ୍ମର ସହ-ନିର୍ଦ୍ଦେଶକ ସାଜିଥିବାବେଳେ ପରବର୍ତ୍ତୀ ସମୟରେ ଅଭିନୟ କ୍ଷେତ୍ରରେ ପାଦ ଦେଇଥିଲେ।





ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ମହୁଲଡିହାସ୍ଥିତ ଏସ୍‌ଟି ଏସ୍‌ସି ଡେଭଲପମେଣ୍ଟ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବିଲି କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍କୁଲ୍ ପରିସରରେ ସ୍ଥାପିତ ଭଞ୍ଜବୀର ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରୁଛନ୍ତି। ନିକଟରେ ଅଛନ୍ତି ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଇରଙ୍ଗପୁର ବିଧାୟକ ଜଲେନ ନାୟକ, ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ।

# ଓଡ଼ିଶା ଚାହୁଁଛି କେନ୍ଦ୍ର ମଧ୍ୟସ୍ଥତା କରୁ

## ମହାନଦୀ ଜଳ ବିବାଦ

ଛତିଶଗଡ଼ ସରକାରଙ୍କ ପକ୍ଷରୁ ମହାନଦୀର ଉପରମୁଣ୍ଡରେ ୬୦ରୁ ଊର୍ଦ୍ଧ୍ୱ ବ୍ୟାରେଜ୍ କରାଯିବା ଯୋଗୁ ତଳମୁଣ୍ଡ ଓଡ଼ିଶାରେ ଏହି ନଦୀରେ ଜଳସଙ୍କଟ ଦେଖାଦେଉଛି। ଏନେଇ ୨୦୧୬ରୁ ଓଡ଼ିଶା-ଛତିଶଗଡ଼ ମଧ୍ୟରେ ମହାନଦୀ ଜଳ ବିବାଦ ଆରମ୍ଭ ହୋଇଥିବାବେଳେ ଏହାର ସମାଧାନ ପାଇଁ ୨୦୧୮ ମାର୍ଚ୍ଚରୁ ଟ୍ରିବ୍ୟୁନାଲ ଗଠନ ହୋଇଛି। ଏଯାଏ ଏହି ବିବାଦର ଅନ୍ତ ଘଟି ନ ଥିବାରୁ ସମାଧାନ ପାଇଁ କେନ୍ଦ୍ର ସରକାରଙ୍କୁ ମଧ୍ୟସ୍ଥ ସାଜିବାକୁ ଓଡ଼ିଶା ସରକାର ଅନୁରୋଧ କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, କେବଳ ଟ୍ରିବ୍ୟୁନାଲ ଉପରେ ନିର୍ଭର ନ କରି ଆଲୋଚନା ମାଧ୍ୟମରେ ଏହାର ସମାଧାନ ହେବା ଆବଶ୍ୟକ। ଓଡ଼ିଶା ଏବଂ ଛତିଶଗଡ଼ରେ ଭାଜପା ସରକାର ଚାଲିଥିବାବେଳେ କେନ୍ଦ୍ରରେ ଏହି ଦଳ ନେତୃତ୍ୱରେ ସରକାର ଚାଲିଛି। ଏଭଳିସ୍ଥଳେ ଓଡ଼ିଶା ସରକାରଙ୍କ ଅନୁରୋଧକୁ କେନ୍ଦ୍ର ସରକାର ଗ୍ରହଣ କରିନେଲେ ଖୁବ୍‌ଶୀଘ୍ର ସମାଧାନର ବାଟ ବାହାରି ପାରନ୍ତା ବୋଲି ଆଶା କରାଯାଉଛି।

ଭୁବନେଶ୍ୱର,୪।୨
(ରବିନାରାୟଣ ଜେନା)

ମହାନଦୀ ଜଳ ବିବାଦର ସମାଧାନ ପାଇଁ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଏହା ଟ୍ରିବ୍ୟୁନାଲ ମାଧ୍ୟମରେ ସମାଧାନ ହେବା ସମୟସାପେକ୍ଷ। ତେଣୁ ମଧ୍ୟସ୍ଥ ଜରିଆରେ ଏହାର ସମାଧାନ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ବୁଧବାର ମନ୍ତ୍ରୀ ପୂଜାରୀ କହିଛନ୍ତି, ମହାନଦୀ ଟ୍ରିବ୍ୟୁନାଲ ଅବଧି ଏପ୍ରିଲ ୧୩ରେ ଶେଷ ହେଉଥିବାରୁ ଏହାକୁ ଆଉ ୯ ମାସ ବୃଦ୍ଧି କରିବାକୁ କେନ୍ଦ୍ରକୁ ଚିଠି ଲେଖାଯାଇଛି। ଗଣତନ୍ତ୍ର ବ୍ୟବସ୍ଥାରେ ଆଲୋଚନା ମାଧ୍ୟମରେ ସବୁକିଛି ସମସ୍ୟାର ସମାଧାନ ହୋଇପାରିବ। ଆନ୍ତଃମନ୍ତ୍ରୀସ୍ତରୀୟ କମିଟିର ଅଧ୍ୟକ୍ଷ କନକ ବର୍ଦ୍ଧନ ସିଂଦେଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ସହ ଆଲୋଚନା କରିଛନ୍ତି। ଟ୍ରିବ୍ୟୁନାଲରେ ମହାନଦୀ ଜଳ ବିବାଦର ସମାଧାନରେ ବହୁ ସମୟ ବିତିଯାଉଥିବାରୁ କଥାବାର୍ତ୍ତା ମାଧ୍ୟମରେ ସମସ୍ୟାର ସମାଧାନ କରିବୁ। ପୂଜାରୀ ପୁଣି କହିଛନ୍ତି, ବିଧାନସଭାରେ ପୂର୍ବତନ ଜଳସମ୍ପଦ ମନ୍ତ୍ରୀ ଯେଉଁ ଭୁଲ୍ ତଥ୍ୟ ଦେଇଥିଲେ, ତାହାକୁ ଅସ୍ତ୍ର ଭାବେ ଛତିଶଗଡ଼ ସରକାର ବ୍ୟବହାର କରୁଛନ୍ତି। ସେଥିପାଇଁ ମହାନଦୀ ଜଳ ବିବାଦର ସମାଧାନ ବିଳମ୍ବ ହେଉଛି।

ସୂଚନାଯୋଗ୍ୟ, ମହାନଦୀ ଜଳ ବିବାଦର ସମାଧାନ ଲାଗି ମହାନଦୀ ଟ୍ରିବ୍ୟୁନାଲ ୨୦୧୮ ମାର୍ଚ୍ଚରେ ଗଠନ ହୋଇଥିଲା। ନିୟମ ଅନୁଯାୟୀ, ଏହି ବିବାଦର ଅନ୍ତ ୩ ବର୍ଷ ମଧ୍ୟରେ ହେବାକଥା। ମାତ୍ର ପ୍ରଥମ ପର୍ଯ୍ୟାୟରେ ଏହା ବଢ଼ି ୨୦୨୩ ମାର୍ଚ୍ଚରେ ଫଇସଲା ହେବାକୁ ଥିଲା। ହେଲେ ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କ ଅନୁରୋଧକ୍ରମେ ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଏହାର କାର୍ଯ୍ୟକାଳ ୨୦୨୬ ଏପ୍ରିଲ ୧୩ ଯାଏ ବଢ଼ାଯାଇଥିଲା। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଭାରତରେ ଇସ୍‌ଲାମ ପ୍ରବେଶ

# ଆମେରିକୀୟ କୃଷି ଉତ୍ପାଦ ଉପରେ ଭାରତ କଷିବନି ଟାରିଫ୍

ଆମେରିକା ଭାରତକୁ ରପ୍ତାନି କରିବାକୁ ଥିବା ବିବିଧ ଶିଳ୍ପ ଓ କୃଷି ଉତ୍ପାଦ ଉପରେ ନୂଆଦିଲ୍ଲୀ ୦% ଟାରିଫ୍ କଷିବ। ଅର୍ଥାତ୍ ଆମେରିକୀୟ ସାରାୟନିକ ସାମଗ୍ରୀ, ବିମାନ ଯନ୍ତ୍ରାଂଶ ଓ ଆଣବିକ ଉପକରଣ ସହ ଫଳ, ପନିପରିବା ଆଦି ଉପରେ ଭାରତ ପକ୍ଷରୁ ଆଦୌ କୌଣସି ଟାରିଫ୍ ଲଗାଯିବ ନାହିଁ ବୋଲି ଟ୍ରମ୍ପ୍ ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏହି ବିଷୟ ସାମ୍ନାକୁ ଆସିବା ପରେ ଭାରତରେ ବଡ଼ ବିତର୍କ ମୁଣ୍ଡ ଟେକିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଚାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଣ୍ଡ ନୁଆଇ ଏଥିରେ ସହମତି ପ୍ରକାଶ କରିଥିବା ଅଭିଯୋଗ ଆଣି ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ଘେରିଛନ୍ତି। ସଂସଦରେ ମଧ ଏହି ପ୍ରସଙ୍ଗରେ ପ୍ରବଳ ହଟ୍ଟଗୋଳ ହୋଇଛି।

- **ୟୁଏସ୍‌ଟିଆର୍‌ଙ୍କ ମନ୍ତବ୍ୟକୁ ନେଇ ମୁଣ୍ଡ ଟେକିଲା ବିତର୍କ**
- **ଟ୍ରମ୍ପ୍‌ଙ୍କ ଚାପରେ ମୁଣ୍ଡ ନୁଆଁଇଛନ୍ତି ମୋଦି: କଂଗ୍ରେସ**

ନ୍ୟୁୟର୍କ/ୱାଶିଂଟନ/ନୂଆଦିଲ୍ଲୀ,୪।୨

ନୂଆଦିଲ୍ଲୀ ଏବଂ ୱାଶିଂଟନ୍ ମଧ୍ୟରେ କିଛି ମାସର ବାଣିଜ୍ୟିକ ଅନିଶ୍ଚିତତା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଫେବୃଆରୀ ୨ରେ ଐତିହାସିକ ଟ୍ରେଡ୍ ଡିଲ୍ ନେଇ ଘୋଷଣା କରିଛନ୍ତି। କିନ୍ତୁ ଏହି ବାଣିଜ୍ୟିକ ଚୁକ୍ତି ଭାରତୀୟ ବଜାର ଓ ଅର୍ଥନୀତି ପାଇଁ କାଳ ହୋଇପାରେ, ଯାହାକି ଆମେରିକାର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନାରୁ ସ୍ପଷ୍ଟ ହୋଇଛି। ☞ପୃଷ୍ଠା-୪




## ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ମୃତ

ଜମ୍ମୁ(ପି.ଟି),୪।୨

ଜମ୍ମୁ କଶ୍ମୀରର ଉଦ୍ଧମପୁର ଜିଲାରେ ବୁଧବାର ଭାରତୀୟ ସେନା ଗୁଳିରେ ଦୁଇ ଆତଙ୍କବାଦୀ ନିହତ ହୋଇଛନ୍ତି। ମୃତ ଆତଙ୍କବାଦୀଙ୍କ ମଧ୍ୟରେ ଜଣେ ପାକିସ୍ତାନୀ ଆତଙ୍କବାଦୀ ରହିଥିଲା ବେଳେ ଅନ୍ୟ ଆତଙ୍କବାଦୀ ଜଣକ ଜୈଶ୍‌-ଇ-ମହମ୍ମଦ ସଂଗଠନର ଜଣେ ଟପ୍ କମାଣ୍ଡର ବୋଲି ଜଣାପଡ଼ିଛି। ତାଙ୍କ ନାମ ରୁବାନି ଓରଫ ଅବୁ ମାଭିଆ। ସେ ଗତ କିଛି ବର୍ଷ ଧରି ଉଦ୍ଧମପୁର ଜିଲା ସମେତ ଜମ୍ମୁ କଶ୍ମୀରର ଅନ୍ୟ କିଛି ଇଲାକାରେ ଆତଙ୍କବାଦ କାର୍ଯ୍ୟକଳାପରେ ଲିପ୍ତ ଥିଲେ। ରାମନଗର-ବସନ୍ତଗଡ଼ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଚାଲିଥିଲା ବେଳେ ଏକ ଗୁମ୍ଫା ମଧ୍ୟରୁ ବିସ୍ଫୋରଣ ଶବ୍ଦ ଶୁଣାଯାଇଥିଲା ଏହାପରେ ସେନା, ଜମ୍ମୁ କଶ୍ମୀର ପୋଲିସ ଏବଂ ସିଆର୍‌ପିଏଫ୍ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନକୁ ଜୋର୍‌ଦାର୍ କରାଯାଇଥିଲା। ଉକ୍ତ ଗୁମ୍ଫା ମଧ୍ୟରେ ଲୁଚି ରହିଥିବା ଦୁଇ ଆତଙ୍କବାଦୀଙ୍କୁ ସେନା ଏନ୍‌କାଉଣ୍ଟର କରିଥିବା ସେନା ପକ୍ଷରୁ କୁହାଯାଇଛି।

# ଇସିଙ୍କୁ ସୁପ୍ରିମକୋର୍ଟ ନୋଟିସ

## ଲୋକଙ୍କୁ ହତ୍ୟା କରୁଛି ଏସ୍‌ଆଇଆର୍: ମମତା

ନୂଆଦିଲ୍ଲୀ,୪।୨

ନିର୍ବାଚନ କମିଶନ(ଇସି) ଭୋଟର ତାଲିକାର ଶୁଦ୍ଧୀକରଣ ନାମରେ ଚଳାଇଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଯୋଗୁ ପଶ୍ଚିମବଙ୍ଗରେ ୧୫୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ଏସ୍‌ଆଇଆର୍ ଜରିଆରେ ଲୋକଙ୍କୁ ଟାର୍ଗେଟ କରି ହତ୍ୟା କରାଯାଉଛି ବୋଲି ବୁଧବାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ ଆଣିଛନ୍ତି। ଏଥିସହ ସୁପ୍ରିମକୋର୍ଟ ଗଣତନ୍ତ୍ରର ସୁରକ୍ଷା କରନ୍ତୁ ବୋଲି ସେ ନିବେଦନ କରିଛନ୍ତି। ମମତାଙ୍କ ଏଭଳି ଯୁକ୍ତି ପରେ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ଇସିଙ୍କୁ ନୋଟିସ କରିଛନ୍ତି। ଆସନ୍ତା ୯ରେ ଏହାର ପରବର୍ତ୍ତୀ ଶୁଣାଣି ପାଇଁ ଶୀର୍ଷ ଅଦାଲତ ଧାର୍ଯ୍ୟ କରିଛନ୍ତି।

ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ ଏସ୍‌ଆଇଆର୍‌କୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ


ସୁପ୍ରିମକୋର୍ଟ ପରିସରରେ ଓକିଲମାନଙ୍କ ସହ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ।

ଯୁକ୍ତି ବାଢ଼ିଛନ୍ତି। ଏପରି କରିବାରେ ମମତା ହେଉଛନ୍ତି ପ୍ରଥମ ମୁଖ୍ୟମନ୍ତ୍ରୀ। ସିଜେଆଇ ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜୟମାଲା ବାଗ୍‌ଚୀ ଓ ଭିପୁଲ ଏମ୍. ଶାହାଙ୍କୁ ନେଇ ଗଠିତ ଖଣ୍ଡପୀଠ ମମତାଙ୍କ ଆବେଦନକୁ ଗ୍ରହଣ କରି କହିଛନ୍ତି, ଉପଯୁକ୍ତ ବ୍ୟକ୍ତିମାନେ ଭୋଟର ତାଲିକାରେ ରହିବା ଜରୁରୀ। ଶୁଣାଣି ବେଳେ ମମତା କହିଥିଲେ, ଏସ୍‌ଆଇଆର୍ ପ୍ରକ୍ରିୟାରେ ଅବ୍ୟବସ୍ଥା ନେଇ ସେ ଇସିଙ୍କୁ ୬ ଥର ଚିଠି ଲେଖିଲେଣି। କିନ୍ତୁ ଇସିଙ୍କ ପକ୍ଷରୁ ଏ ଯାଏ ଉତ୍ତର ଦିଆଯାଇନାହିଁ। ସେମାନଙ୍କ ଏସ୍‌ଆଇଆର୍ ପ୍ରକ୍ରିୟା କେବଳ ନାମ ହଟାଇବା ପାଇଁ ଉଦ୍ଦିଷ୍ଟ, ନାଗରିକଙ୍କୁ ସାମିଲକରିବା ଲାଗି ନୁହେଁ। ଆସାମରେ ଯେଉଁ ମାପଦଣ୍ଡ ଆପଣାଯାଇଛି, ପଶ୍ଚିମବଙ୍ଗରେ ତାକୁ କାହିଁକି ଲାଗୁ କରାଯାଉନାହିଁ? କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ନିର୍ବାଚନ କମିଶନ ଭୋଟର ତାଲିକାରେ ନାମ ପଞ୍ଜୀକରଣ ନିମନ୍ତେ ଆଧାର କାର୍ଡକୁ ଦସ୍ତାବିଜ ରୂପେ ଗ୍ରହଣ କରୁନାହାନ୍ତି। ମମତା ବରିଷ୍ଠ ଓକିଲ କପିଲ ସିବଲ ଓ ଶ୍ୟାମ ଦିୱାନ୍‌ଙ୍କ ଜରିଆରେ ଆହୁରି କହିଥିଲେ, ଏସ୍‌ଆଇଆର୍ ଜରିଆରେ କମିଶନ ଜୀବିତ ନାଗରିକମାନଙ୍କୁ ମୃତ ଦର୍ଶାଉଛନ୍ତି। ତେଣୁ ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରି ଗଣତନ୍ତ୍ରକୁ ରକ୍ଷା କରନ୍ତୁ। ତାଙ୍କ ଯୁକ୍ତି ଉପରେ ବିଚାର ଲାଗି ସିଜେଆଇଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରାଯାଉ। ଖଣ୍ଡପୀଠ ସବୁ ଶୁଣିବା ପରେ ଇସି ଏବଂ ପଶ୍ଚିମବଙ୍ଗ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ଏହା ଉପରେ ସୋମବାର ସୁଦ୍ଧା ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମମତା ସୁପ୍ରିମକୋର୍ଟକୁ ଯିବାବେଳେ ପାରମ୍ପରିକ ଧଳା ଶାଢ଼ି ଉପରେ କଳାରଙ୍ଗର ସ୍କାର୍ଫ ପିନ୍ଧିଥିଲେ। ତାଙ୍କ ସହ ଟିଏମ୍‌ସି ଏମ୍‌ପି ତଥା ବରିଷ୍ଠ ଆଇନଜୀବୀ କଲ୍ୟାଣ ବାନାର୍ଜୀ ଉପସ୍ଥିତ ଥିଲେ।

## କୋଲକାତାରେ ତୁର୍କୀ ବିମାନ ଜରୁରୀ ଅବତରଣ

ନୂଆଦିଲ୍ଲୀ,୪।୨

କାଠମାଣ୍ଡୁରୁ ଇସ୍ତାନବୁଲ୍ ଯାଉଥିବା ତୁର୍କୀ ଏୟାରଲାଇନ୍ସ ବିମାନ ବୁଧବାର ଅପରାହ୍ନରେ କୋଲକାତା ବିମାନ ବନ୍ଦରରେ ଜରୁରୀ ଅବତରଣ କରିଛି। ଏହି ବିମାନଟି ୨୩୬ ଯାତ୍ରୀଙ୍କୁ ନେଇ କାଠମାଣ୍ଡୁସ୍ଥିତ ତ୍ରିଭୁବନ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଦିନ ପ୍ରାୟ ୧.୩୦ ମିନିଟ୍‌ରେ ଉଡ଼ାଣ କରିଥିଲା। କିନ୍ତୁ ଉଡ଼ାଣ କରିବାର ମାତ୍ର ୪ ମିନିଟ୍ ପରେ ଏହାର ଡାହାଣ ପଟ ଇଞ୍ଜିନ୍‌ରେ ନିଆଁ ଲାଗିଯାଇଥିବା ପାଇଲଟ୍ କକ୍‌ପିଟ୍ ସତର୍କତା ବ୍ୟବସ୍ଥାରୁ ଅବଗତ ହୋଇଥିଲେ। ନିଆଁ ଲାଗିଥିବା ଇଞ୍ଜିନ୍‌କୁ ବନ୍ଦ କରିଦେଇ ପାଇଲଟ୍ ତୁରନ୍ତ ଫେରିଯିବାକୁ ଉଦ୍ୟମ କରିଥିଲେ ମଧ୍ୟ କାଠମାଣ୍ଡୁ ବିମାନ ବନ୍ଦରରେ ଅବତରଣ ପାଇଁ ସମୟ ଲାଗିବ ବୋଲି କୁହାଯାଇଥିଲା। ଏହାପରେ ପାଇଲଟ୍ କୋଲକାତା ବନ୍ଦରରେ ବିମାନଟିକୁ ଅବତରଣ କରାଇଥିଲେ। ଅବତରଣ ପର୍ଯ୍ୟନ୍ତ ବିମାନଟି ଗୋଟିଏ ଇଞ୍ଜିନ୍ ଦ୍ୱାରା ଉଡ଼ାଣ କରିଥିଲା। ବିମାନର ସମସ୍ତ ଯାତ୍ରୀ ସୁରକ୍ଷିତ ରହିଛନ୍ତି।

## ଖେମ୍‌ଚନ୍ଦ ସିଂ ମଣିପୁର ମୁଖ୍ୟମନ୍ତ୍ରୀ

ଇମ୍ଫାଲ,୪।୨

ମଣିପୁରରେ ଜାରି ହୋଇଥିବା ରାଷ୍ଟ୍ରପତି ଶାସନ ବୁଧବାର ହଟିବା ପରେ ଭାଜପା ନେତୃତ୍ୱାଧୀନ ମେଣ୍ଟ ନେତା ୟୁମନାମ୍ ଖେମ୍‌ଚାନ୍ଦ ସିଂ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ରାଜ୍ୟପାଳ ଅଜୟ କୁମାର ଭାଲା ଖେମ୍‌ଚନ୍ଦ ସିଂଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଏଥିସହିତ ନାଗା ପିପୁଲ୍ସ ଫ୍ରଣ୍ଟ ନେତା ଏଲ୍ ଦିଖୋ ମଧ୍ୟ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ୨୦୨୫ ଫେବୃଆରୀରେ ଭାଜପା ନେତା ଏନ୍.ବୀରେନ୍ ସିଂ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ମଣିପୁରରେ ରାଷ୍ଟ୍ରପତି ଶାସନ ଜାରି ହୋଇଥିଲା। ରାଜ୍ୟରେ ଲାଗି


ୟୁମନାମ୍ ଖେମ୍‌ଚନ୍ଦ ସିଂ

ରହିଥିବା ହିଂସା ନ ଥମିବା ଏବଂ ବିଭିନ୍ନ ଇଲାକାରେ ସ୍ଥିତି ଖରାପ ହେବା କାରଣରୁ ମୁଖ୍ୟମନ୍ତ୍ରୀଙ୍କୁ ହଟାଇବା ନେଇ ବିଭିନ୍ନ ମହଲରେ ସ୍ୱର ଉଠିଥିଲା। ଏହି କାରଣରୁ ୨୦୨୫ ଫେବୃଆରୀ ୯ରେ ବୀରେନ୍ ସିଂ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ।

# ଅନ୍‌ଲାଇନ ଗେମ୍ ନେଉଛି ଜୀବନ

## ପିଲାଙ୍କ ମାନସିକ ଅବସାଦ ବଢ଼ୁଛି

ନୂଆଦିଲ୍ଲୀ,୪।୨

'କୋରିଆନ୍ ଗେମ୍' ଭଳି ଅନ୍‌ଲାଇନ ଗେମ୍ ଆପ୍ ଜାଲରେ ପଡ଼ି ଉତ୍ତରପ୍ରଦେଶ ଗାଜିଆବାଦ ସହରର ସାହିବାବାଦ ଅଞ୍ଚଳରେ ୩ ନାବାଳିକା ଭଉଣୀ ୯ ମହଲା ଉପରୁ ଡେଇଁ ଆତ୍ମହତ୍ୟା କରିବା ଘଟଣା ସାରା ଦେଶକୁ ସ୍ତମ୍ଭୀଭୂତ କରିଦେଇଛି। ବୁଧବାର ପ୍ରତ୍ୟୁଷରେ ଏଭଳି ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିବା ପରେ ମଣିଷ ଉପରେ ଅନ୍‌ଲାଇନ ଗେମିଂ ଆପ୍‌ର କୁପ୍ରଭାବକୁ ନେଇ ବିଭିନ୍ନ ମହଲରେ ତର୍ଜମା ଆରମ୍ଭ ହୋଇଛି। କେବଳ ଏହି କୋରିଆନ୍ ଗେମ୍ ନୁହେଁ, ଏହାପୂର୍ବରୁ ଅନେକ



ଅନ୍‌ଲାଇନ ଗେମ୍ ପ୍ଲାଟଫର୍ମ ଜାଲରେ ପଡ଼ି ବହୁ ଜୀବନ ଯିବାର ମଧ୍ୟ ନଜିର ରହିଛି। ଏହାସତ୍ତ୍ୱେ ଦିନକୁ ଦିନ ପିଲାଙ୍କଠାରୁ ଆରମ୍ଭ କରି ସ୍ୱଳ୍ପ ବୟସ୍କ ଯୁବକମାନେ ଅନ୍‌ଲାଇନ ଗେମ୍ ଜାଲରୁ ମୁକୁଳି ପାରୁନାହାନ୍ତି। ବରଂ ଅନ୍‌ଲାଇନ୍ ଗେମ୍ ଏବଂ ଏଥିସହିତ ଜଡ଼ିତ ଡିଜିଟାଲ୍ ଚ୍ୟାଲେଞ୍ଜ ଛୋଟ ପିଲାଙ୍କ ଜୀବନଶୈଳୀର ଅଙ୍ଗ ପାଲଟିଯାଇଛି।

ଗାଜିଆବାଦ ଘଟଣା ସମ୍ପର୍କରେ ବିଶେଷଜ୍ଞମାନେ ତର୍ଜମା ଆରମ୍ଭ କରିଛନ୍ତି। ପ୍ରକୃତରେ କୋରିଆନ୍ ଗେମ୍‌ର ଅର୍ଥ ଏହା କୋରିଆ ଦେଶର ଖେଳ ନୁହେଁ। ଏହି ଶବ୍ଦକୁ ଅନ୍ୟ ଅର୍ଥରେ ବ୍ୟବହାର କରାଯିବା ସହିତ ସମ୍ପୃକ୍ତ ଆପ୍‌ରେ ଖେଳୁଥିବା ପିଲାଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟରେ କିଛି କାର୍ଯ୍ୟ ଶେଷ କରିବାକୁ କୁହାଯାଇଥାଏ। ସାଧାରଣତଃ ପ୍ରତ୍ୟେକ ଅନ୍‌ଲାଇନ ଗେମ୍‌ରେ ରିୱାର୍ଡ, ପଏଣ୍ଟ, ଲେବଲ ବ୍ୟବସ୍ଥା ରହିଥିଲାବେଳେ ଏହାକୁ ଖେଳୁଥିବା ପିଲାଙ୍କୁ ସବୁ ଦିଗରୁ ଆଗକୁ ଯିବାକୁ ପ୍ରୋତ୍ସାହିତ କରାଯାଇଥାଏ। କୋରିଆନ୍ ଗେମ୍ ଆପ୍‌ରେ ମଧ୍ୟ ସମାନ ବ୍ୟବସ୍ଥା ସହିତ ଏହାକୁ ଖେଳୁଥିବା ପିଲାଙ୍କୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଗୋଟିଏ ସ୍ତରରୁ ଉପର ସ୍ତରକୁ ଯିବାକୁ କୁହାଯାଇଥାଏ। କିନ୍ତୁ ଏହି ପ୍ରକ୍ରିୟାରେ ଏଭଳି ବ୍ୟବସ୍ଥା ଥାଏ ଯେ, ଜଣେ ଖେଳୁଥିବା ସମୟରେ ଅତ୍ୟନ୍ତ ଉତ୍ସାହିତ ହେବା ସହ ଉତ୍କଣ୍ଠା ମଧ୍ୟ ବହୁଗୁଣ ବଢ଼ି ଯାଇଥାଏ। ଏହି ସମୟରେ ମସ୍ତିଷ୍କର ଡୋପାମାଇନ୍ ସ୍ତର ବଢ଼ି ଯାଇଥାଏ ଏବଂ ଖେଳୁଥିବା ଯୁବକ କିମ୍ବା ପିଲା ଆଗକୁ ଆଗକୁ ବଢ଼ିବା ଲାଗି ବ୍ୟାକୁଳ ହେବା ସହିତ ଯେକୌଣସିମତେ ସଫଳ ହେବାକୁ ଚାହେଁ ବୋଲି ମନସ୍ତାତ୍ତ୍ୱିକ ବିଶେଷଜ୍ଞ ଡ. ପ୍ରଶାନ୍ତ ଗୋଏଲ କହିଛନ୍ତି।

9001/3/2526


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଲୋକସେବା ଅଧିକାର
ଓଡ଼ିଶା ଶାସନ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆମ ସାଥୀ
ସରକାରୀ ସେବା, ଏବେ ଆପଣଙ୍କ ହାତ ମୁଠାରେ

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ
୫୭ଟି ଉପନିବନ୍ଧନ କାର୍ଯ୍ୟାଳୟର ଶୁଭ ଉଦ୍‌ଘାଟନ
ଓ
"ଆମ ସାଥୀ ୟୁନିଫାଏଡ୍ ହ୍ୱାଟ୍ସଆପ୍ ବଟ୍"
ମାଧ୍ୟମରେ
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର
ମୁଖ୍ୟ ନାଗରିକ-କୈନ୍ଦ୍ରିକ ସେବା ଗୁଡ଼ିକର ଲୋକାର୍ପଣ

ଗରିମାମୟ ଉପସ୍ଥିତି
ଶ୍ରୀ ସୁରେଶ ପୂଜାରୀ
ମନ୍ତ୍ରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଓଡ଼ିଶା

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ଓଡ଼ିଶା ସରକାର

ଏହି QR Code କୁ ସ୍କାନ୍ କରି "ଆମ ସାଥୀ" ସହାୟକ ୟୁନିଫାଏଡ୍ ହ୍ୱାଟ୍ସଆପ୍ ବଟ୍ ସହ ଯୋଡ଼ି ହୋଇଯାଆନ୍ତୁ




୯୪୩୭୨୯୨୦୦୦
ଏହି ହ୍ୱାଟ୍ସଆପ୍ ନମ୍ବରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମୁଖ୍ୟ ନାଗରିକ-କୈନ୍ଦ୍ରିକ ସେବା ଗୁଡ଼ିକ ସହ ୧୭୦ରୁ ଊର୍ଦ୍ଧ୍ୱ ଜରୁରୀ ସରକାରୀ ସେବା ଗୁଡ଼ିକ ପାଇ ପାରିବେ।

OIPR-9001/9008/2/25-26/0003







କଟକ ଜବାହରଲାଲ ନେହେରୁ ଇନ୍ଡୋର ଷ୍ଟାଡିୟମରେ ବୁଧବାର ଆରମ୍ଭ ହୋଇଥିବା ରାଜ୍ୟ କୁସ୍ତି ଚାମ୍ପିୟନଶିପ୍‌ରେ ଦୁଇ ମହିଳା ପ୍ରତିଯୋଗୀଙ୍କ ମଧ୍ୟରେ ଲଢ଼େଇ। **(ଫଟୋ: ରାଜକିଶୋର ମହାନ୍ତି)**

# ୯ ମହଲାରୁ ଡେଇଁ ୩ ଭଉଣୀଙ୍କ ଆତ୍ମହତ୍ୟା

## ଅନ୍‌ଲାଇନ ଗେମ୍ ନିଶା

**ଅନ୍‌ଲାଇନ ଗେମ୍ ପ୍ରତି ଆସକ୍ତିର ଏକ ଭୟଙ୍କର ପରିଣାମ ଦେଖିବାକୁ ମିଳିଛି ଉତ୍ତରପ୍ରଦେଶର ଗାଜିଆବାଦରେ। ମା'ବାପା ଉକ୍ତ ଗେମ୍ ଖେଳିବାକୁ ବାରଣ କରିବା ଏବଂ ମୋବାଇଲ ଫୋନ ଛଡ଼ାଇନେବାରୁ ୩ ନାବାଳିକା ଭଉଣୀ ମଙ୍ଗଳବାର ବିଳମ୍ବିତ ରାତିରେ ନିଜ ଆପାର୍ଟମେଣ୍ଟର ୯ମ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ପୂର୍ବରୁ ଏଭଳି ଘଟଣା ବହୁଥର ଦେଖିବାକୁ ମିଳିଛି, ଯାହାକି ଏବେ ଏକ ସାମାଜିକ ସଙ୍କଟ ଭାବେ ଉଭାହୋଇଛି। ଗତ ୨୯ ତାରିଖରେ କେନ୍ଦ୍ର ସରକାର ଆଣିଥିବା ଅର୍ଥନୈତିକ ସର୍ଭେ ରିପୋର୍ଟରେ 'ଡିଜିଟାଲ ଆଡିକ୍ସନ' ବା ମୋବାଇଲ ନିଶାକୁ ଏକ ସାଧାରଣ ସ୍ୱାସ୍ଥ୍ୟ ସଙ୍କଟ ଭାବେ ଦର୍ଶାଯାଇଛି। ଏଭଳିସ୍ଥଳେ ସରକାର 'ଟାସ୍କ-ଭିତ୍ତିକ' ଗେମ୍ ଏବଂ ଆପ୍‌ଗୁଡ଼ିକ ଉପରେ କଡ଼ା ନଜର ରଖିବା ସହ ପିଲାମାନଙ୍କ ପାଇଁ ଡିଜିଟାଲ ଗେଜେଟ୍ ବ୍ୟବହାରର ଏକ ସୀମା ନିର୍ଦ୍ଧାରଣ କରି ସେମାନଙ୍କୁ ସୁରକ୍ଷିତ ରଖିବା ଭଳି ବ୍ୟବସ୍ଥା ଆପଣାଇବା ଜରୁରୀ ହୋଇପଡ଼ିଥିବା ଅନେକେ ମନେକରୁଛନ୍ତି। ଗତ ଶନିବାର କେନ୍ଦ୍ରର ଏନ୍‌ଡିଏ ସରକାରଙ୍କ ସହଯୋଗୀ ଦଳ ତେଲୁଗୁ ଦେଶମ ପାର୍ଟି (ଟିଡିପି) ଏମ୍‌ପି ଏଲ୍.ଏସ୍.କେ. ଦେବରାୟଲୁ ୧୬ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ସୋସିଆଲ ମିଡିଆ ନିଷିଦ୍ଧ କରିବା ପାଇଁ ଏକ ପ୍ରାଇଭେଟ୍ ମେମ୍ବର ବିଲ୍ ଆଣିବାକୁ ଯାଉଥିବା କହିଥିଲେ, ଯାହାକି ଚଳିତ ବଜେଟ ଅଧିବେଶନରେ ଆଗତ ହୋଇପାରେ।**




ନାବାଳିକାମାନେ ଲେଖିଥିବା ସୁଇସାଇଡାଲ୍ ନୋଟ୍।

**ଗାଜିଆବାଦ,୪।୨ (ପି.ଟି.)**

ଗାଜିଆବାଦର ଟିଲା ମୋଡ଼ ଥାନା ଅନ୍ତର୍ଗତ 'ଭାରତ ସିଟି ସୋସାଇଟି'ର ଏକ ଆପର୍ଟମେଣ୍ଟର ୯ ମହଲାରେ ପରିବାର ସହ ରୁହନ୍ତି ଚେତନ କୁମାର। ତାଙ୍କ ୩ ନାବାଳିକା ଝିଅ ମଙ୍ଗଳବାର ରାତି ପ୍ରାୟ ୨.୧୫ ମିନିଟ୍‌ରେ ୯ମ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ସେମାନେ ହେଲେ ନିଶିକା (୧୬), ପ୍ରାଚୀ (୧୪) ଏବଂ ପାଖୀ (୧୨)। ୩ ଭଉଣୀ ଏକ କୋରିଆନ ଅନ୍‌ଲାଇନ ଗେମ୍ (କୋରିଆନ ଲଭ୍ ଗେମ୍)) ପ୍ରତି ଅତ୍ୟଧିକ ଆସକ୍ତ ଥିଲେ। ମା'ବାପା ସେମାନଙ୍କୁ ଉକ୍ତ ଗେମ୍ ଖେଳିବାକୁ ବାରଣ କରିବାରୁ ସେମାନେ ଅବସାଦଗ୍ରସ୍ତ ହୋଇ ଏହି ଚରମ

☞ପୃଷ୍ଠା–୪

# ମାର୍ଚ୍ଚ ଯାଏ ବଢ଼ିଲା ଇଭି ଗାଡ଼ି ଉପରେ ସୁଧ ଛାଡ଼ ଅବଧି

**ଭୁବନେଶ୍ୱର,୪।୨ (ରବିନାରାୟଣ ଜେନା)**

ରାଜ୍ୟରେ ବୈଦ୍ୟୁତିକ ଯାନ(ଇଭି)ର ବହୁଳ ବ୍ୟବହାର ତଥା ପ୍ରଦୂଷଣକୁ ରୋକିବା ଲାଗି ଅର୍ଥ ବିଭାଗ ପକ୍ଷରୁ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ସବୁ ବିଭାଗ ସଚିବଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୧ରେ ସ୍ୱତନ୍ତ୍ର ଭାବେ 'ଇଭି' ନୀତି ଅଣାଯାଇଥିଲା। ସରକାରୀ କର୍ମଚାରୀଙ୍କୁ ଇଭି ଗାଡ଼ି କିଣିବା ଉପରେ ସେବେଠାରୁ ସୁଧ ଛାଡ଼ ପ୍ରଦାନ କରାଯାଇଆସୁଛି। ପ୍ରଥମେ ଏନେଇ ୨୦୨୩ ମାର୍ଚ୍ଚ ୧୭ରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହାପରେ ପର୍ଯ୍ୟାୟକ୍ରମେ ୨୦୨୫ ଡିସେମ୍ବର ପର୍ଯ୍ୟନ୍ତ ଏହାର ଅବଧି ରହିଥିଲା। ମାତ୍ର ସରକାରଙ୍କ ପକ୍ଷରୁ ଏହାର ପୁନର୍ବିଚାର କରାଯାଇ ଏହି ଅବଧିକୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ତେବେ ଫେବୃଆରୀ ୨୮ ମଧ୍ୟରେ ଏଥିପାଇଁ ସରକାରୀ କର୍ମଚାରୀମାନେ ଆବେଦନ କରିବାକୁ ନିର୍ଦ୍ଦେଶ ରହିଛି। ସେହିପରି ମାର୍ଚ୍ଚ ୧୦ ମଧ୍ୟରେ ଆବେଦନପତ୍ରଗୁଡ଼ିକୁ ଯାଞ୍ଚକରି ମଞ୍ଜୁର କରିବାକୁ ପ୍ରମୁଖ ଶାସନ ସଚିବ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ଅବଗତ କରାଇଛନ୍ତି। ତେବେ କେଉଁ ବର୍ଗର ସରକାରୀ କର୍ମଚାରୀ ଏହି ଛାଡ଼ ସୁବିଧା ପାଇପାରିବେ, ତାହା ପୂର୍ବ ନିର୍ଦ୍ଦେଶନାମାକୁ ଅନୁସରଣ କରିବାକୁ ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି।

# ମାଲକାନଗିରି ମାଓବାଦୀମୁକ୍ତ: ଏସ୍‌ପି

## ମାଓବାଦୀ ନେତା ସୁଖରାମଙ୍କ ଆତ୍ମସମର୍ପଣ

**ମାଲକାନଗିରି,୪।୨ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ମାଓବାଦୀ ନେତା ସୁଖରାମ ମରକମ୍ ଓରଫ ସୁରେଶ ଓରଫ ଯୋଗେଶ୍ ମାଲକାନଗିରି ପୋଲିସ ନିକଟରେ ଅସ୍ତ୍ରଶସ୍ତ୍ର ସହ ବୁଧବାର ଆତ୍ମସମର୍ପଣ କରିଛନ୍ତି। ଏହା ପରେ ମାଲକାନଗିରି ଜିଲା ଏସ୍‌ପି ବିନୋଦ ପାଟିଲ ଖବରଦାତା ସମ୍ମିଳନୀକରି ଆଜିଠାରୁ ମାଲକାନଗିରି ଜିଲା ମାଓବାଦୀମୁକ୍ତ ହେଲା ବୋଲି ଘୋଷଣା କରିଛନ୍ତି। ଅନ୍ୟ ଜିଲା କିମ୍ବା ରାଜ୍ୟରେ ଥିବା ମାଓବାଦୀମାନେ ଏଭଳି କାର୍ଯ୍ୟକଳାପରୁ ନିବୃତ୍ତ ରହି ମୁଖ୍ୟସ୍ରୋତରେ ସାମିଲହେବାକୁ ସେ ଆହ୍ୱାନ ଦେଇଛନ୍ତି। ଆତ୍ମସମର୍ପଣ କରୁଥିବା ମାଓବାଦୀଙ୍କୁ ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ୨୦୧୦ରେ ସୁଖରାମ ବାଲ୍ ସଙ୍ଗଠନ, ୨୦୧୪ରେ ପାର୍ଟି ମେମ୍ବର ଭାବେ ଓ ମାଲକାନଗିରି ଜିଲାର ବିଭିନ୍ନ ମାଓବାଦୀ ସଙ୍ଗଠନରେ ଯୋଗଦେଇଥିଲେ। ସୁଖରାମ ଛତିଶଗଡ଼ର ବିଭିନ୍ନ ହିଂସାକାଣ୍ଡରେ ସମ୍ପୃକ୍ତରହିବା ସହ ଗ୍ରାମବାସୀ, ପୋଲିସ ଉପରେ ଆକ୍ରମଣ କରିବା ଏବଂ ବିଭିନ୍ନ ଲ୍ୟାଣ୍ଡମାଇନ ବିସ୍ଫୋରଣ ଆଦି ଘଟଣାରେ ଜଡ଼ିତ ରହିଥିଲେ। ସରକାରଙ୍କ ପକ୍ଷରୁ ସୁଖରାମଙ୍କ ଉପରେ ୨୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିବା ଜଣାପଡ଼ିଛି। ତାଙ୍କ ନାଁରେ ଜିଲାର ମାଥିଲି ଥାନା ସହ ଛତିଶଗଡ଼ର ବିଭିନ୍ନ ଥାନାରେ ମାମଲା ରହିଛି। ବର୍ତ୍ତମାନ ମାଓବାଦୀ ସଙ୍ଗଠନ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ିଯାଉଥିବାରୁ ଏବଂ ଛତିଶଗଡ଼ ସରକାରଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସେ ଆତ୍ମସମର୍ପଣ କରିଥିବା କହିଛନ୍ତି। ବର୍ତ୍ତମାନ ସେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ସାଧାରଣ ଜୀବନଯାପନ କରିବାକୁ ନିଷ୍ପତ୍ତି ନେଇଥିବା ସୂଚନା ଦେଇଛନ୍ତି। ସେ ଆତ୍ମସମର୍ପଣ କରିଥିବାରୁ ତାଙ୍କୁ ୨୫ ହଜାର ଟଙ୍କାର ଅନୁକମ୍ପାମୂଳକ ରାଶି, ୨୫ ହଜାର ଟଙ୍କା ଏକକାଳୀନ ବିବାହ ରାଶି, ୧୦ ହଜାର ଟଙ୍କାର ଷ୍ଟାଇଫେଣ୍ଡ ସହ ଅନ୍ୟ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି ଏସ୍‌ପି ପାଟିଲ କହିଛନ୍ତି।

# ସାତକୋଶିଆ ବିକାଶ ପାଇଁ ୧୦୦ କୋଟି

**ଭୁବନେଶ୍ୱର, ୪।୨ (ସୁନିତ୍ ମିଶ୍ର)**

ସାତକୋଶିଆ ପାଲଟିବ ବିଶ୍ୱସ୍ତରୀୟ ଇକୋ ଟୁରିଜମ୍ ହବ୍। ପାଖାପାଖି ୧୦୦ କୋଟି ଟଙ୍କା ବ୍ୟୟରେ ସାତକୋଶିଆରେ ଅତ୍ୟାଧୁନିକ ଭିତ୍ତିଭୂମି ନିର୍ମାଣ କରାଯିବ। ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ସକାଶେ ବ୍ୟାଘ୍ର ଅଭୟାରଣ୍ୟର ୬ଟି ସ୍ଥାନ ଚିହ୍ନଟ କରାଯାଇଛି। ପୁରୁଣାକୋଟ, ଜଗନ୍ନାଥପୁର ଏବଂ ଟିକରପଡ଼ାଠାରେ ନୂଆ ପ୍ରବେଶ ପଥ ନିର୍ମାଣ ହେବ। ବାଲିଫୁଟ, କୁସଙ୍ଗ ଓ ଛାମୁଣ୍ଡିଆଠାରେ ମଧ୍ୟ ନୂଆ ପ୍ରବେଶ ପଥ ନିର୍ମାଣ କରାଯିବ। ଫୁଡ୍ କୋର୍ଟ, ଫ୍ଲୋଟିଂ ଜେଟି, ବନ୍ ଫାୟାର, ୱାଚ୍ ଟାୱାର, ରିଭର ଭ୍ୟୁ ଡେକ୍ ରହିବ ବୋଲି ଜଣାପଡ଼ିଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ସଚିବ ଦେବେନ କୁମାର ପ୍ରଧାନ ଗତ ଜାନୁଆରୀ ୨୯ରେ ଏନେଇ ୱାଇଲ୍ଡ ଲାଇଫ୍ ପିସିସିଏଫ୍‌ଙ୍କୁ ଏକ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ସେ ଉଲ୍ଲେଖ କରିଛନ୍ତି, ସାତକୋଶିଆରେ ଇଣ୍ଟିଗ୍ରେଟେଡ୍ ଇକୋ ଟୁରିଜମ୍ ବିକାଶକରିବା ପାଇଁ ୯୯ କୋଟି ୭୫ ଲକ୍ଷ ୮୮ ହଜାର ୯୨୦ ଟଙ୍କାର ଡିପିଆର୍(ଡିଟେଲଡ୍ ପ୍ରୋଜେକ୍ଟ ରିପୋର୍ଟ) ପ୍ରସ୍ତୁତ ହୋଇଛି। ସ୍ପେଶାଲ ଆସିଷ୍ଟାଣ୍ଟସ୍ ଟୁ ଷ୍ଟେଟ୍‌ସ୍ ଫର୍ କ୍ୟାପିଟାଲ ଇନ୍‌ଭେଷ୍ଟମେଣ୍ଟ(ଏସ୍‌ଏଏସ୍‌ସିଆଇ) ଯୋଜନାରେ ଏହି ଅର୍ଥ ମଞ୍ଜୁର କରାଯାଇଛି। ତେଣୁ ଉକ୍ତ ପ୍ରକଳ୍ପ କାମ ଆଗକୁ କିପରି ହେବ ତା'ର ତଦାରଖ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ଜମି ବିବାଦରୁ ଯୁବକଙ୍କୁ ଖଣ୍ଡାରେ ହାଣିଲେ

**କବିସୂର୍ଯ୍ୟନଗର/ବ୍ରହ୍ମପୁର,୪।୨ (କୃପାସିନ୍ଧୁ ସ୍ୱାଇଁ/ସୁବାସ ଚନ୍ଦ୍ର ପାଢ଼ୀ)**

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଗୁଡ଼ିଆଲି ଛକ ନିକଟରେ ବୁଧବାର ଜଣେ ଯୁବକଙ୍କୁ ଦିନ ଦ୍ୱିପ୍ରହରରେ ୪ରୁ ୫ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ସଂଘବଦ୍ଧ ଭାବେ ଆକ୍ରମଣ କରିଛନ୍ତି। ସେ ହେଲେ ଗୁଡ଼ିଆଳିର କୈଳାସ ଭୂୟାଁ। ତାଙ୍କ ୨ ହାତ ଓ ୨ ଗୋଡ଼କୁ ଦୁର୍ବୃତ୍ତମାନେ ଖଣ୍ଡାରେ ହାଣି ପକାଇଛନ୍ତି। କୈଳାସଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ କବିସୂର୍ଯ୍ୟନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ତାଙ୍କ ବୟାନ ରେକର୍ଡ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଜମି ବିବାଦରୁ କୈଳାସଙ୍କୁ ଆକ୍ରମଣ କରାଯାଇଥିବା ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରୁଛି। ଘଟଣାସ୍ଥଳର ସିସିଟିଭି ଯାଞ୍ଚ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରୁଛି।

କୈଳାସ ବୁଧବାର ଅପରାହ୍ନରେ ତାଙ୍କ ସାଙ୍ଗଙ୍କ ସହ ବାଇକ୍‌ରେ ଘରକୁ ଫେରୁଥିଲେ। ୨ଟି ବାଇକ୍‌ରେ ୪/୫ ଜଣ ଯୁବକ ତାଙ୍କୁ ପିଛାକରି ଆସି ଗୁଡ଼ିଆଳି ନିକଟ ଆଇଟିଆଇ ଛକରେ ପଛପଟୁ ଧକ୍କା ଦେଇଥିଲେ। ଫଳରେ ପଛରେ ବସିଥିବା କୈଳାସ ବାଇକ୍‌ରୁ ଖସି ପଡ଼ିଥିଲେ। ସେ କିଛି ବୁଝିବା ପୂର୍ବରୁ ମୁଖା ପିନ୍ଧିଥିବା ଅଭିଯୁକ୍ତମାନେ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଏହାଦେଖି ସାଙ୍ଗ ଜଣଙ୍କ ଭୟଭୀତ ହୋଇ ବାଇକ୍ ଧରି ସେଠାରୁ ଚାଲିଯାଇଥିଲେ। କୈଳାସଙ୍କ ତାଙ୍କ ଗ୍ରାମର ଜଣଙ୍କ ସହ ଜମିବାଡ଼ିକୁ ନେଇ ତିକ୍ତତା ଲାଗି ରହିଥିଲା। ସମ୍ପୃକ୍ତ ବ୍ୟକ୍ତି ତାଙ୍କର ୪ ସହଯୋଗୀଙ୍କ ସହ ମିଶି ଆକ୍ରମଣ କରିଥିବା କୈଳାସ ପୋଲିସ ଆଗରେ କହିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା କଲ୍‌ଚରାଲ୍ ସର୍କଲ ଏବଂ ଓଡ଼ିଶା ଆମ୍ବା ପକ୍ଷରୁ ମଧୁବାବୁଙ୍କ ଜୀବନୀ ଉପରେ ସ୍ୱତନ୍ତ୍ର ଯୁବ ସାଂସ୍କୃତିକ ସମ୍ମେଳନ 'ଜଣେ ଓଡ଼ିଆ ଥିଲେ', ସ୍ଥାନ: ଓଡ଼ିଶୀ ଗବେଷଣା କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଆଇଟି ପକ୍ଷରୁ ୫୧ତମ ନ୍ୟାଶନାଲ ଥିଏଟର୍ ଫେଷ୍ଟିଭାଲ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ହିନ୍ଦୁସ୍ତାନୀ ସଙ୍ଗୀତ ସଭା ପକ୍ଷରୁ କ୍ଲାସିକାଲ୍ ମ୍ୟୁଜିକ୍ କନ୍‌ସର୍ଟ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ୧୭ତମ ଫଗୁଲ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଇନ୍ଦିରା ଗାନ୍ଧୀ ମିନି ଷ୍ଟାଡିୟମ, ପଙ୍କାଳ, ତିଗିରିଆ, ସମୟ: ଅପରାହ୍ନ ୩ଟା।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପାଲା ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ବାର୍ଷିକ ଉତ୍ସବ, ସ୍ଥାନ: ରେଞ୍ଜସ୍କୁଲ, ଚାନ୍ଦିପୁର, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୦ଟା
- ଆଇଡିଆଲ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: କୋଚିଆକୋଇଲି, ଖଇରା, ସମୟ: ଅପରାହ୍ନ ୩ଟା।
- ଯୁବ ମହୋତ୍ସବ ଏବଂ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ସମାରୋହ–ଉତ୍କର୍ଷ, ସ୍ଥାନ: ହରିପ୍ଲାଜା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା

## ଭଦ୍ରକ

- ବିଦ୍ୟାଳୟରେ ଖାଦ୍ୟ ମେଳା, ସ୍ଥାନ: ମଦନ ମୋହନ ଡିଏଭି ପବ୍ଲିକ ସ୍କୁଲ, ଇଚ୍ଛାପୁର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବାରିକପୁର ଡିଗ୍ରୀ କଲେଜ ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ବାରିକପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ତଃରାଜ୍ୟ ଜଗବନ୍ଧୁ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ୨ୟ ଦିବସ, ସ୍ଥାନ: ଏବି ହାଇସ୍କୁଲ ପଡ଼ିଆ, ବାସୁଦେବପୁର, ସମୟ: ଅପରାହ୍ନ ୩ଟା।
- ଶିଶୁ ବିହାର ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବାସୁଦେବପୁର, ସମୟ: ଅପରାହ୍ନ ୩ଟା।
- ଦହପାଣିଆ ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ହାଇସ୍କୁଲ ପରିସର, ଦହପାଣିଆ, ତିହିଡି, ସମୟ: ଅପରାହ୍ନ ୪ଟା।
- ମହରମପୁର ନୋଡାଲ ସ୍କୁଲ ଓ ଉମାଚରଣ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ହାଇସ୍କୁଲ ପରିସର, ମହରମପୁର, ତିହିଡି, ସମୟ: ଅପରାହ୍ନ ୪ଟା।
- ବାର୍ଷିକ ଉତ୍ସବ ଓ ପ୍ରତିଭା ସମ୍ମାନ, ସ୍ଥାନ: ବାସୁଦେବପୁର, ସମୟ :ଅପରାହ୍ନ ୪ଟା।
- ଶକୁନ୍ତଳା ନାୟକ କ୍ରିକେଟ ଟୁର୍ନାମେଣ୍ଟ ସେମି ଫାଇନାଲ, ସ୍ଥାନ: ମଞ୍ଜୁରୀରୋଡ଼, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା।
- ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଟାଉନ ହଲ, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ଅଭାଷୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପାଟଣା ସବ୍ ରେଜିଷ୍ଟ୍ରି କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ପାଟଣା ବ୍ଲକ ଅଫିସ ଅଶ୍ୱାନ ହଲ, ସମାୟ: ମଧ୍ୟାହ୍ନ ୧୨ଟା ୪୫।

## ମୟୂରଭଞ୍ଜ

- ଏସ୍‌ଏଲ୍‌ଏସ୍ ବିଦ୍ୟାଳୟ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଯୋଗଦାନ, ସ୍ଥାନ: ପାହାଡ଼ପୁର, କୁସୁମୀ,ସମୟ: ସକାଳ ୯ଟା।
- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଶିମିଳିପାଳ ପରିଦର୍ଶନ,ସ୍ଥାନ: ଯଶୀପୁର,ଗୁଡୁଗୁଡ଼ିଆ, କୁସୁମୀ,ସମୟ: ଅପରାହ୍ନ ୫ଟା।

## କନ୍ଧମାଳ

- ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ କ୍ୟାମ୍ପୋରୀ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ସିମନବାଡ଼ି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତିର ସମ୍ମିଳନୀ, ସ୍ଥାନ ଗାନ୍ଧୀ ସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବାରକୋଷ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଚକାପାଦ ବିରୂପାକ୍ଷ ମନ୍ଦିର ପଡିଆ, ସମୟ : ସନ୍ଧ୍ୟା ୬ଟା ୩୦।

## ଅନୁଗୋଳ

- ସାଥୀ ପରିବାର, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସହଯୋଗରେ ୫ ଦିନିଆ ଜଙ୍ଗଲ ନିଆଁ ନିବାରଣ ଓ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା ସାଇକେଲ ଯାତ୍ରା ଆରମ୍ଭ, ସ୍ଥାନ: ଅନୁଗୋଳ ପୁରୁଣାଗଡ଼, ସମୟ: ସକାଳ ୮ଟା।
- ସରକାରୀ ଏନ୍‌ଏସି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଅନୁଗୋଳ ସ୍କୁଲ ପରିସର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଆଠମଲ୍ଲିକ କପ୍ ଫୁଟବଲ ଟୁର୍ନାମେଣ୍ଟ ଚତୁର୍ଥ ଦିବସର ମ୍ୟାଚ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳପଡିଆ, ସମୟ : ଅପରାହ୍ନ ୩ ଟା ୩୦।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ପକ୍ଷରୁ ୫୦ତମ ପୁଷ୍ପ ପ୍ରଦର୍ଶନୀ, ସ୍ଥାନ: ଅଫିସର୍ସ କ୍ଲବ, ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା

- ସ୍ୱାମୀ ମୁକୁନ୍ଦାନନ୍ଦଜୀଙ୍କ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନର ଉଦୟ ନଗର, ଡେରାବିଶ, ସମୟ: ଅପରାହ୍ନ ୫ଟା ।
- ଡେରାବିଶ ଯୁବ ମହୋତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, କୁରୁଜଙ୍ଗା, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ : ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ବ୍ଲକ ପ୍ରଶାସନ ପକ୍ଷରୁ ଟ୍ୟାଙ୍କର ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଶୁଭାରମ୍ଭ, ସ୍ଥାନ : ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ବ୍ୟାସସରୋବର ମେଳାର ୮ମ ଦିନରେ ନୃତ୍ୟ କାର୍ଯ୍ୟକ୍ରମ, ସ୍ଥାନ : ବ୍ୟାସସରୋବର ପୀଠ, ସମୟ : ସନ୍ଧ୍ୟା ୭ଟା।

## ନୟାଗଡ଼

- ଦ୍ୱାଦଶ ବାର୍ଷିକ ନବାହ୍ନ ପାରାୟଣ ମାନସ ପ୍ରବଚନ ଓ ଜ୍ଞାନଯଜ୍ଞର ୩ୟ ଦିବସରେ ସୂର୍ଯ୍ୟପୂଜା ସହ ଶ୍ରୀରାମଙ୍କ ଜନ୍ମ ବାଲ୍ୟଲୀଳା, ତାଡକାବଦ୍ଧ ଓ ମିଥିଳା ଯାତ୍ରା, ସ୍ଥାନ:ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁର ଶ୍ରୀ ଶ୍ରୀ ମୁଣ୍ଡିଆ ହନୁମାନ ପୀଠ ମୁକ୍ତିକ୍ଷେତ୍ର, ସକାଳ ୬ଟାରୁ ରାତି ୯ଟା ।
- ଭୈମୀ ଏକାଦଶୀ ମେଳାର ଅଷ୍ଟମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା ।
- ଜାମାଲାଗି ବେଶର ୧୪ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା ।
- କଣ୍ଟିଲୋ ସରସ୍ୱତୀ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ,ସ୍ଥାନ: କଣ୍ଟିଲୋ ନୀଳମାଧବ ବିହାର, ସମୟ: ସକାଳ ୮ଟାରୁ ରାତ୍ର ୮ଟା ।
- ୨୦୨୭ ଜନଗଣନା ଉପରେ ଆଲୋଚନା ସମର୍ଥ ତାଲିମ କାର୍ଯ୍ୟକ୍ରମ, ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ:ମଧ୍ୟାହ୍ନ ୧୨ ଟା ୩୦ ।

## ରାୟଗଡ଼ା

- ଶ୍ରୀନିବାସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ, ସ୍ଥାନ: ଆମ୍ବେଦକର କଲୋନୀ, ଡାଙ୍ଗସୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ସମ୍ପୂର୍ଣ୍ଣତା ଅଭିଯାନ ଉନ୍ମୋଚନ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ,ତେନ୍ତୁଳିଖୁଣ୍ଟି, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁକୃପା ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଡାବୁଗାଁ, ସମୟ : ସନ୍ଧ୍ୟା ୬ଟା।

## କୋରାପୁଟ

- ଭିନ୍ନକ୍ଷମ ବର୍ଗଙ୍କ ମଧ୍ୟରେ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତା, ମିନି ଷ୍ଟାଡିୟମ, ବୈପାରୀଗୁଡ଼ା, ସମୟ: ସକାଳ ୯ଟା।
- ଆନ୍ତର୍ଜାତୀୟ ମହିଳା ଚାଷୀ ବର୍ଷ ଆଲୋଚନା ଚକ୍ର, ସ୍ଥାନ: ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଲିମା, କୁନ୍ଦୁରା, ସମୟ: ମଧ୍ୟାହ୍ନ ୧୨ଟା।
- ମଣ୍ଡଳସ୍ତରୀୟ ଭିବିଜିରାମଜି ସମ୍ମିଳନୀ, ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ଦିଗାପୁର ମଣ୍ଡଳ ଘଷର ଛକ, କୁନ୍ଦୁରା, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର

- ଉତ୍ସର୍ଗ ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରକଳ୍ପର ବୈଠକ, ସ୍ଥାନ : ଗେଇଟି ରୋଡ ସ୍ଥିତ ଉତ୍ସର୍ଗ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୧ଟା।
- ପରମାଣପୁର ଧନୁଯାତ୍ରା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ପରମାଣପୁର ଗ୍ରାମ, ସମୟ : ରାତି ୭ଟା।
- କଣ୍ଠଶିଳ୍ପୀ ଅଭିଜିତ ମଜୁମଦାରଙ୍କ ସ୍ୱରାଞ୍ଜଳି କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା।
- ସ୍ୱତନ୍ତ୍ର ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଶିବିର , ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ସରକାରୀ ଆୟୁର୍ବେଦ କଲେଜ ଏବଂ ହସ୍ପିଟାଲର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଶୋଭାଯାତ୍ରା
- ସ୍ଥାନ: ସରକାରୀ ଆୟୁର୍ବେଦ କଲେଜ, ବଲାଙ୍ଗୀର ସମୟ: ସକାଳ ୯ଟା ୩୦।
- –ଜିଲାସ୍ତରୀୟ ମତ୍ସ୍ୟ, ପ୍ରାଣୀ ସମ୍ପଦ ଓ କୃଷି ଯନ୍ତ୍ରପାତି ମେଳାରେ ଆଲୋଚନାଚକ୍ର
- ସ୍ଥାନ: କୋଶଳ କଳା ମଣ୍ଡଳ ପଡିଆ, ବଲାଙ୍ଗୀର ସମୟ: ପୂର୍ବାହ୍ନ ୧୧ଟାରୁ ୫ଟା ।

## ରାଉରକେଲା

- ବାଲାଜୀ ମନ୍ଦିରରେ ବ୍ରହ୍ମୋତ୍ସବ, ସ୍ଥାନ: ପ୍ରଧାନପାଲୀ, ଛେଣ୍ଡ, ସମୟ: ସକାଳ ୯ଟା ୩୦।
- ଭାଗବତ କଥା ପ୍ରବଚନ, ସ୍ଥାନ: ସେକ୍ଟର–୧୯ ଆଖଣ୍ଡଳମଣି ମନ୍ଦିର, ସମୟ: ଅପରାହ୍ନ ୪ଟା।
- କଲଚରାଲ ଏକାଡେମୀ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର–୫, ଭଞ୍ଜଭବନ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ରୁଦ୍ରେଶ୍ୱର ଓ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ,ସ୍ଥାନ: ରିଜର୍ଭ ପୋଲିସ, ପଥର୍ଲା, ବରଗଡ଼, ସମୟ: ସକାଳ ୮ଟା।

## କଳାହାଣ୍ଡି

- ଜୁନାଗଡ଼ ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ଜୁନାଗଡ଼ ହାଇସ୍କୁଲ ପଡିଆ, ସମୟ: ଅପରାହ୍ନ ୫ଟା।
- ବ୍ଲକସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ୨.୦ର ଶୁଭାରମ୍ଭ, ସ୍ଥାନ: ପଞ୍ଚାୟତ ସମିତି ଥୁଆମୂଳ ରାମପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବୌଦ୍ଧ

- ବାବା କପ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଚତୁର୍ଥ ଦିନ, ସ୍ଥାନ: ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ,ସମୟ: ଅପରାହ୍ନ ୩ଟା।

## ଦେବଗଡ଼

- ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସୁଗୁଡ଼ା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁବର୍ଣ୍ଣପୁର

- ଅଷ୍ଟପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ପଡିଆପାଲି,ବୀରମହାରାଜପୁର, ସ୍ଥାନ: ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ଟା।
- ସଙ୍କୀର୍ତ୍ତନ ବୈଠକ, ସ୍ଥାନ: କେନ୍ଦୁପାଲି, ବହଳପଦର ପଞ୍ଚାୟତ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ମାହେଶ୍ୱରୀ କ୍ରିକେଟ କପ୍‌ର ତୃତୀୟ ଦିବସ, ସ୍ଥାନ: ନୂଆଁଗଡ,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ସୁଭଦ୍ରା ଶକ୍ତି ମେଳାର ପଞ୍ଚମ ସନ୍ଧ୍ୟା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ରାମେଶ୍ୱର ଷ୍ଟାଡିୟମ ପରିସର, ସମୟ: ସନ୍ଧ୍ୟା ୬ଟା।
- ଉଲୁଣ୍ଡା ଭଙ୍ଗାମୁଣ୍ଡା ଧନୁଯାତ୍ରାର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଭଙ୍ଗାମୁଣ୍ଡା ଦୁର୍ଗା ମାଧବ ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଖଡିଆଳ ମହୋତ୍ସବ ଉପଲକ୍ଷେ ଭଲିବଲ, ଚେସ୍ ଓ କ୍ୟାରମ ପ୍ରତିଯୋଗିତା, ସ୍ଥାନ: ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖଡିଆଳ, ସମୟ: ସକାଳ ୯ଟା।
- ଖଡିଆଳ ମହୋତ୍ସବ ଉପଲକ୍ଷେ ଲୋକଗୀତ, ଲୋକନୃତ୍ୟ ଓ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ରାଜା ଏଟି ଉଚ୍ଚ ବିଦ୍ୟାଳୟ ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ତରବୋଡ ବସ୍ତିପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୧୦।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଯାପନ, ସ୍ଥାନ: ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ନୂଆପଡା, ସମୟ: ଅପରାହ୍ନ ୨ଟା ୩୦।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅକାଳେ ସକାଳେ କଲି ବେଉସା**
**ମୁଣ୍ଡରେ ପଡ଼ିଲା କୁରାଢ଼ି ପଶା।**

ବେପାର ବଣିଜରେ ସାଧାରଣତଃ ଲାଭ ମିଳୁଥିବାର ଦେଖିବାକୁ ମିଳୁଥିବା ବେଳେ ଅର୍ଥ ଉପାର୍ଜନ କରିବା ଆଶାରେ କିଛି ବ୍ୟକ୍ତି ଏଭଳି ବୃତ୍ତିକୁ ଆପଣେଇ ନେଉଥିବାର ଲକ୍ଷ୍ୟ କରାଯାଇଥାଏ। କିନ୍ତୁ ବ୍ୟବସାୟ କରିବାର କୌଶଳ ଜାଣି ନ ଥିବା ବ୍ୟକ୍ତି ହଠାତ୍ ବ୍ୟବସାୟ କରିବସିଲେ ଲାଭ ବଦଳରେ ତାଙ୍କୁ ଅଧିକ କ୍ଷତି ସହିବାକୁ ପଡ଼ିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଅନ୍ଧାରି ମୁଲକେ ଭକୁଆ ରାଜା**
**ଟଙ୍କେ ସେର ଭାଜି ଟଙ୍କେ ସେର ଖଜା।**

ନୀତିନିୟମ ତଥା ଭଲ ଖରାପ ମଧ୍ୟରେ କୌଣସି ବାଛବିଚାର ନ ରହିଲେ ପ୍ରଶାସନିକ ବ୍ୟବସ୍ଥା ଭୁଶୁଡ଼ି ଯାଇଥାଏ। ଫଳସ୍ୱରୂପ ନାନା ବିଶୃଙ୍ଖଳା ମଧ୍ୟ ସୃଷ୍ଟି ହୋଇଥାଏ। ଅନ୍ଧ ରାଇଜରେ ଜିନିଷ ମଧ୍ୟରେ କିଛି ବି ବାଛ ବିଚାର ରହି ନ ଥିବା ଭଳି ମୂର୍ଖ ଲୋକଙ୍କୁ ଓଲୁ ବା ବୋକା ବନାଇବା ଅତି ସହଜ କାର୍ଯ୍ୟ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଆମେରିକୀୟ କୃଷି ...

ଆମେରିକା ବାଣିଜ୍ୟ ପ୍ରତିନିଧି (ୟୁଏସ୍‌ଟିଆର୍) ଜେମିଏସନ ଗ୍ରିର୍ ଟ୍ରେଡ୍ ଡିଲ୍‌କୁ ତାଙ୍କ ଦେଶ ପାଇଁ ଏକ ବଡ଼ ବିଜୟ ଭାବେ ଅଭିହିତ କରିଛନ୍ତି। ସିଏନ୍‌ବିସିକୁ ସାକ୍ଷାତ୍କାର ଦେଇ ଗ୍ରିର୍ କହିଛନ୍ତି, ଆମେରିକାରୁ ଭାରତ ଆମଦାନୀ କରିବାକୁ ଥିବା ଶିଳ୍ପ ଓ କୃଷି କ୍ଷେତ୍ରର ବିବିଧ ଉତ୍ପାଦ ଉପରେ ୦% ଟାରିଫ୍ ଲଗାଇବାକୁ ସହମତି ପ୍ରକାଶ କରିଛି। ବର୍ତ୍ତମାନ ଟ୍ରେଡ୍ ଡିଲ୍ ପାଇଁ ଉପଯୁକ୍ତ ସମୟ ଆସିଯାଇଛି। ଭାରତରୁ ଆମେରିକାକୁ ପ୍ରବେଶ କରିବାକୁ ଥିବା ସାମଗ୍ରୀଗୁଡ଼ିକ ଉପରେ ୧୮% ଆମଦାନୀ ଶୁଳ୍କ ଲାଗିବ। କାରଣ ଭାରତ ସହିତ ଆମର ବାଣିଜ୍ୟିକ ନିଅଣ୍ଟ ଜାରି ରହିଛି। କିନ୍ତୁ ଆମେରିକାରୁ ଭାରତକୁ ରପ୍ତାନି ହେବାକୁ ଥିବା ଶିଳ୍ପ ଓ କୃଷି କ୍ଷେତ୍ରର ଅନେକ ଉତ୍ପାଦ ଉପରେ ଆଦୌ ଆମଦାନୀ ଶୁଳ୍କ ନ ଲଗାଇବା ପାଇଁ ନୂଆଦିଲ୍ଲୀ ରାଜି ହୋଇଛି। ସେଗୁଡ଼ିକ ରହିଛି କୃଷି ଉତ୍ପାଦ, ମାନୁଫାକ୍ଚର୍ଡ ଗୁଡ୍ସ, କେମିକାଲ୍ସ, ଡାକ୍ତରୀ ଉପକରଣ ଇତ୍ୟାଦି ରହିଛି। ଏହା ଉଭୟ ଦେଶ ପାଇଁ ଏକ ଉତ୍ସାହଜନକ ସୁଯୋଗ। ଡିଲ୍ ସମ୍ପର୍କରେ ବିସ୍ତୃତ ସୂଚନା ଦେବାକୁ ଯାଉ ଗ୍ରିର୍ କହିଛନ୍ତି, ଭାରତରେ ଶିଳ୍ପ ଉତ୍ପାଦଗୁଡ଼ିକ ଉପରେ ୧୩.୫% ଟାରିଫ୍ ରହିଛି, ଯାହାକି ବାସ୍ତବରେ ଶୂନ ହେବାକୁ ଯାଉଛି। ୯୮–୯୯% ଶିଳ୍ପ ସାମଗ୍ରୀ ଭାରତକୁ ପ୍ରବେଶ କରିବ, ଯାହା ଉପରେ ନୂଆଦିଲ୍ଲୀ ଆଦୌ ଶୁଳ୍କ ଲଗାଇବ ନାହିଁ। ସେହିପରି ୱାଇନ୍, ସ୍ପିରିଟ୍, ଫଳ, ପନିପରିବା ଭଳି ବିବିଧ କୃଷିଜାତ ସାମଗ୍ରୀଗୁଡ଼ିକ ଉପରେ ମଧ୍ୟ ଭାରତ ବିଲ୍‌କୁଲ ଆମଦାନୀ ଶୁଳ୍କ କଷିବ ନାହିଁ। ଏହା ଏକ ବଡ଼ ବିଜୟ। ଏଥିଯୋଗୁ ଆମେରିକୀୟ ଚାଷୀ ଓ ଉତ୍ପାଦକମାନେ ଭାରତୀୟ ବଜାରକୁ ଅନାୟାସରେ ପ୍ରବେଶ କରିପାରିବେ।

ସେହିପରି ହ୍ୱାଇଟ୍ ହାଉସ୍ ପ୍ରେସ୍ ସେକ୍ରେଟାରି କାରୋଲିନ୍ ଲିଏଭିଟ୍ଟ କହିଛନ୍ତି, ଭାରତ ଆଉ ରୁଷୀୟ ତୈଳ କ୍ରୟ ନ କରିବା ପାଇଁ ପ୍ରତିଶ୍ରୁତି ଦେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଆମେରିକାର କେତେକ ପ୍ରମୁଖ ସେକ୍ଟରରେ ୫୦୦ ବିଲିୟନ୍ ଡଲାର ପୁଞ୍ଜିନିବେଶ କରିବାକୁ ସହମତି ପ୍ରକାଶ କରିଛନ୍ତି। ଇତିମଧ୍ୟରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ମଙ୍ଗଳବାର ୱାଶିଂଟନ୍ ବୈଠକରେ ଟ୍ରେଡ୍ ଡିଲ୍‌କୁ ସ୍ୱାଗତ କରିବା ସହ ମୂଲ୍ୟବାନ୍ ଖଣିଜ ସମ୍ପଦ ଅନ୍ୱେଷଣ ଏବଂ ଖନନ ଉପରେ ଦ୍ୱିପାକ୍ଷିକ ସହଯୋଗ ଆଗକୁ ବଢ଼ାଇବା ଉପରେ ଆଲୋଚନା କରିଛନ୍ତି। ନୂଆ ଅର୍ଥନୈତିକ ସୁଯୋଗ ସୃଷ୍ଟି ଓ ଶକ୍ତି ନିରାପତ୍ତା ସହଯୋଗ ବୃଦ୍ଧି ନେଇ ଉଭୟ ଦେଶ ଆଗକୁ ବଢ଼ିବା ନେଇ ଉଭୟ ଦେଶ ଗୁରୁତ୍ୱ ଦେଉଛନ୍ତି ବୋଲି ପରରାଷ୍ଟ୍ର ବିଭାଗ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ପ୍ରକାଶ ଯେ, ଟ୍ରମ୍ପ ସୋମବାର ଟୁଥ୍ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଫୋନ୍‌ରେ ଆଲୋଚନା ପରେ ସୋସିଆଲରେ ଏକ ପୋଷ୍ଟ କରି କହିଥିଲେ, ଭାରତ ଓ ଆମେରିକା ମଧ୍ୟରେ ଟ୍ରେଡ୍ ଡିଲ୍ ନେଇ ସହମତି ପ୍ରକାଶ ପାଇଛି। ତଦନୁଯାୟୀ ଆମେରିକା ଭାରତରୁ ଆମଦାନୀ କରୁଥିବା ସାମଗ୍ରୀଗୁଡ଼ିକ ଉପରେ ପାରସ୍ପରିକ ଟିକସକୁ ୨୫%ରୁ ୧୮%କୁ ଖସାଇଦେଇଛି। ଅପରପକ୍ଷେ ଭାରତ ଆମେରିକୀୟ ସାମଗ୍ରୀଗୁଡ଼ିକ ଉପରେ ୦% ଟାରିଫ୍ ଲଗାଇବାକୁ ରାଜି ହୋଇଛି। ଆମେରିକାର ଶକ୍ତି, ପ୍ରଯୁକ୍ତି, କୃଷି, କୋଇଲା ସମେତ ଅନେକ କ୍ଷେତ୍ରରେ ଉତ୍ପାଦନ ନିମନ୍ତେ ଭାରତ ପକ୍ଷରୁ ୫୦୦ ବିଲିୟନ୍ ଡଲାର ପୁଞ୍ଜିନିବେଶ କରିବାକୁ ମୋଦି ପ୍ରତିଶ୍ରୁତିବଦ୍ଧ ହୋଇଥିବା ଟ୍ରମ୍ପ ନିଜ ସାମାଜିକ ଗଣମାଧ୍ୟମ ମଞ୍ଚରେ ସୂଚନା ଦେଇଥିଲେ।

ଏହି ପ୍ରସଙ୍ଗ ସାମ୍ନାକୁ ଆସିବା ପରେ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ବୁଧବାର କହିଛନ୍ତି, ସଂସଦର ବଜେଟ ଅଧିବେଶନ ଚାଲିଥିବାବେଳେ ଯେପରି ଭାବେ ଭାରତ–ଆମେରିକା ଟ୍ରେଡ୍ ଡିଲ୍ ନେଇ ଘୋଷଣା କରାଗଲା, ତାହା ଅନେକ ପ୍ରଶ୍ନ ଛିଡ଼ା କରାଇଛି। ଆମେରିକାର ଚାପରେ ପଡ଼ି ଭାରତ ମୁଣ୍ଡ ନୁଆଁଇଛି କି? ଅମେରିକୀୟ ସାମଗ୍ରୀଗୁଡ଼ିକ ଉପରେ ଭାରତ ଆଦୌ ଟାରିଫ୍ ନ ଲଗାଇବାକୁ ରାଜି ହୋଇଛି କି, ଯାହାକି ଟ୍ରମ୍ପ ଓ ତାଙ୍କ ସହଯୋଗୀମାନେ ଦାବି କରିଆସୁଛନ୍ତି? ଭାରତ କୃଷି କ୍ଷେତ୍ରକୁ ଆମେରିକୀୟ ବଜାର ପାଇଁ ଖୋଲିଦେଲେ ଦେଶର କୃଷକମାନେ କ୍ଷତିଗ୍ରସ୍ତ ହେବେ। ସେହିପରି କଂଗ୍ରେସ ନେତା ଆନନ୍ଦ ଶର୍ମା ମଧ୍ୟ ଅନୁରୂପ ପ୍ରଶ୍ନ ଉଠାଇ ସରକାରଙ୍କୁ ଘେରିଛନ୍ତି। ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ଲୋକ ସଭାରେ ଏହାର ଜବାବ ରଖି କହିଛନ୍ତି, ସରକାର ଖାଦ୍ୟ ଓ କୃଷି ଭଳି ଗୁରୁତ୍ୱପୂର୍ଣ୍ଣ ସେକ୍ଟରକୁ ନେଇ ସମ୍ବେଦନଶୀଳ। ଟ୍ରେଡ୍ ଡିଲ୍ ଆମେରିକୀୟ ବଜାରରେ ଭାରତୀୟ ରପ୍ତାନି ପ୍ରତିଦ୍ୱନ୍ଦ୍ୱିତାକୁ ଗତିଶୀଳ କରିବ। ତେବେ ଗୋୟଲଙ୍କ ବିବୃତିକୁ ନେଇ ଅସନ୍ତୁଷ୍ଟ ବିରୋଧୀ ଦଳଗୁଡ଼ିକର ସଦସ୍ୟମାନେ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ସ୍ପଷ୍ଟୀକରଣ ଲୋଡ଼ି ହଟ୍ଟଗୋଳ କରଥିଲେ।

## ଓଡ଼ିଶା ଚାହୁଁଛି ...

ଆନ୍ତଃରାଜ୍ୟ ନଦୀଜଳ ବିବାଦ ଆଇନ–୧୯୫୬ର ଧାରା–୫(୨) ଅନୁସାରେ ଟ୍ରିବ୍ୟୁନାଲର ରିପୋର୍ଟ ଓ ନିଷ୍ପତ୍ତି ୩ ବର୍ଷ ମଧ୍ୟରେ ଦାଖଲ କରାଯିବା କଥା। ମାତ୍ର ୨୦୨୧ ମାର୍ଚ୍ଚ ୧୧ର ଧାର୍ଯ୍ୟ ସମୟସୀମା ଶେଷ ହେଉଥିଲେ ମଧ୍ୟ ଟ୍ରିବ୍ୟୁନାଲ ରିପୋର୍ଟ ଦେବାରେ ବିଫଳ ହେବା ପରେ କେନ୍ଦ୍ର ସରକାର ଏହି ଅବଧିକୁ ଆଉ ୨ ବର୍ଷ ଅର୍ଥାତ୍ ୨୦୨୩ ମାର୍ଚ୍ଚ ୧୧ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। କରୋନା ମହାମାରୀ ଯୋଗୁ ୨୦୨୦ ମାର୍ଚ୍ଚରୁ ୨୦୨୧ ଜୁନ୍ ପର୍ଯ୍ୟନ୍ତ କାର୍ଯ୍ୟ କରିପାରି ନ ଥିବା ଦର୍ଶାଇ ଟ୍ରିବ୍ୟୁନାଲ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ପୁଣିଥରେ ଅବଧି ବୃଦ୍ଧି ପାଇଁ ଅନୁରୋଧ କରାଯାଇଥିଲା। ତେବେ ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା। ଏହା ଉପରେ ରାଜ୍ୟର ପ୍ରାୟ ୧୬ଟି ଜିଲାର ଲୋକେ ପାନୀୟଜଳ, କୃଷିକାର୍ଯ୍ୟ ସହ ଶିଳ୍ପ ପାଇଁ ନିର୍ଭରଶୀଳ। ମାତ୍ର ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ସରକାର ୬୦ରୁ ଊର୍ଦ୍ଧ୍ୱ ବନ୍ଧ ନିର୍ମାଣକରି ଜଳବିବାଦ ସୃଷ୍ଟି କରିଥିଲେ। ଏହାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୬ରେ ସୁପ୍ରିମ୍‌କୋର୍ଟରେ ଅଭିଯୋଗ କରାଯାଇଥିଲା। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ର ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ୨୦୧୮ ମାର୍ଚ୍ଚ ୧୨ରେ ୩ ଜଣିଆ ଖଣ୍ଡପୀଠଙ୍କୁ ନେଇ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲ ଗଠନ କରିଥିଲେ। ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶକ୍ରମେ ଉଭୟ ରାଜ୍ୟର ବୈଷୟିକ କମିଟି ବାରମ୍ବାର ଗସ୍ତ କରିଥିଲେ ମଧ୍ୟ ତାହା ସମାଧାନ ଦିଗରେ ଅଗ୍ରସର ହୋଇ ନ ଥିଲା। ୨୦୨୩ ମେ'୧୯ରେ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ବିଚାରପତି ଏ.ଏମ୍. ଖାନୱିଲକରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ୧୦ ଦିନିଆ ଓଡ଼ିଶା ଗସ୍ତରେ ଆସିଥିଲା। ଏହାପୂର୍ବରୁ ଛତିଶଗଡ଼ର ବ୍ୟାରେଜ୍ ଅଞ୍ଚଳକୁ କେନ୍ଦ୍ରୀୟ ଟ୍ରିବ୍ୟୁନାଲ ଦଳ ପରିଦର୍ଶନ କରିଥିଲା। ଟ୍ରିବ୍ୟୁନାଲ ଅଧ୍ୟକ୍ଷଙ୍କ ଗସ୍ତକୁ ନେଇ ଜଳସମ୍ପଦ ବିଭାଗ ତତ୍ପରତା ଦେଖାଇଥିଲା।

## ୯ ମହଲାରୁ...

ନିଷ୍ପତ୍ତି ନେଇଛନ୍ତି। ଏହି ଘଟଣାଟି ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟ ଏବଂ ଅନ୍‌ଲାଇନ ଗେମିଂର କୁପ୍ରଭାବ ବିଷୟରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପୋଲିସ ତଦନ୍ତରୁ ଜଣାପଡିଛି ଯେ, ୩ ଭଉଣୀ କୋରିଆନ ସଂସ୍କୃତି ଦ୍ୱାରା ଏତେ ପ୍ରଭାବିତ ଥିଲେ ଯେ ସେମାନେ ନିଜର କୋରିଆନ ନାମ ମଧ୍ୟ ରଖିଥିଲେ। ସେମାନେ ନିଜକୁ 'କୋରିଆନ ରାଜକୁମାରୀ' ବୋଲି ଭାବୁଥିଲେ ଏବଂ ଭବିଷ୍ୟତରେ କୋରିଆ ଯିବାକୁ ଚାହୁଁଥିଲେ। ଉକ୍ତ ଗେମ୍‌ରେ ୩ ଭଉଣୀଙ୍କୁ ନିୟମିତ କିଛି 'ଟାସ୍କ' ଦିଆଯାଉଥିଲା, ଯାହା ସେମାନଙ୍କୁ ମାନସିକ ସ୍ତରରେ ଗଭୀର ଭାବେ ପ୍ରଭାବିତ କରିଥିଲା। ଏନେଇ ତଦନ୍ତ କରାଯାଉଥିବା ଏସିପି ଅତୁଲ କୁମାର ସିଂ କହିଛନ୍ତି। ପୋଲିସକୁ ସେମାନଙ୍କ ଘରୁ ଏକ ଡାଏରୀ ମିଳିଛି। ସେଥିରେ ସେମାନେ ଲେଖିଛନ୍ତି, 'ସରି ପାପା... ଆମେ କୋରିଆକୁ ଛାଡ଼ି ରହିପାରିବୁ ନାହିଁ। କୋରିଆ ହିଁ ଆମର ଜୀବନ। ଆପଣ ଆମକୁ ସେଠାରୁ ଅଲଗା କରିପାରିବେ ନାହିଁ, ସେଥିପାଇଁ ଆମେ ଆତ୍ମହତ୍ୟା କରୁଛୁ।'

ପିଲାମାନଙ୍କ ବାପା ଚେତନ କୁମାର କହିଛନ୍ତି, ତାଙ୍କ ଝିଅମାନେ ଗତ ୨/୩ ବର୍ଷ ହେବ ଏହି ଗେମ୍ ଖେଳୁଥିଲେ। ସେ ଭାବିଥିଲେ ଏହା ସାଧାରଣ ଗେମ୍ ଭଳି, ଯାହା ପିଲାମାନେ ଖେଳନ୍ତି। ଝିଅମାନେ ସବୁବେଳେ କହୁଥିଲେ ଯେ ସେମାନେ କୋରିଆ ଯିବାକୁ ଚାହାନ୍ତି। ମଙ୍ଗଳବାର ରାତିରେ ସମସ୍ତେ ଶୋଇଥିବାବେଳେ ଝିଅମାନେ ପାଣି ପିଇବା ବାହାନାରେ ଉଠିଥିଲେ। ସେମାନେ ଭିତରୁ କବାଟ ବନ୍ଦ କରିଦେଇଥିଲେ ଏବଂ ନିଜର ଫୋନଗୁଡ଼ିକୁ ବାହାରକୁ ଫିଙ୍ଗିଦେଇଥିଲେ। ଏହାପରେ ସେମାନେ ବାଲ୍‌କୋନିରୁ ଡେଇଁ ପଡ଼ିଥିଲେ।

ଡିସିପି ନିମିଷ ପାଟିଲ କହିଛନ୍ତି, ଚେତନ ୨ ଥର ବିବାହ କରିଥିବାବେଳେ ତାଙ୍କର ୪ ଝିଅ ଓ ଗୋଟିଏ ପୁଅ ଥିଲେ। ସବୁ ପରିବାର ସଦସ୍ୟ ଏକାଠି ରହୁଥିଲେ। ଆତ୍ମହତ୍ୟା କରିଥିବା ୩ ଭଉଣୀ ୨୦୨୦ କରୋନା କାଳରୁ ପ୍ରାୟତଃ ସ୍କୁଲ ଯିବା ବନ୍ଦ କରିଦେଇଥିଲେ। ୧୬ ବର୍ଷର ବଡ଼ ଭଉଣୀ ଏବେ ମଧ୍ୟ ଚତୁର୍ଥ ଶ୍ରେଣୀରେ ପଢୁଥିବା ଜଣାପଡ଼ିଛି। ପାଠପଢ଼ାରେ ଖରାପ ଫଳାଫଳ ଯୋଗୁ ସେମାନେ ଲଜ୍ଜିତ ଅନୁଭବ କରୁଥିଲେ ଏବଂ ସବୁବେଳେ ଘର ଭିତରେ ବନ୍ଦ ହୋଇ ରହୁଥିଲେ। ମଝିଆ ଭଉଣୀ ପ୍ରାଚୀ ନିଜକୁ 'ବସ୍' ବୋଲି କହୁଥିଲେ ଏବଂ ଅନ୍ୟ ଦୁଇ ଭଉଣୀ ତାଙ୍କ ନିର୍ଦ୍ଦେଶ ମାନୁଥିଲେ। ସେମାନେ ଖାଇବା, ପିଇବା ଏବଂ ଗାଧୋଇବା ସବୁକିଛି ଏକାଠି ହିଁ କରୁଥିଲେ। ଯେତେବେଳେ ମା'ବାପା ସେମାନଙ୍କୁ ମୋବାଇଲ ବ୍ୟବହାର କରିବାକୁ ମନାକଲେ, ସେମାନେ ଏହାକୁ ସହ୍ୟ କରିପାରିଲେ ନାହିଁ। ସେମାନଙ୍କ ପାଇଁ କୋରିଆନ ଡ୍ରାମା ଏବଂ ଗେମ୍‌ରୁ ଦୂରେଇରହିବା ଜୀବନ ହାରିବା ସହିତ ସମାନ ଥିଲା। ଏହି ତିନି ଭଉଣୀ ବାହାର ଦୁନିଆରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଥିଲେ। ସେମାନେ ସବୁବେଳେ ଏକାଠି ରହୁଥିଲେ ଏବଂ ଏକାଠି ହିଁ କୋରିଆନ କଣ୍ଟେଣ୍ଟ ଦେଖୁଥିଲେ। ଯେଉଁ ଅନ୍‌ଲାଇନ ଗେମ୍ ଭିତରେ ନିଜକୁ ହଜାଇ ଦେଇଥିଲେ ସେହି ଗେମ୍ ହିଁ ୩ ଭଉଣୀଙ୍କ ପାଇଁ ଶେଷରେ ଘାତକ ସାଜିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଉତ୍ତରାଫାଲଗୁନୀ ନକ୍ଷତ୍ରରେ ଚନ୍ଦ୍ର କର୍ମଜଞ୍ଜାଳଜନିତ ବ୍ୟସ୍ତତା ବୃଦ୍ଧି କରାଇପାରନ୍ତି। ସ୍ୱାସ୍ଥ୍ୟୋନ୍ନତି ଓ କାର୍ଯ୍ୟସିଦ୍ଧିରୁ ଯେତିକି ଖୁସି ହେବେ ଭ୍ରାତୃବିବାଦ ଓ ବନ୍ଧୁସମ୍ପର୍କହାନିରୁ ସେତିକି ଦୁଃଖୀ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା ସହ ସାଂସ୍କୃତିକ କିମ୍ବା ଧର୍ମାନୁଷ୍ଠାନ ଦିଗ ପାଇଁ ଯୋଜନା କରିପାରନ୍ତି।

**ବୃଷ**
ରବି ତୃତୀୟାଧିପତିଙ୍କ ନକ୍ଷତ୍ରସ୍ଥ ଯୋଗୁ ଆପଣଙ୍କୁ ବନ୍ଧୁବର୍ଗ ଓ ପ୍ରିୟଜନଙ୍କ ଘରୋଇ କାମରେ ନିୟୋଜିତ କରାଇବାର ସ୍ଥିତି ଆସିବ। ଅସ୍ଥିରମନ ନେଇ, ବିବାଦୀୟ ଘଟଣାରେ ମଧ୍ୟସ୍ଥତା କରି ସମାଲୋଚିତ ହେବେ। ସନ୍ତାନ ହେତୁକ କିମ୍ବା ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ରାଦିରେ ବିବାଦୀୟ ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ମିଥୁନ**
ଧନିଷ୍ଠା ନକ୍ଷତ୍ରସ୍ଥ ବୁଧ ବନ୍ଧୁଙ୍କ ସହ ମତାନ୍ତରଜନିତ ଅଶାନ୍ତିକର ପରିସ୍ଥିତି ସୃଷ୍ଟି କରିପାରେ। ସ୍ନାୟବିକ ଦୁର୍ବଳତା କିମ୍ବା ଅସାବଧାନତାରୁ ଆଘାତପ୍ରାପ୍ତ ହେବେ। ସ୍ଥଗିତ ଫାଇଲ୍ କାମ କିମ୍ବା ଦାୟିତ୍ୱରେ ଅବହେଳାଜନିତ କର୍ମ କ୍ଷେତ୍ରରେ କୈଫିୟତ୍ ଦେବାକୁ ପଡ଼ିବ। ବ୍ୟବସାୟ ଓ ପରିବହନରେ କୌଣସି ପରିବର୍ତ୍ତନ ପରିଲକ୍ଷିତ ହେବନାହିଁ।

**କର୍କଟ**
ଶୁକ୍ର କର୍ମାଧିପତିଙ୍କ ନକ୍ଷତ୍ରରେ ଥିବାରୁ ପାରିବାରିକ କ୍ଷେତ୍ରରେ ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। କେତେକ କ୍ଷେତ୍ରରେ କ'ଣ କରିବେ କିମ୍ବା ନ କରିବେ ସ୍ଥିର କରିପାରିବେ ନାହିଁ। ଯାହାକୁ ନିଜର ଭାବିବେ ତାହା ଉପରେ ଭରସା ମଧ୍ୟ କରି ନ ପାରନ୍ତି। ପିଲାଙ୍କ ସ୍ୱାସ୍ଥ୍ୟ, ଅର୍ଥ ସମ୍ପର୍କ, ଆଲୋଚନାରେ ସଫଳତା ପାଇବା ଆଶା କରାଯାଇପାରେ।

**ସିଂହ**
ମଙ୍ଗଳ ଉଚ୍ଚଭାବରେ ରହିଥିବାରୁ ଘରର ବାକିଆ କାମ ବନ୍ଧୁଙ୍କ ପରାମର୍ଶରେ ହାସଲ କରିପାରିବେ। ସାମାଜିକ ସ୍ତରରେ ଲୋକପ୍ରିୟତା ବୃଦ୍ଧି ସାଙ୍ଗକୁ ପାରିବାରିକ ଓ କର୍ମକ୍ଷେତ୍ରରେ ବିଶେଷ କିଛି ଅସୁବିଧା ନ ଘଟିପାରେ। ଜମିଜମା କିମ୍ବା ଯାନ୍ତ୍ରିକ ଦ୍ରବ୍ୟ କ୍ରୟ, ଚୁକ୍ତିନାମା, ବିବାଦ ସମାଧାନ କ୍ଷେତ୍ରରେ ପାଦେ ଆଗକୁ ବଢ଼ିପାରନ୍ତି।

**କନ୍ୟା**
କେନ୍ଦ୍ରସ୍ଥ ଦେବଗୁରୁ କାର୍ଯ୍ୟହାସଲ ସକାଶେ ଅନୁକୂଳ ସାହାଯ୍ୟ, ସହଯୋଗ ଯୋଗାଇ ଦେବେ। କିଛି ଚିନ୍ତା ନ କରି ଯାହା କରିବା କଥା ଶୀଘ୍ର ଆରମ୍ଭ କଲେ ଭଲ। ସ୍ଥାନୀୟ ବ୍ୟକ୍ତିଙ୍କ ଦ୍ୱାରା ପାରିବାରିକ ସମସ୍ୟା ସମାଧାନ ହେବ। ଅର୍ଥସଙ୍କଟକୁ ସୁଧାରିବା କିମ୍ବା ଆବଶ୍ୟକତା ପୂରଣ ସକାଶେ କରଜ କରିବାକୁ ମନସ୍ଥ କରିପାରନ୍ତି।

**ତୁଳା**
ଶନିଶ୍ଚର ଉତ୍ତରଭାଦ୍ରପଦ ନକ୍ଷତ୍ରରେ ଅବସ୍ଥାନ କରି ବନ୍ଧୁଙ୍କ ସହାୟତାରେ ଲକ୍ଷ୍ୟପୂରଣ କରିବେ। ଗୃହ ନିର୍ମାଣ, ଯାନ ମରାମତି ପ୍ରଭୃତି ପାଇଁ ଦିନଟି ଅନୁକୂଳ। ଯାତ୍ରା କାଳରେ ମିତ୍ରତାର ବନ୍ଧନରେ ଆବଦ୍ଧ ହୋଇ ନୂତନ ଯୋଜନାରମ୍ଭ ସକାଶେ ମନ ବଳାଇବେ। ନୂଆ କମ୍ପାନୀରେ ଅଫର୍, ବିଦେଶ ଯାତ୍ରା ଅଥବା ତୀର୍ଥାଟନର ସୁଯୋଗ ଜୁଟିବ।

**ବିଛା**
ଆତ୍ମୀୟଙ୍କ ସମ୍ପର୍କହାନି କିମ୍ବା ପର ଉପରେ ଅଭିମାନ କରି ବର୍ତ୍ତମାନର ସୁଯୋଗର ସଦ୍ ବ୍ୟବହାରକୁ ହରେଇପାରନ୍ତି। ବାଣିଜ୍ୟ, ପରିବହନ, ବନ୍ଧୁସମ୍ପର୍କରେ ସମସ୍ୟାଜନିତ ବ୍ୟସ୍ତତା ବୃଦ୍ଧି ପାଇପାରେ। ମଙ୍ଗଳଙ୍କ ସୁପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟାର ନିୟନ୍ତ୍ରଣ, ସ୍ଥଗିତ କାର୍ଯ୍ୟାରମ୍ଭ ଓ ଅଧ୍ୟୟନ, ଅଧ୍ୟାପନା କ୍ଷେତ୍ରରେ ଉନ୍ନତି ଘଟିବ।

**ଧନୁ**
ଅଷ୍ଟମାଧିପତି କର୍ମଭାବସ୍ଥ ଯୋଗୁ ଆଜି ସବୁଥିରେ ସମସ୍ୟାର ସମ୍ମୁଖୀନ ହେବେ। ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ କାମ କଲେ ସଫଳତା ପାଇପାରନ୍ତି। ସଂକୁଚିତ ଅର୍ଥନୀତି, କାର୍ଯ୍ୟ ସାଧନରେ ଶିଥିଳତା ଓ ସହଯୋଗର ଅଭାବ ମନସ୍ତାପର କାରଣ ହେବ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଶିଳ୍ପ ବାଣିଜ୍ୟାଦିରୁ ପ୍ରତିବନ୍ଧକ ଦୂରେଇଯିବ।

**ମକର**
ଚନ୍ଦ୍ରଙ୍କ କୋଣସ୍ଥାନରେ ଚତୁଃଗ୍ରହ ଯୋଗ ଆପଣଙ୍କୁ ଅନେକ ଯୋଜନା, ଏକାଧିକ ଚିନ୍ତାରେ ନିମଗ୍ନ କରାଇପାରେ। ମାନସିକ ଅସ୍ଥିରତାରୁ ଯାହା କଲେ ମଧ୍ୟ ଅଗ୍ରଗତି ହୋଇ ପାରିବ ନାହିଁ। ସମ୍ପର୍କହାନି, ଅର୍ଥାଭାବ ଏବଂ ପିଲାଙ୍କ ସମସ୍ୟା ବ୍ୟଥିତ କରିବ। ପାରିବାରିକ କ୍ଷେତ୍ରରେ ବନ୍ଧୁଙ୍କ ହସ୍ତକ୍ଷେପ ଦ୍ୱାରା ସମସ୍ୟା ସମାଧାନ ହୋଇଯାଇପାରେ।

**କୁମ୍ଭ**
କାର୍ଯ୍ୟହାନି, ବନ୍ଧୁଙ୍କ ପ୍ରତାରଣା ଓ ଅର୍ଥପ୍ରାପ୍ତିର ଅବରୁଦ୍ଧତା ଦୁଶ୍ଚିନ୍ତାର କାରଣ ହୋଇପାରେ। ପାରିବାରିକକ୍ଷେତ୍ର ବୁଝାମଣା ଭିତ୍ତିରେ ଶୃଙ୍ଖଳିତ ରହିବା ସାଙ୍ଗକୁ କାର୍ଯ୍ୟସାଧନ ଦିଗରେ ବନ୍ଧୁଙ୍କ ସହ ବିଚାରବିମର୍ଶ କରିବେ। ଯାତ୍ରାରେ ବିଘ୍ନ ଆସିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବନାହିଁ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ।

**ମୀନ**
ଏକାଦଶସ୍ଥ ଗ୍ରହମାନେ ଆପଣଙ୍କ କର୍ମ ପରିସରକୁ ବୃଦ୍ଧି କରିବା ସହ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବେ। ପାରିବାରିକ ସ୍ଥିତି, ବନ୍ଧୁସମ୍ପର୍କ, ବ୍ୟବସାୟ, ଯାତ୍ରା ପାଇଁ ଦିନଟି ମଧ୍ୟମ ପ୍ରକାର ରହିବ। ସାହିତ୍ୟ, ରାଜନୀତି, ସଭାସମିତି, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ।

ଆଜି ଫେବୃଆରୀ ୫ ତାରିଖ, ଫାଲ୍‌ଗୁନ କୃଷ୍ଣ ଚତୁର୍ଥୀ ଗୁରୁବାର, ରାଶିନକ୍ଷତ୍ର–ଉତ୍ତରାଫାଲଗୁନୀ/କନ୍ୟା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ. ୦୬।୨୪ମି. ଗତେ ଘ.୦୭।୫୩ମି. ମଧ୍ୟେ, ଘ.୧୦।୫୩ମି. ଗତେ, ଘ.୦୧।୦୮ମି ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧।୨୪ମି. ଗତେ ଘ.୦୨।୪୮ମି. ମଧ୍ୟେ ରାହୁ କାଳ ।

# ୫ ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ

## ଓଡ଼ିଶାରୁ ଯିବେ ୩୨ ଆଇଏଏସ୍, ୫ ଆଇପିଏସ୍ ଅଫିସର

ଭୁବନେଶ୍ୱର,୪।୨
(ରବିନାରାୟଣ ଜେନା)

ଆସାମ, କେରଳ, ତାମିଲନାଡୁ, ପଶ୍ଚିମବଙ୍ଗ ଓ ପୁଡୁଚେରୀରେ ହେବାକୁଥିବା ବିଧାନସଭା ନିର୍ବାଚନ ପାଇଁ ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ଆୟୋଗଙ୍କ ପକ୍ଷରୁ ଅନୁସଚିବ ଏମ୍.ଏଲ୍. ମୀନା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ଜାନୁଆରୀ ୨୭ରେ ମୀନା ଦେଇଥିବା ପତ୍ରରେ ଦର୍ଶାଇଛନ୍ତି, ଗୁରୁବାରଠାରୁ ନୂଆଦିଲ୍ଲୀସ୍ଥିତ ଇଣ୍ଟରନ୍ୟାଶନାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସି ଆଣ୍ଡ ଇଲେକ୍ସନ ମ୍ୟାନେଜ୍‌ମେଣ୍ଟ ପରିସରରେ ୩ଟି ପର୍ଯ୍ୟାୟରେ ଦୁଇଦିନ ଧରି ବୈଠକ ହେବ। ତେଣୁ ଓଡ଼ିଶାରୁ ସଂପୃକ୍ତ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପୂର୍ବରୁ ସ୍ଥିର ହୋଇଥିବା ୩୨ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଏବଂ ୫ ଭାରତୀୟ ପୋଲିସ ସେବା(ଆଇପିଏସ୍) ଅଧିକାରୀ ଯୋଗଦେବାର ଆବଶ୍ୟକତା ରହିଛି। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ୨୦୦୦ ବ୍ୟାଚ୍‌ର ବରିଷ୍ଠ ଆଇଏଏସ୍ ଅଫିସର ତେମଜେୱାପଙ୍ଗ ଆଓଙ୍କ ସହିତ ମୃଣାଳିନୀ ଦର୍ଶାୱାଲ, ଗିରିଶ୍ ଏସ୍. ଏନ୍., ଅଶ୍ୱଥୀ ଏସ୍., ରାଜେଶ ପ୍ରଭାକର ପାଟିଲ, ସଚିନ ରାମଚନ୍ଦ୍ର ଯାଦବ, ଯାମିନୀ ଷଡ଼ଙ୍ଗୀ, ଗୁହା ପୁନମ୍ ତାପସ କୁମାର, ଭୂପେନ୍ଦ୍ର ସିଂ ପୁନିଆ, ବି. ପରମେଶ୍ୱରନ୍, ଏନ୍. ଥିରୁମାଲା ନାୟକ, ବିଜୟ କେତନ ଉପାଧ୍ୟାୟ, ଏମ୍‌ଡି ସିଦ୍ଦିକ୍ ଆଲାମ, ବୃନ୍ଦା ଡି., ସୁଧାଂଶୁ ମୋହନ ସାମଲ, କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଅରିନ୍ଦମ ଡାକୁଆ, ଗଣେଶ୍ୱର ଜେନା, ବଜୟ କୁମାର ଦାଶ, ଲକ୍ଷ୍ମୀକାନ୍ତ ପ୍ୟାରୀଲାଲ ପ୍ରଧାନ, ଦେବେନ୍ କୁମାର ପ୍ରଧାନ, ପୁମା ଟୁଡୁ, ବିନିତ ଭରଦ୍ୱାଜ, ବିଜୟ ଅମୃତା କୁଲାଙ୍ଗେ, ଶୁଭମ୍ ସକ୍ସେନା, ମଧୁସ୍ମିତା ସାହୁ, ମୃଣାଳକାନ୍ତି ଦାସ, ପ୍ରଦୀପ କୁମାର ନାୟକ, ଧର୍ମା ହାଁସ୍‌ଦା, ଯେଦୁଲ୍ଲା ବିଜୟ, ମୋନିକା ପ୍ରିୟଦର୍ଶିନୀ, ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରମୁଖ ରହିଛନ୍ତି। ଏହାସହିତ ଆଇପିଏସ୍‌ଙ୍କ ମଧ୍ୟରେ ଗଜଭିୟେ ସତିଶ୍ କୁମାର ଆଇ., ଅବିନାଶ କୁମାର, ସତ୍ୟଜିତ୍ ନାୟକ, ବାତୁଲ ଗଙ୍ଗାଧର ଓ ଯୁଗଳ କିଶୋର କୁମାର ବନଥ ପ୍ରମୁଖ ରହିଛନ୍ତି।

ଏହି ଅବସରରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସଂପୃକ୍ତ ୫ ରାଜ୍ୟରେ ହେବାକୁଥିବା ବିଧାନସଭା ନିର୍ବାଚନ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହେବ। ଆଦର୍ଶ ଆଚରଣବିଧି ଲାଗୁଠାରୁ ଆରମ୍ଭକରି ଇଭିଏମ୍, ଭିଭିପିଏଟିର ସୁପରିଚାଳନା ଏବଂ ସୂଚନା ପ୍ରଯୁକ୍ତି ସହିତ ଗଣମାଧ୍ୟମ ପରିଚାଳନା ଉପରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ତଥ୍ୟ ପ୍ରଦାନ କରାଯିବ।




# ଜଙ୍ଗଲ ନିଆଁ ରୋକିବାକୁ ୨୦,୪୬୧ କି.ମି. ଫାୟାର ଲାଇନ ସୃଷ୍ଟି

## ଜାନୁଆରୀରେ ୩୪୧ ବନାଗ୍ନି ସ୍ଥଳ ଚିହ୍ନଟ

- ବିଭିନ୍ନ ରେଞ୍ଜ, ବିଟ୍ ସ୍ତରରେ ୩୩୪ ସ୍ୱତନ୍ତ୍ର ସୁରକ୍ଷା ଦଳ ମୁତୟନ
- ଜଙ୍ଗଲରେ ନିଆଁ ଲଗାଉଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱର, ୪।୨(ବନ୍ଦନା ସେଠୀ)

ଓଡ଼ିଶାରେ ଜାନୁଆରୀରୁ ଜୁନ୍ ପର୍ଯ୍ୟନ୍ତ ସମୟକୁ ସାଧାରଣତଃ ବନାଗ୍ନି ଋତୁ ବା ଜଙ୍ଗଲ ନିଆଁ ଋତୁ ବୋଲି କୁହାଯାଇଥାଏ। ସେହିପରି ମାର୍ଚ୍ଚ–ଏପ୍ରିଲରେ ସବୁଠାରୁ ଅଧିକ ନିଆଁ ଲାଗିଥାଏ। ତେଣୁ ଆସନ୍ତା ବନାଗ୍ନି ଋତୁରେ ଜଙ୍ଗଲ ନିଆଁକୁ ସଫଳତାର ସହ ମୁକାବିଲା ପାଇଁ ବନ ବିଭାଗ ପକ୍ଷରୁ ବୈଷୟିକ କୌଶଳ ସହ ବ୍ୟାପକ ପ୍ରସ୍ତୁତି କରାଯାଇଛି। ୨୦୨୫ରେ ରାଜ୍ୟରେ ପ୍ରାୟ ୨୯,୭୦୯ଟି ବନାଗ୍ନି ସ୍ଥଳ ଚିହ୍ନଟ ହୋଇଥିଲା। କେବଳ ଜାନୁଆରୀରେ ୬୭୦ଟି ଜଙ୍ଗଲରେ ନିଆଁ ଲାଗିଥିଲା। ତେବେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁ ପ୍ରାୟ ୯୯.୭ ପ୍ରତିଶତ ଘଟଣାକୁ ନିୟନ୍ତ୍ରଣ କରାଯାଇ କ୍ଷତିର ପରିମାଣକୁ ସର୍ବନିମ୍ନ କରାଯାଇଥିଲା। ୨୦୨୬ ଜାନୁଆରୀରେ ୩୪୧ଟି ବନାଗ୍ନି ସ୍ଥଳ ଚିହ୍ନଟ ହୋଇଛି। ପୂର୍ବବର୍ଷର ସଫଳତାକୁ ଆଧାର କରି ଚଳିତବର୍ଷ ରାଜ୍ୟର ସମସ୍ତ ଜିଲା ପାଇଁ ସ୍ୱତନ୍ତ୍ର କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି। ବିଶେଷକରି ଜଙ୍ଗଲ ମଧ୍ୟରେ ନିଆଁ ବ୍ୟାପିବାକୁ ରୋକିବା ପାଇଁ ପ୍ରାୟ ୨୦,୪୬୧ କି.ମି. ଦୈର୍ଘ୍ୟର ଅଗ୍ନିରୋଧକ ରେଖା (ଫାୟାର ଲାଇନ୍) ସୃଷ୍ଟି କରାଯାଇଛି। ପ୍ରାରମ୍ଭିକ ସ୍ତରରେ ନିଆଁ ଲାଗିଥିବା ସ୍ଥାନକୁ ଚିହ୍ନଟ ପାଇଁ ଏଆଇ ସଞ୍ଚାଳିତ କ୍ୟାମେରା ଏବଂ ଡ୍ରୋନ୍ ବ୍ୟବହାର କରାଯାଉଛି ବୋଲି ପିସିସିଏଫ୍ କେ.ମୁରୁଗେଶନ୍ ସୂଚନା ଦେଇଛନ୍ତି।

ବୁଧବାର ଅରଣ୍ୟ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ଅଧିକ ସୂଚନା ଦେଇ ପିସିସିଏଫ୍ କହିଛନ୍ତି, ବନାଗ୍ନି ରୋକିବା ପାଇଁ ବିଭିନ୍ନ ରେଞ୍ଜ ଏବଂ ବିଟ୍ ସ୍ତରରେ ୩୩୪ଟି ସ୍ୱତନ୍ତ୍ର ସୁରକ୍ଷା ଦଳ ମୁତୟନ ହୋଇଛନ୍ତି। ସେମାନଙ୍କୁ ୫,୦୦୦ରୁ ଅଧିକ ଲିଫ ବ୍ଲୋଅର୍ ଓ ଅନ୍ୟାନ୍ୟ ଅଗ୍ନି ନିର୍ବାପକ ସାମଗ୍ରୀ ଯୋଗାଇ ଦିଆଯାଇଛି। କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ୬୩୧ରୁ ଅଧିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇଥିବାବେଳେ ପ୍ରାୟ ୨୦୦ଜଣ ଏନ୍‌ଡିଆର୍‌ଏଫ୍ କର୍ମଚାରୀଙ୍କୁ ବନାଗ୍ନି ପ୍ରତିରୋଧ ପାଇଁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି। ଏଥିସହ ବନ ସୁରକ୍ଷା ସମିତି ଏବଂ ଇକୋ–ଡେଭଲପ୍‌ମେଣ୍ଟ କମିଟି ମାଧ୍ୟମରେ ପ୍ରାୟ ୩୩୬ଟି ଗ୍ରାମରେ ସଚେତନତା ସୃଷ୍ଟି କରାଯାଉଛି। ବନ୍ୟଜନ୍ତୁ ଶିକାର ଲକ୍ଷ୍ୟରେ ନିଆଁ ଲଗାଉଥିବା ଶିକାରୀ ଓ ଅନ୍ୟ ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପିସିସିଏଫ୍ ଚେତାବନୀ ଦେଇଛନ୍ତି। ସେହିପରି ବିଡ଼ି, ସିଗାରେଟ୍ ଟାଣିବା ପରେ ଏହାର ଅଂଶକୁ ଜଙ୍ଗଲରେ ନ ପକାଇବା, ପୋଡ଼ୁଚାଷ ପାଇଁ ଜଙ୍ଗଲ ମଧ୍ୟରେ ଥିବା ଜମିରେ ନିଆଁ ନ ଲଗାଇବାକୁ ଅନୁରୋଧ କରାଯାଇଛି। ଜଙ୍ଗଲ ନିଆଁ ନେଇ ସୂଚନା ଦେବା ପାଇଁ ଟୋଲ୍ ଫ୍ରି ନମ୍ବର ୧୮୦୦୩୪୫୭୧୫୮ ଜାରି କରାଯାଇଛି। ଅପରପକ୍ଷେ ଏବେ ଶିମିଳିପାଳ ଓ ରାଉରକେଲା ଜଙ୍ଗଲରେ ସାଟେଲାଇଟ୍ କ୍ୟାମେରା ଲଗାଯାଇଥିବାବେଳେ ଅଧିକ ସଂଖ୍ୟକ ସାଟେଲାଇଟ୍ କ୍ୟାମେରା ଲଗାଯିବା ନେଇ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଏହା ମଞ୍ଜୁର ହେଲେ ଆଉ ୧୦ରୁ ୧୨ ଟି ସ୍ଥାନରେ ସାଟେଲାଇଟ୍ କ୍ୟାମେରା ଲଗାଯିବ ବୋଲି କଞ୍ଜରଭେଟର ଅଫ୍ ଫରେଷ୍ଟ କାର୍ତ୍ତିକ୍ ଭି. ସୂଚନା ଦେଇଛନ୍ତି।

# ୧୦ ଦିନରେ ୫,୪୫୧ ନିଖୋଜ ବ୍ୟକ୍ତି ଉଦ୍ଧାର

## ଓଡ଼ିଶା ପୋଲିସର ଅପରେଶନ ଅନ୍ୱେଷଣ-୨

କଟକ,୪।୨(କାର୍ତ୍ତିକ ସାହୁ)

ଓଡ଼ିଶା ପୋଲିସର ଅପରେଶନ ଅନ୍ୱେଷଣ–୨ ଅଭିଯାନରେ ୧୦ ଦିନ ମଧ୍ୟରେ ରେକର୍ଡ ସଂଖ୍ୟକ ୫,୪୫୧ଜଣ ନିଖୋଜ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ତନ୍ମଧ୍ୟରେ ୭୭ଜଣ ନାବାଳକ, ୭୦୯ ନାବାଳିକା ଓ ୪,୬୬୫ଜଣ ମହିଳା ରହିଛନ୍ତି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଚଳିତ ଜାନୁଆରୀ ୨୧ରୁ ୩୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ପୋଲିସ ପକ୍ଷରୁ ରାଜ୍ୟବ୍ୟାପୀ ‘ଅପରେଶନ ଅନ୍ୱେଷଣ–୨’ ଅଭିଯାନ କରାଯାଇଥିଲା। ରାଜ୍ୟର ସମସ୍ତ ଜିଲା ଓ ସହରାଞ୍ଚଳ ପୋଲିସ ଅଭିଯାନରେ ସାମିଲ ହୋଇଥିଲେ।

ସୂଚନାନୁସାରେ, ପୁରୀ ଜିଲା ପୋଲିସ ସର୍ବାଧିକ ୬୧୩ଜଣ ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରିଥିବା ବେଳେ କଟକ ଜିଲା ୫୦୧, ଭଦ୍ରକ ଜିଲା ପୋଲିସ ୪୨୯ଜଣଙ୍କୁ ଉଦ୍ଧାର କରିଛନ୍ତି। ଗଞ୍ଜାମ ଜିଲା ୪୧୩, କେନ୍ଦ୍ରାପଡ଼ା ୩୪୬, ଯାଜପୁର ୨୭୧, ବରଗଡ଼ ୨୩୬, ଅନୁଗୋଳ ୨୧୦, ଢେଙ୍କାନାଳ ୨୦୬, ଜଗତ୍‌ସିଂହପୁର ୧୭୭, ନୂଆପଡ଼ା ୧୭୩, ବ୍ରହ୍ମପୁର ୧୭୦, କେନ୍ଦୁଝର ୧୬୧, ସୁନ୍ଦରଗଡ଼ ୧୩୫, କଟକ ସହରାଞ୍ଚଳ ୧୩୪, କଳାହାଣ୍ଡି ୧୩୩, ନୟାଗଡ଼ ୧୨୭, ବାଲେଶ୍ୱର ୧୨୫, ମୟୂରଭଞ୍ଜ ଜିଲା ପୋଲିସ ୧୧୯ଜଣ ନିଖୋଜ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ସେହିପରି ବାକି ଜିଲାଗୁଡ଼ିକରୁ ୭୭୨ଜଣ ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଛି।

# ୪୯ ଜଣ ପାଇଲେ ‘ବିଶିଷ୍ଟ ରେଳ ସେବା ପୁରସ୍କାର’

## ବିଭିନ୍ନ ରେଳ ମଣ୍ଡଳ ଓ ରେଳ ୟୁନିଟ୍‌କୁ ଦକ୍ଷତା ସିଲ୍ଡ ପ୍ରଦାନ

ଭୁବନେଶ୍ୱର,୪।୨(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ରେଳ ଅଡିଟୋରିୟମଠାରେ ବିଶିଷ୍ଟ ରେଳ ସେବା ପୁରସ୍କାର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୋଟ ୪୯ଜଣ ରେଳ କର୍ମଚାରୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇଛି। ଏଥିସହ କାର୍ଯ୍ୟଦକ୍ଷତା ପାଇଁ ବିଭିନ୍ନ ରେଳ ମଣ୍ଡଳ ଏବଂ ରେଳ ୟୁନିଟ୍‌କୁ ବିଭିନ୍ନ ଦକ୍ଷତା ସିଲ୍ଡ ପ୍ରଦାନ କରାଯାଇଛି।

ଦୃଷ୍ଟାନ୍ତମୂଳକ ସେବା, ସାଧୁତା ଓ ବୃତ୍ତିଗତ ଉତ୍କର୍ଷତା ପାଇଁ ପୂର୍ବତଟ ରେଳପଥର ବିଭିନ୍ନ ବିଭାଗ ଏବଂ ମଣ୍ଡଳର ୪୯ଜଣ ରେଳ କର୍ମଚାରୀଙ୍କୁ ସମ୍ମାନଜନକ ‘ବିଶିଷ୍ଟ ରେଳ ସେବା ପୁରସ୍କାର–୨୦୨୫’ ପ୍ରଦାନ କରାଯାଇଛି। ଏମାନଙ୍କ ମଧ୍ୟରେ ପରିଚାଳନା, ଇଞ୍ଜିନିୟରିଂ, ଯାନ୍ତ୍ରିକ, ବୈଦ୍ୟୁତିକ, ସିଗ୍ନାଲ ଏବଂ ଟେଲିକମ୍ୟୁନିକେଶନ, ବାଣିଜ୍ୟିକ, ସୁରକ୍ଷା ଏବଂ ଅନ୍ୟାନ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ରହିଛନ୍ତି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଏହି ପୁରସ୍କାର ପ୍ରଦାନ କରିଛନ୍ତି।

ସେହିପରି ୱାଲଟିୟର ଓ ସମ୍ବଲପୁର ଡିଭିଜନକୁ ଉଚ୍ଚମାନର କାର୍ଯ୍ୟ, ସୁରକ୍ଷା ଏବଂ ସେବା ବଜାୟ ରଖିବାରେ ଉନ୍ନତ ପ୍ରଦର୍ଶନ ପାଇଁ ମିଳିତ ଭାବରେ ‘ସାମଗ୍ରିକ ଦକ୍ଷତା ସିଲ୍ଡ’ ପ୍ରଦାନ କରାଯାଇଛି। ସମ୍ବଲପୁର ରୋଡ୍ ରେଳ ମଣ୍ଡଳ ଅଧୀନରେ ଥିବା ସମ୍ବଲପୁର ଷ୍ଟେଶନ ଏବଂ ବରପାଲି ଷ୍ଟେଶନକୁ ସେମାନଙ୍କର ଉଲ୍ଲେଖନୀୟ ପରିଷ୍କାର ପରିଚ୍ଛନ୍ନତା ପାଇଁ ମାନ୍ୟତା ଦିଆଯାଇଛି। ସମ୍ବଲପୁର ଷ୍ଟେଶନକୁ ବଡ଼ ଷ୍ଟେଶନ ସ୍ୱଚ୍ଛତା ସିଲ୍ଡ ଏବଂ ବରପାଲି ଷ୍ଟେଶନକୁ ଛୋଟ ଷ୍ଟେଶନ ସ୍ୱଚ୍ଛତା ସିଲ୍ଡ ପ୍ରଦାନ କରାଯାଇଛି।

ସମାରୋହରେ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ସଭାପତି କବିତା ଫୁଙ୍କୱାଲ, ଅତିରିକ୍ତ ମହାପ୍ରବନ୍ଧକ ବି.ଏସ.କେ. ରାଜକୁମାର, ସମସ୍ତ ବିଭାଗୀୟ ଅଧିକାରୀ ଓ ସମସ୍ତ ରେଳ ମଣ୍ଡଳର ପ୍ରବନ୍ଧକମାନେ ଯୋଗଦେଇଥିଲେ। ରେଳପଥର ବରିଷ୍ଠ ଉପମହାପ୍ରବନ୍ଧକ ତଥା ମୁଖ୍ୟ ସତର୍କତା ଅଧିକାରୀ ଏ. କେ. ଚତୁର୍ବେଦୀ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ।

# ଆରମ୍ଭ ହେଲା କାରାଭାନ୍ ଟୁରିଜମ୍





‘କାରାଭାନ୍ ଟୁରିଜମ୍’ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଗାଡ଼ି।

ଭୁବନେଶ୍ୱର,୪।୨(ସୌମ୍ୟରଞ୍ଜନ ରାଉତ)

ପର୍ଯ୍ୟଟନ ବିଭାଗ ପକ୍ଷରୁ ଓଡ଼ିଶାରେ ଆରମ୍ଭ ହେଲା ‘କାରାଭାନ୍ ଟୁରିଜମ୍’। ଏଣିକି ନିଜେ କିମ୍ବା ପରିବାର ଓ ବନ୍ଧୁପରିଜନଙ୍କ ସହ ସ୍ୱତନ୍ତ୍ର ତଥା ଅତ୍ୟାଧୁନିକ ବ୍ୟବସ୍ଥା ଥିବା ଯାନରେ ପର୍ଯ୍ୟଟନସ୍ଥଳ ବୁଲିବାର ସୁଯୋଗ ପାଇବେ। ବିଭିନ୍ନ ସ୍ଥାନର ଖାଦ୍ୟପେୟ, ଐତିହ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ସ୍ଥଳୀର ନିଆରା ମଜା ନେଇପାରିବେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବୁଧବାର ଭୁବନେଶ୍ୱରସ୍ଥିତ ଶାନ୍ତିସ୍ତୂପ ଧଉଳିଠାରେ ଏହି ‘କାରାଭାନ୍ ଟୁରିଜମ୍’ର ଲୋକାର୍ପଣ କରିଛନ୍ତି। ଏହି ଅବସରରେ ସେ କହିଲେ, କାରାଭାନ୍ ଟୁରିଜମ୍ ୟୁରୋପୀୟ ଦେଶରେ ଖୁବ୍ ଲୋକପ୍ରିୟ। ଏ କ୍ଷେତ୍ରରେ ଆମର ଅନନ୍ୟ ପ୍ରୟାସ ଯୁବ ପର୍ଯ୍ୟଟକ ବିଶେଷକରି ଦୁଃସାହସିକ ଏବଂ ପ୍ରକୃତି ଆଧାରିତ ପର୍ଯ୍ୟଟନପ୍ରେମୀଙ୍କୁ ଆକର୍ଷିତ କରିବ। କାରାଭାନ ଯାତ୍ରା ବିଶେଷ ଭାବରେ ଶାନ୍ତ, କାନ୍ତ, କମନୀୟ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ସ୍ଥାନଗୁଡିକରେ ନୂତନ ଅଭିଜ୍ଞତା ଆଣିଦେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏକାମ୍ର ବିଧାୟକ ବାବୁ ସିଂ କହିଲେ, ‘କାରାଭାନ୍ ଟୁରିଜମ୍’ ଭଳି ନୂଆ ବ୍ୟବସ୍ଥା ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରକୁ ଆହୁରି ପରିବ୍ୟାପ୍ତ କରିବା ସହ ପର୍ଯ୍ୟଟକଙ୍କୁ ସୁଖଦ ଓ ସୁରକ୍ଷିତ ଯାତ୍ରା ଲକ୍ଷ୍ୟ ହାସଲ ଦିଗରେ ସହାୟକ ହୋଇପାରିବ। ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ସ୍ୱାଗତ ଭାଷଣରେ କହିଲେ, ପର୍ଯ୍ୟଟକମାନେ ନିଜ ସ୍ୱଚ୍ଛନ୍ଦରେ ପାର୍ବତ୍ୟାଞ୍ଚଳଠାରୁ ଆରମ୍ଭ କରି ଦୁର୍ଗମ ଗ୍ରାମାଞ୍ଚଳକୁ ପରିଭ୍ରମଣ କରିପାରିବେ। ଏହା ପର୍ଯ୍ୟଟକମାନଙ୍କୁ ଭ୍ରମଣଭିତ୍ତିକ ଭିନ୍ନ ଆନନ୍ଦ ପ୍ରଦାନ କରିବ। ପର୍ଯ୍ୟଟନ ବିଭାଗ ପକ୍ଷରୁ ରାଜ୍ୟର ହୀରାକୁଦ, ଶିମିଳିପାଳ, ଦାରିଙ୍ଗବାଡ଼ି, ଦେଓମାଳି, ତାଳସାରି, ପେଣ୍ଥ, ମଙ୍ଗଳାଯୋଡି, ଜିରାଙ୍ଗ ଓ ଅନ୍ୟାନ୍ୟ ମନୋରମ ସ୍ଥାନକୁ ଏହି କାରାଭାନ ଟୁରିଜମ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି। ବିଭାଗ ଦ୍ୱାରା ଭାଏବିଲିଟି ଗ୍ୟାପ୍ ଫଣ୍ଡିଂ (ଭିଜିଏଫ୍) ଅଧୀନରେ ସ୍ୟାଣ୍ଡ ପେବଲ୍ସ ଟୁର୍ସ ଆଣ୍ଡ ଟ୍ରାଭେଲ୍ସ ସଂସ୍ଥା ସହଯୋଗରେ ଏହି ଅଭିଯାନ ଆରମ୍ଭ ହୋଇଛି।

କାରାଭାନରେ ହୋଟେଲ ଭଳି ସବୁ ସୁବିଧା ମିଳିବ। ଏଥିରେ ବେଡ୍‌ରୁମ୍‌ଠାରୁ ଆରମ୍ଭ କରି କିଚେନ୍, ଶୌଚାଳୟ ଏବଂ ଅନ୍ୟାନ୍ୟ ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ଏହା ପର୍ଯ୍ୟଟକମାନଙ୍କୁ ଭ୍ରମଣ ସମୟରେ ପଞ୍ଚତାରକା ହୋଟେଲର ଅନୁଭୂତି ଦେବ। ପ୍ରଥମେ ଏହି କାରାଭାନ୍‌ରେ ଅନ୍ନଦା ପ୍ରସାଦ ପାଢ଼ୀ ଓ ଅର୍ଚ୍ଚନା ପାଢ଼ୀ ଧଉଳିରୁ ବାଲେଶ୍ୱର ଜିଲାର ତାଳସାରି ପର୍ଯ୍ୟଟନସ୍ଥଳକୁ ଭ୍ରମଣ କରିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସେମାନଙ୍କୁ ଟିକେଟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷା ନିରୁପମା ସାହୁ, ଧଉଳି ସରପଞ୍ଚ ଚନ୍ଦନ ମଲ୍ଲିକଙ୍କ ସମେତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ ଅତିରିକ୍ତ ଶାସନ ସଚିବ ରୁଦ୍ର ନାରାୟଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।




ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପର୍ଯ୍ୟଟକ ଦମ୍ପତି ଅନ୍ନଦା ପ୍ରସାଦ ପାଢ଼ୀ ଓ ଅର୍ଚ୍ଚନା ପାଢ଼ୀଙ୍କୁ ପ୍ରଥମ ଯାତ୍ରାର ଟିକେଟ ପ୍ରଦାନ କରୁଛନ୍ତି।

### ଲୋକାର୍ପଣ କଲେ ଉପମୁଖ୍ୟମନ୍ତ୍ରୀ

#### ଖାଦ୍ୟପେୟ, ସଂସ୍କୃତି ଜାଣିବା ସହ ପର୍ଯ୍ୟଟନ ସ୍ଥଳୀ ଭ୍ରମଣର ସୁଯୋଗ


3001/4/2526

୨୨ତମ
ଧଉଳି - କଳିଙ୍ଗ ମହୋତ୍ସବ
୬ - ୮ ଫେବୃୟାରୀ, ୨୦୨୬ | ୬.୩୦ ରୁ ୯ ଘଟିକା ପର୍ଯ୍ୟନ୍ତ
ଐତିହାସିକ ଧଉଳି ପାହାଡର ପାଦ ଦେଶ
ଭୁବନେଶ୍ୱର, ଓଡ଼ିଶା



କାର୍ଯ୍ୟକ୍ରମ ସୂଚୀ

୬ ଫେବୃୟାରୀ, ୨୦୨୬ (ଶୁକ୍ରବାର)
ଓଡିଶୀ ନୃତ୍ୟ
ଦେବମିତ୍ରା ସେନଗୁପ୍ତା ଓ ସାଥୀ
ମୟୁର ଲଳିତ ଏକାଡେମୀ
କୋଲକାତା
ପୁରୁଲିଆ ଛଉ ନୃତ୍ୟ
ସୁଶାନ୍ତ ମହାତୋ ଓ ସାଥୀ
କାଳିପଦ ଛଉ ନୃତ୍ୟ ସମିତି
ପୁରୁଲିଆ, ପଶ୍ଚିମବଙ୍ଗ

୭ ଫେବୃୟାରୀ, ୨୦୨୬ (ଶନିବାର)
ଓଡିଶୀ ନୃତ୍ୟ
ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ
ଭୁବନେଶ୍ୱର
ଭାରତନାଟ୍ୟମ
ଅରୂପା ଲାହିରୀ ଓ ସାଥୀ
ଭଦୋଦରା, ଗୁଜୁରାଟ
ମୟୂରଭଞ୍ଜ ଛଉ ନୃତ୍ୟ
ହରିପଦ ମହାନ୍ତ ଓ ସାଥୀ
ନିଚୁଆପଦା ଉତ୍ତରସାହି ଛଉ ନୃତ୍ୟ ପ୍ରତିଷ୍ଠାନ,
ମୟୂରଭଞ୍ଜ

୮ ଫେବୃୟାରୀ, ୨୦୨୬ (ରବିବାର)
ପଥ ରାଜପଥ
(ଶାସ୍ତ୍ରୀୟ, ଲୋକ ଓ ଆଧୁନିକ ଶୈଳୀର ସମନ୍ୱୟ ନୃତ୍ୟ)
ଓଡିଶା ଡାନ୍ସ ଏକାଡେମୀ
ଭୁବନେଶ୍ୱର
କଥକ ନୃତ୍ୟ
ସୌଭିକ ଚକ୍ରବର୍ତ୍ତୀ ଓ ସାଥୀ
ନୃତ୍ୟଦିଶା, କୋଲକାତା
କଳାରିପୟଟ୍ଟୁ
ବେଲରାଜ୍ ସୋନି ଓ ସାଥୀ
ନବନିତମ କଲଚରାଲ ଟ୍ରଷ୍ଟ
ତ୍ରିଶୂର, କେରଳ

ବି.ଦ୍ର : ଉପରୋକ୍ତ କାର୍ଯ୍ୟକ୍ରମ ଶେଷ ମୁହୂର୍ତ୍ତରେ ପରିବର୍ତ୍ତନୀୟ

ଆୟୋଜକ
ଓଡିଶା ଡାନ୍ସ ଏକାଡେମୀ
ଭୁବନେଶ୍ୱର
ସହଯୋଗ
ସଂସ୍କୃତି ମନ୍ତ୍ରଣାଳୟ
ଭାରତ ସରକାର
Incredible India
ପର୍ଯ୍ୟଟନ ମନ୍ତ୍ରଣାଳୟ
ଭାରତ ସରକାର
ଆର୍ଟ ଭିଜନ
ଭୁବନେଶ୍ୱର
Live Telecast in DD Bharati

ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା

OIPR-3001/3029/2/25-26/0004

"ମଣିଷକୁ ପରିବେଶ ପରିସ୍ଥିତି ଉପରେ କର୍ତ୍ତୃତ୍ୱ ଆଣିବାକୁ ହେବ । କିନ୍ତୁ ତା'ସହିତ ବିଶ୍ୱ-ଐକ୍ୟ ଓ ବିଶ୍ୱ-ସଙ୍ଗତି ଆଣିବା ଦିଗରେ ତତ୍ପର ହେବାକୁ ପଡିବ । ମଣିଷ ତା'ର ନିଜର ସ୍ୱତନ୍ତ୍ର ବ୍ୟକ୍ତିତ୍ୱକୁ ନିଶ୍ଚୟ ଉପଲବ୍ଧି କରିବ । କିନ୍ତୁ ଅହଂ ସତ୍ତାକୁ ବିଶ୍ୱାତ୍ମା ସହିତ ଏକ ହେବା ଲାଗି ବଢାଇ ବଢାଇ ଚାଲିବାକୁ ହେବ । ତା'ର ଅସ୍ତିତ୍ୱରୁ ସେ ପାଇବ ଏକ ବିଶ୍ୱଜନୀନ ଓ ଆଧ୍ୟାତ୍ମିକ ଆନନ୍ଦ ।"-ଶ୍ରୀଅରବିନ୍ଦ



# ଭାରତରେ ଇସ୍‌ଲାମ ପ୍ରବେଶ




ଦେବଦତ୍ତ ପଟ୍ଟନାୟକ

ଆରବରେ ଇସ୍‌ଲାମ ଧର୍ମ ସପ୍ତମ ଶତାବ୍ଦୀରେ ସୃଷ୍ଟି ହୋଇ ପୃଥିବୀର ବିଭିନ୍ନ ଅଞ୍ଚଳକୁ ବ୍ୟାପିଥିଲା । ପଶ୍ଚିମରେ ଭୂମଧ୍ୟସାଗରୀୟ ଅଞ୍ଚଳ ଏବଂ ପୂର୍ବକୁ ପର୍ସିଆ ବା ପାରସ୍ୟ (ଏବକାର ଇରାନ)କୁ ବିସ୍ତାର ହୋଇଥିଲା । ଅଷ୍ଟମ ଶତାବ୍ଦୀ ସୁଦ୍ଧା ଏହା ସ୍ପେନ୍‌ରୁ ଆରମ୍ଭ କରି ସିନ୍ଧ୍ ଅଞ୍ଚଳକୁ ମଧ୍ୟ ବ୍ୟାପିଥିଲା । ପ୍ରଶ୍ନ ହେଉଛି ଏହା ଭାରତରେ କେମିତି ପହଞ୍ଚିଥିଲା । ରାଜନୈତିକ ଦୃଷ୍ଟିକୋଣରୁ ହିଂସା ଓ ଲୁଣ୍ଠନକୁ ଆଧାର କରି ଇସ୍‌ଲାମ ଭାରତକୁ ଆସିଥିଲା ବୋଲି କୁହାଯାଏ । କିନ୍ତୁ ବୁଦ୍ଧିଜୀବୀମାନେ କହନ୍ତି, କେବଳ ଏହି ମାଧ୍ୟମରେ ନୁହେଁ ବରଂ ବାଣିଜ୍ୟ, ଯୁଦ୍ଧ, ପ୍ରଚାର, କୃଷି ଓ ପ୍ରବାସନ ମାଧ୍ୟମରେ ଭାରତରେ ଇସ୍‌ଲାମ ଧର୍ମ ପ୍ରବେଶ କରିଥିଲା ।

ଭାରତରେ ସପ୍ତମ ଶତାବ୍ଦୀରେ ନିର୍ମିତ ଅନେକ ମସ୍‌ଜିଦ ଦେଖାଯାଏ । ସେଗୁଡ଼ିକ ମଧ୍ୟରେ ରହିଛି ଚେରାମାନ ଜୁମା ମସ୍‌ଜିଦ (କେରଳ), ତାମିଲନାଡୁର ପାଲାୟା ଜୁମା ପାଲି, ଗୁଜରାଟର ଘୋଘା ସ୍ଥିତ ବରୱାଡ ମସ୍‌ଜିଦ । ସ୍ଥାନୀୟ ହିନ୍ଦୁ ରାଜା ଏଗୁଡ଼ିକୁ ନିର୍ମାଣ କରିଥିଲେ ଏବଂ ଆରବର ନାବିକ ଓ ବଣିକମାନେ ଏଥିରେ ସହାୟତା ଯୋଗାଇ ଦେଇଥିଲେ । ବାସ୍ତବରେ ଏହି ନାବିକ ଓ ବଣିକମାନେ ପ୍ରଥମେ ଭାରତୀୟ ଉପକୂଳ ଅଞ୍ଚଳକୁ ଇସ୍‌ଲାମ ସଂସ୍କୃତି ଆଣିଥିଲେ । ତ୍ରୟୋଦଶ ଶତାବ୍ଦୀର ଏକ ପର୍ସିଆନ (ଇରାନୀୟ) ଗ୍ରନ୍ଥରେ ବର୍ଣ୍ଣନା କରାଯାଇଛି ଯେ, ସପ୍ତମ ଶତାବ୍ଦୀରେ ସିନ୍ଧକୁ ଆରବୀୟ ଲୁଣ୍ଠନ କରିଥିଲେ । ସପ୍ତମ ଓ ଅଷ୍ଟମ ଶତାବ୍ଦୀରେ ଆରବୀୟମାନେ ସିନ୍ଧ୍ (ପାକିସ୍ତାନର ଦକ୍ଷିଣପୂର୍ବ ଅଞ୍ଚଳ)କୁ ଆକ୍ରମଣ କରିଥିଲେ ଏବଂ ମୁମ୍ବାଇ ନିକଟସ୍ଥ ଥାଣେ ଅଞ୍ଚଳକୁ ଦଖଲ କରିବା ଏହାର ଉଦ୍ଦେଶ୍ୟ ଥିଲା । କିନ୍ତୁ ସେତେବେଳେ ସେଠାକାର ପ୍ରତିହାର ରାଜାମାନେ ଆରବୀୟଙ୍କୁ ତଡ଼ି ଦେଇଥିଲେ । ଏହା ସ୍ପଷ୍ଟ ଯେ, ଆରମ୍ଭରୁ ଇସ୍‌ଲାମ ଧର୍ମ ବାଣିଜ୍ୟ ପଥ ଦେଇ ପ୍ରସାର ଲାଭ କରିଥିଲା । ଏହାସହ ସପ୍ତମ ଶତାବ୍ଦୀରେ ଉପମହାଦେଶରେ ସେନା ଅଭିଯାନ ମାଧ୍ୟମରେ ସେମାନେ ପହଞ୍ଚି ସିନ୍ଧ୍ ଅଞ୍ଚଳକୁ ଯାଇଥିଲେ । ପ୍ରାୟ ଦଶମ ଶତାବ୍ଦୀରେ କେନ୍ଦ୍ର ଏସିଆରୁ ମହମ୍ମଦ ଗଜ୍‌ନୀଙ୍କ ଭଳି ଆକ୍ରମଣକାରୀମାନେ ହିନ୍ଦୁକୁଶ ପର୍ବତ ଅତିକ୍ରମ କରି ଆସି ଉତ୍ତର ଭାରତର ମନ୍ଦିରଗୁଡ଼ିକୁ ଲୁଣ୍ଠନ କରିଥିଲେ । ଦ୍ୱାଦଶ ଶତାବ୍ଦୀ ପରଠାରୁ ସେମାନେ ଭାରତରେ ରହିବା ଆରମ୍ଭ କଲେ ଏବଂ ବିଶାଳ କୃଷି ସମ୍ପଦର ମାଲିକାନାକୁ ହାତକୁ ନେଇଗଲେ । ଏହି ଲୁଣ୍ଠନକାରୀମାନେ ଆରବର ନ ଥିଲେ ବରଂ ସେମାନେ କେନ୍ଦ୍ର ଏସିଆର ତୁର୍କ (ତୁର୍କୀର ବାସିନ୍ଦା) ଥିଲେ । ପଞ୍ଚଦଶ ଶତାବ୍ଦୀରୁ ତୁର୍କ ଓ ଆଫଗାନଙ୍କ ପ୍ରଭାବ ମୋଗଲଙ୍କ ଦ୍ୱାରା ହ୍ରାସ ପାଇଚାଲିଲା ।

ଭାରତରେ ସୁଲତାନମାନେ ଏକ ନୂଆ ପର୍ସିଆନ ଦରବାର ସଂସ୍କୃତି ମୂଳଦୁଆ ପକାଇ ପୁରୁଣା ସଂସ୍କୃତ ଭାଷା ତଥା ସଂସ୍କୃତି ପରମ୍ପରାକୁ ବଦଳେଇଦେଲେ । ସେମାନେ ସାଙ୍ଗରେ ଆଣିଥିବା ଲଢୁଆ ଘୋଡ଼ାଗୁଡ଼ିକ ନେଇ ସୈନ୍ୟବାହିନୀକୁ



ଅଧିକ ଶକ୍ତିଶାଳୀ କରିଥିଲେ । ସେଥିପାଇଁ ରାଜସ୍ଥାନର ବିଭିନ୍ନ ଅଞ୍ଚଳରେ ଘୋଡ଼ା ଉପରେ ବସିଥିବା ଦେବତା (ପୀର କିମ୍ବା ବୀର କୁହାଯାଏ)ଙ୍କୁ ଉଭୟ ହିନ୍ଦୁ ଓ ମୁସଲମାନମାନେ ପୂଜା କରିଥାନ୍ତି । ଦକ୍ଷିଣ ଭାରତର ମନ୍ଦିରଗୁଡ଼ିକରେ ଭାବର ଓ ରଭୁତାନ ଭଳି ମୁସଲମାନ ଅଶ୍ୱାରୋହୀ ଯୋଦ୍ଧାମାନେ ହିନ୍ଦୁ ଦେବଦେବୀଙ୍କୁ ଜଗିଥିବା ଚିତ୍ର ଦେଖିବାକୁ ମିଳିଥାଏ । ଉତ୍ତର କିମ୍ବା ଦକ୍ଷିଣ ଭାରତରେ ଏହିସବୁ ଛବି ବା ପ୍ରତୀକ ସଦ୍‌ଭାବନାର ବାର୍ତ୍ତା ଦେଇଥାଏ । ଦକ୍ଷିଣ ଭାରତର ଶ୍ରୀରଙ୍ଗମ୍ ବିଷ୍ଣୁ ମନ୍ଦିର ମୁସଲମାନ ରାଜକୁମାରୀ ତଥା ଭକ୍ତ ବିବି ନାଛିୟାରଙ୍କ କହାଣୀକୁ ସୂଚିତ କରେ, ଯିଏ ଦେବତାଙ୍କ ଧର୍ମପତ୍ନୀ ମାନ୍ୟତା ପାଇପାରିଥିଲେ । ଏହି କାହାଣୀ ଉଭୟ ସଂସ୍କୃତିର ନିବିଡ଼ ସମ୍ପର୍କକୁ ଦର୍ଶାଏ । ଦ୍ୱାଦଶ ଶତାବ୍ଦୀ ପରଠାରୁ ସୁଫିମାନଙ୍କର ଭାରତ ପ୍ରବେଶ ଆରମ୍ଭ ହୋଇଥିଲା । ସେମାନେ କେନ୍ଦ୍ର ଏସିଆର ଇସ୍‌ଲାମୀୟ ସୁଫିବାଦୀ ଥିଲେ । ପୁରୁଣା ଆରବ ସାମ୍ରାଜ୍ୟ ଉପରେ ମଙ୍ଗୋଲୀୟମାନେ ଆକ୍ରମଣ କରି ତାହା ପତନ ଘଟାଇବା ପରେ ସୁଫିମାନେ ଲୋକପ୍ରିୟତା ଲାଭ କରିଥିଲେ । ଅଧ୍ୟାତ୍ମବାଦୀ ସୁଫିମାନେ ବାଣିଜ୍ୟ ପଥ ଦେଇ ଭାରତର ସବୁ ଅଞ୍ଚଳରେ ପହଞ୍ଚିପାରିଥିଲେ । ସେମାନଙ୍କ ମଧ୍ୟରୁ କେତେକେ ସୈନ୍ୟ କିମ୍ବା ଘାଜି ଥିଲେ । ବାକିସବୁ ଥିଲେ ଧର୍ମ ପ୍ରଚାରକ ; ଯେଉଁମାନେ ଭାବନାତ୍ମକ ଶାନ୍ତି, ନ୍ୟାୟିକ ସେବା, ଔଷଧ ଓ କୃଷିଗତ ଜ୍ଞାନ ବିତରଣ କରୁଥିଲେ । ଏହିସବୁ ଜ୍ଞାନର ଅଧିକାରୀ ହୋଇଥିବାରୁ ଲୋକେ ସେମାନଙ୍କୁ ଭଲ ପାଉଥିଲେ । ସେମାନେ ବିଭିନ୍ନ ସ୍ଥାନରେ ରହୁଥିଲେ ଏବଂ ସେମାନଙ୍କ ମୃତ୍ୟୁ ଘଟିଲା ପରେ ସେମାନଙ୍କ ଦରଘା କିମ୍ବା ସମାଧି ବା କବରସ୍ଥଳୀ ଏକ ଆଧ୍ୟାତ୍ମିକ କେନ୍ଦ୍ର ପାଲଟିଯାଇଥିଲା । ଲୋକେ ଆଶୀର୍ବାଦ ନେବା ପାଇଁ ସେଠାକୁ ଆସୁଥିଲେ ।

କୃଷିଭିତ୍ତିକ ନୂତନତ୍ୱ ଜ୍ଞାନ ମାଧ୍ୟମରେ ପ୍ରସାର ଲାଭ କରିଥିବା ଇସ୍‌ଲାମ ଧର୍ମକୁ ଅନେକ ସମୟରେ ଅଣଦେଖା କରାଯାଇଛି । ଦଶମ ଶତାବ୍ଦୀରୁ ଭାରତକୁ ଆସିଥିବା ସୁଫିମାନେ କୃଷିର ନୂଆ ଜ୍ଞାନକୌଶଳ ଆରମ୍ଭ କରିଥିଲେ । ସେମାନେ ସ୍ପେନ୍ ଓ ପର୍ସିଆରେ ଜଳ ଚକ, ଭୂତଳ କେନାଲ ନିର୍ମାଣ କରିଥିଲେ । ଫଳରେ ଜଳାଭାବ ହେଉଥିବା ଅଞ୍ଚଳରେ କୃଷି ସମ୍ଭବ ହୋଇପାରିଥିଲା । ସେମାନେ ପ୍ରୟୋଗ କରୁଥିବା କୃଷିଭିତ୍ତିକ ଜ୍ଞାନକୌଶଳ ସିନ୍ଧ୍ ଓ ପଞ୍ଜାବକୁ ଆସିବା ପରେ ସେଠାରେ କୃଷିରେ ଉନ୍ନତି ହୋଇଥିଲା । ଫଳରେ ଏହି ଦୁଇ ଅଞ୍ଚଳରେ ଚାଷଜମି ନ ଥିବା ଜାଠମାନେ ଜମି ମାଲିକ ହୋଇଗଲେ ଏବଂ ଆର୍ଥିକ ଲାଭ ପାଇଲେ । ଦେଖିବାକୁ ଗଲେ ଏହିସବୁ ଅଞ୍ଚଳରେ ମୁସଲମାନ ସଂଖ୍ୟା ସବୁଠୁ ଅଧିକ ଥିଲା ଏବଂ ସମୟକ୍ରମେ ସେମାନେ ପାକିସ୍ତାନ ଚାଲିଯାଇଥିଲେ ।

ତେବେ ପୂବ-ଭାରତରେ ମୋଗଲ ଶାସନ ସମୟରେ ଗଙ୍ଗା ନଦୀ ଅବବାହିକାରେ କୃଷିର ଉନ୍ନତି ପାଇଁ ପଦକ୍ଷେପ ନିଆଯାଇଥିଲା । ମୁଖ୍ୟତଃ ରାଜସ୍ୱ ଭିତ୍ତିଭୂମି ବୃଦ୍ଧି ପାଇଁ ସେମାନେ ଏହା କରିଥିଲେ । ପରେ ସୀମାନ୍ତ ଅଞ୍ଚଳର ଲୋକମାନେ ସୁଫି ବିଦ୍ୱାନ୍‌ଙ୍କ ସହଯୋଗରେ ନୂଆ ବସତି ସ୍ଥାପନ କରିଥିଲେ ଯାହା ପରେ ବାଂଲାଦେଶ ହୋଇଛି । ଏଠାରେ ପଞ୍ଚପୀରଙ୍କ ପୂଜା ପରମ୍ପରା ରହିଛି , ଯାହାଙ୍କୁ ପଞ୍ଚପାଣ୍ଡବ ବୋଲି ସୂଚିତ କରାଯାଏ । କୃଷି ସହ ଜଡ଼ିତ ସ୍ଥାନୀୟ ଦେବୀ ବନ୍ ବିବି ସୁନ୍ଦରବନରେ ପୂଜା ପାଉଛନ୍ତି । ପଶ୍ଚିମବଙ୍ଗର କୁଟୀରଗୁଡ଼ିକ ଭଳି ଟେରାକୋଟା ମସ୍‌ଜିଦଗୁଡ଼ିକ ଦେଖିବାକୁ ମିଳେ, ଯାହା ଆରବ ଓ ପର୍ସିଆନ ମସ୍‌ଜିଦଠାରୁ ଅଲଗା ।

ତ୍ରୟୋଦଶ ଶତାବ୍ଦୀର ମଙ୍ଗୋଲ ଆକ୍ରମଣ ପରେ କେନ୍ଦ୍ର ଏସିଆ ଏବଂ ପାରସ୍ୟରୁ ଅନେକ ପ୍ରବାସୀ ମୁସଲମାନ ଦିଲ୍ଲୀ ଓ ବାହାମନି ସାମ୍ରାଜ୍ୟକୁ ଆସିଥିଲେ । ଅନେକେ ବିବାହ ପରେ ଆସିଥିଲେ ଏବଂ କେତେକେ ଭାରତକୁ ଆସି ସ୍ଥାନୀୟ ମହିଳାଙ୍କୁ ବାହା ହୋଇଥିଲେ । ସେମାନେ ଥିଲେ ଇସ୍‌ଲାମ ଧର୍ମାବଲମ୍ବୀ, ପାର୍ସିଭାଷାଭାଷୀ ଓ ରାଜ ଦରବାରର ପ୍ରତିଷ୍ଠିତ ବ୍ୟକ୍ତି ଏବଂ ପର୍ସିଆନ ଶୈଳୀରେ ମସ୍‌ଜିଦ ନିର୍ମାଣ କରିଥିଲେ । ହେଲେ ସ୍ଥାନୀୟ ସମ୍ଭ୍ରାନ୍ତୀୟ ଭାରତୀୟ ମୁସଲମାନମାନେ ପ୍ରବାସୀ ମୁସଲମାନଙ୍କୁ ବିରୋଧ କରିଥିଲେ । ପ୍ରତିଷ୍ଠିତ ମୁସଲମାନ ବର୍ଗ ନୀଚ ଜାତିରୁ ଧର୍ମାନ୍ତରୀକରଣ ହୋଇଥିବା ମୁସଲମାନଙ୍କୁ ଘୃଣା କରୁଥିଲେ । ଏଣୁ ଭାରତର ଜାତିପ୍ରଥାକୁ ଭାରତରେ ଇସ୍‌ଲାମ ଧର୍ମର ଲୋକେ ଅନୁକରଣ କରିଥିଲେ । ଇସ୍‌ଲାମ ପ୍ରୋଫେଟ ନିଜକୁ ଉଚ୍ଚବର୍ଗର ବୋଲି ଗଣୁଥିବାବେଳେ ସାମାଜିକ ସ୍ତରରେ ଅନଗ୍ରସର ଗୋଷ୍ଠୀର ମୁସଲମାନଙ୍କୁ ନୀଚ ଜାତି ଭାବେ ଦେଖାଯାଉଥିଲା । ଏହି ଦୁଇ ବର୍ଗ ମଧ୍ୟରେ ଯେଉଁମାନେ ରହିଲେ, ସେମାନେ ଆରବର ବଣିକ ଏବଂ ପାରସ୍ୟର ଉଚ୍ଚବର୍ଗର ଉତ୍ତରାଧିକାରୀ ଭାବେ ଦାବି କଲେ । ଏହି ପରି ଭାବେ ଭାରତରେ ଇସ୍‌ଲାମ ଧର୍ମର ପ୍ରବେଶକୁ ନେଇ ସାତ ଶତାବ୍ଦୀର କାହାଣୀ ରହିଛି, ଯେଉଁଥିରେ ବାଣିଜ୍ୟ, ଯୁଦ୍ଧ ରହିଛି ଏବଂ ପ୍ରଚାରକ, କୃଷିବିତ୍ ଓ ପ୍ରବାସୀ କଥାକୁ ଜଡ଼ିତ କରାଯାଇଛି ।

-devduttofficial@gmail.com

# ବାଲଡା ଗୁମ୍ଫା



ଅଧ୍ୟାପକ ରାଜେଶ ରାୟ

ଓଡ଼ିଶାର କୋରାପୁଟ ଜିଲା ଅସରନ୍ତି ପ୍ରାକୃତିକ ସମ୍ପଦ ଏବଂ ନିଆରା ଆଦିବାସୀ ପରମ୍ପରା ପାଇଁ ସାରା ବିଶ୍ୱରେ ଖ୍ୟାତ । ଏଠାରେ ଦେଖିବାକୁ ମିଳୁଥିବା ଆକର୍ଷଣୀୟ ସୁନ୍ଦର ସବୁଜିମା ଶୋଭାରାଜି ଯେକୌଣସି ପର୍ଯ୍ୟଟକକୁ ନିଜ କୋଳରେ ଚିରଦିନ ଯାଏ ବାନ୍ଧି ରଖିଥାଏ । କୋରାପୁଟ ଗର୍ଭରେ ଅବସ୍ଥାନ କରିଥିବା ଦେଓମାଳି ପର୍ବତ ପାଖରୁ ଆରମ୍ଭ କରି ଗୁପ୍ତେଶ୍ୱର ମନ୍ଦିର ପର୍ଯ୍ୟନ୍ତ ବିଭିନ୍ନ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ସ୍ଥାନଗୁଡ଼ିକ ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ବହନ କରିଛନ୍ତି । ସେହିପରି ଗୋଟିଏ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ ହେଉଛି 'ବାଲଡ଼ା ଗୁମ୍ଫା ବା ନାଗେଶ୍ୱରୀ ଗୁମ୍ଫା' ଯାହା କି କୋରାପୁଟ ଜିଲାର ନନ୍ଦପୁର ବ୍ଲକ ଅଧୀନ ବାଲଡା ପଞ୍ଚାୟତରେ ଥିବା ନାଗେଶ୍ୱରୀ ପାହାଡ଼ରେ ଦେଖିବାକୁ ମିଳିଥାଏ । ଏହି ସ୍ଥାନଟି ବିଶେଷ କରି ପାହାଡ଼ଘେରା ସବୁଜିମାମୟ ପରିବେଶରେ ପରିପୂର୍ଣ୍ଣ । ପ୍ରକୃତିରାଣୀର ଅପରୂପ ସୌନ୍ଦର୍ଯ୍ୟରେ ସଜେଇ ହୋଇଥିବା ବାଲଡ଼ା ଗୁମ୍ଫା ପର୍ଯ୍ୟଟକଙ୍କ ମନରେ ଅପୂର୍ବ ଆନନ୍ଦ ଭରିଦିଏ । ସେଥିପାଇଁ ଏହି ଗୁମ୍ଫାକୁ ବର୍ଷକ ବାରମାସ ଯାକ ପର୍ଯ୍ୟଟକଙ୍କ ଭିଡ଼ ଲାଗିଥାଏ । ବାଲଡ଼ା ଗୁମ୍ଫାର ଉପର ଭାଗରେ ଏକ ପ୍ରାକୃତିକ ଜଳାଶୟ ଏବଂ ନାଗେଶ୍ୱରୀ ଗୁମ୍ଫା ନାମରେ ଅନ୍ୟଏକ ଗୁମ୍ଫା ରହିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବାଲଡା ଗୁମ୍ଫାର ଆଖପାଖ ଅଞ୍ଚଳରେ ବସବାସ କରୁଥିବା ବିଭିନ୍ନ ଆଦିବାସୀ ସମ୍ପ୍ରଦାୟ ଯଥା କନ୍ଧ, ପରଜା, ଗଡବା, ଭୂମିଆ ଆଦିଙ୍କ ସାଂସ୍କୃତିକ, ଆଧ୍ୟାତ୍ମିକ ଏବଂ ସାମାଜିକ ପରମ୍ପରା ସହ ଏହି ଗୁମ୍ଫା ଗଭୀର ସମ୍ପର୍କ ରହିଛି । ଆଦିବାସୀମାନେ ପାହାଡ଼ରେ ଅବସ୍ଥାନ କରିଥିବା ମା' ନାଗେଶ୍ୱରୀଙ୍କୁ ନିଜର ଇଷ୍ଟଦେବୀ ଡଙ୍ଗର ଦେବୀ ରୂପେ ପୂଜା କରନ୍ତି । ସେଥିପାଇଁ ବର୍ଷକୁ ଥରେ ମା' ନାଗେଶ୍ୱରୀ ଗୁମ୍ଫା ଯାତ୍ରା ଅନୁଷ୍ଠିତ ହୁଏ ।

ଗୋଟିଏ ଅର୍ଥରେ କହିବାକୁ ଗଲେ ଆଦିବାସୀଙ୍କର ଆସ୍ଥା, ବିଶ୍ୱାସ, ସାମାଜିକ ଜୀବନ ଏବଂ ପୂର୍ବଜଙ୍କ ସ୍ମୃତି ସହ ଏହି ଗୁମ୍ଫା ଅଙ୍ଗାଙ୍ଗୀ ଭାବେ ଜଡ଼ିତ । କିନ୍ତୁ ବର୍ତ୍ତମାନ ବାଲଡା ଗୁମ୍ଫା ଉପରେ ଯେପରି କାହାର କୋପଦୃଷ୍ଟି ପଡ଼ି ଯାଇଛି!

ସମସ୍ତଙ୍କୁ ପ୍ରାକୃତିକ ଶାନ୍ତି ବାଣ୍ଟୁଥିବା ଏହି ଗୁମ୍ଫା ଆଜି ବିପଦ ମୁହଁରେ ! କାରଣ ଏହାର ଚତୁଃପାର୍ଶ୍ୱରେ ବକ୍ସାଇଟ ଖଣିଜ ଖନନ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହୋଇଛି । ଭାରତର ଖ୍ୟାତନାମା କମ୍ପାନୀ ଆଦାନୀ ଗୁପ ଦାରା ବକ୍ସାଇଟ ପ୍ରକଳ୍ପ ଅଧୀନରେ ନାଗେଶ୍ୱରୀ ସଂରକ୍ଷିତ ଜଙ୍ଗଲକୁ ନିଲାମ ନିଆଯାଇ ବାଲଡା ଗୁମ୍ଫା ନିକଟରେ ଖଣି ଖନନ ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି ଯାହାକୁ ନେଇ ଏବେ ଚାରିଆଡୁ ବିରୋଧର ସ୍ୱର ଛୁଟୁଛି । ବିଶେଷ କରି ସେଠାକାର ଆଦିବାସୀମାନେ ଏହି କାର୍ଯ୍ୟକୁ ତୀବ୍ର ବିରୋଧ କରୁଛନ୍ତି । ସେମାନଙ୍କ କହିବା ଅନୁଯାୟୀ ଯଦି ଖଣି ଖନନ କାର୍ଯ୍ୟ ହୁଏ ତେବେ ବାଲଡା ଗୁମ୍ଫାର ପ୍ରାକୃତିକ ସୌନ୍ଦର୍ଯ୍ୟ ନଷ୍ଟ ହେବ ଏବଂ ପରିବେଶ ସନ୍ତୁଳନ ବିଗିଡ଼ିଯିବ । ୨୦୨୫ ମାର୍ଚ୍ଚ ୧୮ରେ ଆଦିବାସୀମାନେ ସମୂହ ଭାବେ ନନ୍ଦପୁର ତହସିଲ ଘେରାଉ କରି ଦାବିପତ୍ର ପ୍ରଦାନ କରିଛନ୍ତି, ଯେଉଁଥିରେ ବକ୍ସାଇଟ ଖଣିର ନିଲାମକୁ ରଦ୍ଦ ତଥା ଖଣି ଖନନକୁ ବନ୍ଦକରି ବାଲଡା ଗୁମ୍ଫାକୁ ସୁରକ୍ଷା ଦେବାପାଇଁ ଦାବି ରହିଛି । ଉକ୍ତ ପତ୍ରରେ କେତୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଦୃଷ୍ଟି ଆକର୍ଷଣ କରାଯାଇଛି ଯଥା - ବାଲଡା ଗୁମ୍ଫାରେ ଆରମ୍ଭ ହୋଇଥିବା ଖଣି ଖନନ କାର୍ଯ୍ୟ ଜଙ୍ଗଲ ଅଧିକାର ଆଇନ ୨୦୦୬ ଏବଂ ପଞ୍ଚାୟତ (ଅନୁସୂଚିତ ଅଞ୍ଚଳ) ବିସ୍ତାର ଆଇନ, ୧୯୯୬କୁ ଉଲ୍ଲଂଘନ କରିଛି । ୨୦୨୫ ମାର୍ଚ୍ଚ ୬ରେ କୋରାପୁଟ ପ୍ରଶାସନ ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ବୋର୍ଡ ପକ୍ଷରୁ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବାଲଡା ଗୁମ୍ଫା ସୁରକ୍ଷା ପ୍ରସଙ୍ଗରେ ନନ୍ଦପୁର ବ୍ଲକର ଲୋକମାନେ ନିଜର ମତ ରଖିଥିଲେ । ବର୍ତ୍ତମାନ ସାମାଜିକ ଗଣମାଧ୍ୟମଠାରୁ ଆରମ୍ଭ କରି ବିଭିନ୍ନ ଗଣମାଧ୍ୟମରେ ଏହି ଗୁମ୍ଫାର ସୁରକ୍ଷା ପାଇଁ ସ୍ୱର ଉତ୍ତୋଳନ ହେଉଛି । ଯଦି ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୁଏ ତେବେ ନନ୍ଦପୁର ବ୍ଲକ ଅଧୀନ ବାଲଡା, ଭେଜା, ବାଡ଼େଲ, ଅତଣ୍ଡା ଏବଂ କୁଳାବିର ପଞ୍ଚାୟତରେ ରହୁଥିବା ୪୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହେବେ । ପ୍ରକୃତି ବିରୁଦ୍ଧରେ କାର୍ଯ୍ୟକଲେ ଦିନେ ଆମେ ସେହି ପ୍ରକୃତିର କରାଳ କୋପରେ ଲୋପ ପାଇଯିବା । ଗୋଟିଏ ପଟେ ପର୍ଯ୍ୟଟନର ବିକାଶ ପାଇଁ ରୋଡ଼ ମ୍ୟାପ ପ୍ରସ୍ତୁତ କରି ଅନ୍ୟପଟେ ପ୍ରାକୃତିକ ସମ୍ପଦକୁ ନଷ୍ଟକଲେ ତାହା କୌଣସି ବି ସକାରାତ୍ମକ ଫଳ ଦେବନାହିଁ ବରଂ ପ୍ରକୃତିର ନକାରାତ୍ମକ ପ୍ରଭାବ ଆମକୁ ଅନେକ ସମୟରେ ପକାଇବ । ତେଣୁ ବେଳ ଥାଉ ଥାଉ ଏଥିପ୍ରତି ସଚେତନ ହେବା ସହ ବାଲଡା ଗୁମ୍ଫା ପରି ପ୍ରାକୃତିକ ଉତ୍ସର ସୁରକ୍ଷା ପାଇଁ ଆଗେଇ ଆସିବା ଦରକାର ।

**ସାମୟିକ ଉଦ୍‌ଘୋଷକ,**
**ଆକାଶବାଣୀ, ଜୟପୁର, କୋରାପୁଟ**
**ମୋ.- ୬୩୭୧୫୫୫୯୪୦**

## ଏଇ ଭାରତରେ

ବାସ୍ତବରେ ସେବା ମନୋଭାବର ଶେଷ ନାହିଁ । ଚାକିରିରେ ଥାଇ ଦେଶ ସେବାରେ ଜୀବନ ଲଗାଇଦେବା ପରେ ବି ଅନେକେ ଅନ୍ୟବାଟରେ ଦେଶର ସେବା ଜାରି ରଖିଥାନ୍ତି । ଏଭଳି ବ୍ୟକ୍ତିଙ୍କ ମଧ୍ୟରେ ଭାରତୀୟ ସେନା ଅଧିକାରୀ ଅଶିମ କୋହଲି ଅନ୍ୟତମ । ସେନାରେ ୩୭ ବର୍ଷ ସେବା କରିବା ପରେ ମେଜର ଜେନେରାଲ ଅଶିମ୍ ଏବେ ସେବାର ଏକ ନୂଆ ଉପାୟ ଆପଣାଇଛନ୍ତି । ସେ ଅଦରକାରୀ ଆର୍ମି ୟୁନିଫର୍ମରୁ ଅସହାୟ ପିଲାଙ୍କ ସ୍କୁଲ ବ୍ୟାଗ୍ ତିଆରି କରୁଛନ୍ତି ଏବଂ ସେନା ୟୁନିଫର୍ମର କର୍ତ୍ତବ୍ୟ କେବେ ଶେଷ ହୁଏନାହିଁ ବୋଲି ନିଶ୍ଚିତ କରିଛନ୍ତି । ଏହାଯୋଗୁ ବର୍ଜ୍ୟ ପରିମାଣ ମଧ୍ୟ ହ୍ରାସ କରାଯାଇପାରୁଛି । ଅଶିମ ଓ ତାଙ୍କ ଝିଅ 'ସେୱାକ୍ ନେଶିମ୍ ଫାଉଣ୍ଡେଶନ' ଗଠନ କରି ଏହି କାର୍ଯ୍ୟ କରିଆସୁଛନ୍ତି । ସାରାଦେଶରୁ ସୈନ୍ୟମାନେ ପୁରୁଣା ୟୁନିଫର୍ମ ଦାନ କରୁଛନ୍ତି । ଗୋଟିଏ ୟୁନିଫର୍ମକୁ ରିସାଇକେଲ କରିବାରେ ୬୦୦ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ବିନା ଲାଭରେ ସେ ଏଗୁଡ଼ିକୁ ଦାନ କରୁଛନ୍ତି । ଏବେ ସୁଦ୍ଧା ସେ ୪୦ ହଜାର ୟୁନିଫର୍ମକୁ ରିସାଇକେଲ କରିସାରିଲେଣି ।

## ୫୦ ବର୍ଷ ତଳର ଧରିତ୍ରୀ

### ୫ ଫେବୃଆରୀ ୧୯୭୭

- ଭାରତ ଆମେରିକାରୁ ୫୦ ହଜାର ଟନ ସୋୟାବିନ ତୈଳ ଆମଦାନୀ କରିବା ନେଇ ଦୁଇ ଦେଶ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ।
- ପଶ୍ଚିମବଙ୍ଗର ପୁରୁଖା କଂଗ୍ରେସ ନେତା ତଥା ବିଧାନସଭା ସଦସ୍ୟ ବିଜୟ ସିଂହ ନାହାରଙ୍କ ସମେତ ୪ ତୁଙ୍ଗ ନେତାଙ୍କ ଦଳରୁ ଇସ୍ତଫା ପ୍ରଦାନ ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | 7 | | 9 | |
| 7 | | | | | | | | |
| | 1 | 5 | | 9 | | | 2 | |
| | | 6 | | 7 | | | | 2 |
| | 9 | | 8 | 1 | | | | |
| | 4 | 3 | 6 | | 5 | | | 1 |
| | | 2 | | 6 | 4 | | 8 | 7 |
| | 7 | | | 5 | | | 4 | 9 |
| 9 | | | | | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 6 | 1 | 4 | 2 | 5 | 9 | 3 |
| 2 | 1 | 4 | 9 | 3 | 5 | 8 | 7 | 6 |
| 9 | 5 | 3 | 8 | 7 | 6 | 4 | 1 | 2 |
| 5 | 6 | 7 | 4 | 2 | 1 | 3 | 8 | 9 |
| 3 | 8 | 1 | 7 | 5 | 9 | 2 | 6 | 4 |
| 4 | 9 | 2 | 3 | 6 | 8 | 7 | 5 | 1 |
| 6 | 3 | 8 | 2 | 1 | 7 | 9 | 4 | 5 |
| 1 | 2 | 9 | 5 | 8 | 4 | 6 | 3 | 7 |
| 7 | 4 | 5 | 6 | 9 | 3 | 1 | 2 | 8 |

ଗତକାଲିର ଉତ୍ତର

# ଯଜ୍ଞର ଦୁଇ ରୂପ



ବ୍ରଜମୋହନ ମିଶ୍ର

ଆମେ ଯଜ୍ଞ କରୁ ଏବଂ ଆମ ପାଇଁ ଯଜ୍ଞହୁଏ । ଆମ ଯଜ୍ଞକୁ ଆମେ କେତେ ପ୍ରକାରେ କରିଥାଉ । ତାହା ସମ୍ପାଦନ କରିବା ପାଇଁ ଆମେ କେତେ ନିଃସ୍ୱାର୍ଥପର, ସେ କଥା ଆମେ ନିଜକୁ ପଚାରିଲେ ବେଶ୍ ଜାଣିପାରିବା । ବିଶ୍ୱଶାନ୍ତି ନାମରେ ଆମେ କରୁଥିବା ଯଜ୍ଞରେ ସତରେ ବିଶ୍ୱଗତ ପ୍ରାଣ ହୋଇ ତାହା ଆମେ ମନୁପୁତ୍ର/ପୁତ୍ରୀମାନେ କରିବାର ମୁହାଁସ ଆମ ଅନ୍ତରରେ ଶ୍ୱେତପଦ୍ମ ପରି ଫୁଟି ଉଠିଥାଏ ତ ? ଏବେ ଯେଉଁ ଯଜ୍ଞକର୍ମ ବିଭିନ୍ନ ସ୍ଥାନରେ ବିଭିନ୍ନ ସଂସ୍ଥା କରୁଛନ୍ତି, ସେ ସବୁରେ ହୃଦୟ ବେଶି କ୍ରିୟାଶୀଳ ନା ମସ୍ତିଷ୍କ ? ଆବେଗ ନା ବୁଦ୍ଧି ସେ ସବୁର ହୃତ୍‌ପିଣ୍ଡ ? ତାହା ଉପଚାର ସର୍ବସ୍ୱ ନା ଆସ୍ପୃହା ସମନ୍ୱିତ ? ଆସ୍ପୃହା ଏକ ଶୁଦ୍ଧ, ପବିତ୍ର ପ୍ରାଣର ପ୍ରାର୍ଥନାମୟତା, ଯେଉଁଥିରେ ସଂପୂର୍ଣ୍ଣ ଅହଂଶୂନ୍ୟତାର ଆଲୋକ ବିକିରିତ ହେଉଥାଏ । ପକ୍ଷାନ୍ତରେ ଉପଚାରର ଆୟୋଜନ ଭିତରେ ସତେ ଯେପରି ଆମ କର୍ତ୍ତାପଣିଆ (ଅନେକ କ୍ଷେତ୍ରରେ) ଭାରି ମାତବର ହୋଇଥାଏ ! ନିଜକୁ ଷୋଳଅଣା ନିଜ ପାଇଁ ବୋଲିର ଦୁର୍ଭାବନା ଅବା ବିକୃତ ମାନସଟିଏ ସେଇ କ୍ରିୟାରେ ସଂଗୁପ୍ତ ଭାବରେ ଭାରି ସିହାଣା ହୋଇ ନିଜକୁ ସକ୍ରିୟ ରଖିଥାଏ । ତେଣୁ ଆମେ କରିଚାଲୁଥିବା ଯଜ୍ଞ ମଣ୍ଡପରେ ସର୍ବବିଧ ସାଜସଜ୍ଜା ସତ୍ତ୍ୱେ ସତେଯେପରି ତାର ଭିତରଟା ଫମ୍ପା ହୋଇଯାଇଥାଏ । ସେଥିରେ ଦେହଥାଏ, ଆତ୍ମାନଥାଏ ଏବଂ ସେହି ପ୍ରକାର ଅବିମୃଶ୍ୟକାରିତା ଯୋଗୁଁ ଯଜ୍ଞ ନାମକ ସାର୍ବଜନୀନ ସାତ୍ତ୍ୱିକ ସଂଚାଳନଟିଏ ତା'ର ଅସଲ ଚରିତ୍ରଠାରୁ ଯୋଜନ ଯୋଜନ ଦୂରକୁ ଘୁଞ୍ଚାଇଥାଏ ଅବା ତାହାକୁ ନିର୍ବାସିତ କରାଯାଇଥାଏ । ତେଣୁ ବିଶ୍ୱଶାନ୍ତି (ମହା ?) ଯଜ୍ଞ, ଯଜ୍ଞର ମହାନତା ହରାଇ ଡୁଚ୍ଛାଗୁଡ଼ାଏ କର୍ମକାଣ୍ଡର ମୋଗଲ ତାମସା ପାଲଟିଯାଏ ।

ପକ୍ଷାନ୍ତରେ ସଂସାରରେ ପ୍ରତି ନିୟତ ଯେଉଁ ଯଜ୍ଞ ଅକୁଣ୍ଠିତ, ଅନବରତ ଏବଂ ଅନହଂକାର ଭାବେ କରାଯାଉଛି ଅବା ସଂସାର ତା'ର ବିବିଧ ସାତ୍ତ୍ୱିକ ସମ୍ଭାର (କି ସୁନ୍ଦର ଆହା, କି ଆନନ୍ଦମୟ ଏହି ବିଶାଳ ସଂସାର- ମଧୁରାଓ) ଯୋଗୁଁ ଯେଉଁ ଯଜ୍ଞ କରି ଚାଲିଛି କେଉଁ ଅନନ୍ତ କାଳରୁ, ତାହା ଆମେ କରୁଥିବା ଯଜ୍ଞର ପୂରା ବିପରୀତ ଏବଂ ସେଇ ମହାନ୍ ଅଧିଷ୍ଠାନକୁ ଉଚ୍ଛ୍ୱସିତ ଭାବେ ନିଜ ସହ ସମୀକୃତ କରି ବିଶ୍ୱ କବି ରବୀନ୍ଦ୍ରନାଥ ଠାକୁର ଗାଇ ଉଠିଛନ୍ତି ''ଜଗତ ଆନନ୍ଦେ ଯଜ୍ଞ ଆମାର ନିମନ୍ତ୍ରନ/ ଧନ୍ୟହଲ ଧନ୍ୟ ହଲ ଆମାର ଜୀବନ'' । ଏ ଯଜ୍ଞ ନିର୍ଦ୍ଦିଷ୍ଟ ଅଞ୍ଚଳରେ ହେଉ ନାହିଁ, ପୁଣି ନିର୍ଦ୍ଦିଷ୍ଟ ଅଞ୍ଚଳ ପାଇଁ ମଧ୍ୟ ହେଉନାହିଁ, ପୁଣି କେବଳ ନିର୍ଦ୍ଦିଷ୍ଟ ସମୟରେ ମଧ୍ୟ ହେଉନାହିଁ । କିନ୍ତୁ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ହେଉଛି । ଏହାର ମନ୍ତ୍ର ଉଚ୍ଚାରଣ କରିବାକୁ ଡାକବାଜି ଯନ୍ତ୍ର ଆବଶ୍ୟକ ପଡୁନାହିଁ କି ଏହା ସମ୍ପାଦନ କରିବାକୁ କାମନାସର୍ବସ୍ୱ ପୁରୋହିତ ଦରକାର ହେଉନାହାନ୍ତି (ଯଦିଓ ଏହା ପୁରୋହିତଶୂନ୍ୟ ନୁହଁ) । ଆମର ଦୁର୍ଭାଗ୍ୟ (ତେଣୁ ତଜ୍ଜନିତ ଦୁଃସ୍ଥିତି) ଯେ ଆମେ ଏହି ମଙ୍ଗଳ ମହୋତ୍ସବର ଧାର ଧାରୁନାହୁଁ ଯଦିଓ ତାହା ଯୋଗୁ ଆମ ଦୈନନ୍ଦିନ ବଞ୍ଚିବା ସମ୍ଭବ ହେଉଛି । ହୃଦୟ ଖୋଲି ବିଚାର କଲେ ଆମ ପାଇଁ ଏହା ବେଶ୍ ଫର୍ଚ୍ଚା ହୋଇଯିବ ଏହି ମନ୍ତବ୍ୟ ସତ ନା ମିଛ । ସତରେ ଏହି ଜଗତ ଯଜ୍ଞ ଆମ ଜୀବନର ଧାରକ, ପୋଷକ ଓ ବଳବର୍ଦ୍ଧକ କି ନୁହଁ, ତାହା ଆଉ ଅଛପା, ଅଜଣା ରହିବ ନାହିଁ । ସମ୍ଭବତଃ ଏଇ ଯଜ୍ଞ ସର୍ଜନା କରିଛନ୍ତି



ଏବଂ ଏହା ସୃଷ୍ଟିର ସକଳ ମଂଗଳ ସାଧନ ହେବ ବୋଲି କେତେ ମହତ୍ ଅଭୀପ୍‌ସା ପୋଷଣ କରିଛନ୍ତି ସଦା ସହର୍ଷ ଯଜ୍ଞ କରୁଥିବା ସେହି ଯଜ୍ଞପୁରୁଷ (ସହଯଜ୍ଞା ପ୍ରଜାସୃଷ୍ଟ୍ୱା ପୁରୋବାଚ ପ୍ରଜାପତିଃ/ ଅନେନ ପ୍ରସବିଷ୍ୟଧ୍ୱମେଷ ବୋଽସ୍ତିଷ୍ଟକାମଧୁକ୍ -ଗୀତା- ତୃତୀୟ ଅଧ୍ୟାୟ - କର୍ମଯୋଗ/ ୧୦) । ଅର୍ଥାତ୍ ସୃଷ୍ଟିକର୍ତ୍ତା ବ୍ରହ୍ମା ଲୋକ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଏଇ ଯଜ୍ଞ ସୃଷ୍ଟି କରିଛନ୍ତି । ଲୋକେ ଏହି ଯଜ୍ଞକର୍ମରେ ଲାଗିରହି କ୍ରମେ ଉନ୍ନତି କରିବେ ।

ନିର୍ଦ୍ଦିଷ୍ଟ ଚିତ୍ତରେ ଥରେ ଭାବିଦେଲେ ବିଶ୍ୱଯଜ୍ଞର ଗୁମର ବ୍ୟକ୍ତି ନିକଟରେ ପ୍ରାଞ୍ଜଳ ହୋଇଯାଏ । ଏହାର କାର୍ଯ୍ୟଧାରା ଅବିରତ ଚାଲେ, କାରଣ କ୍ଷଣେମାତ୍ର ଏହାର ପରାର୍ଥ ଓ ପରମାର୍ଥ ପରିପୋଷଣ ବନ୍ଦ ହୋଇଗଲେ ସମଗ୍ର ସୃଷ୍ଟି ଜୀବନଧାରଣ କରିପାରିବ ନାହିଁ । ଏହି ଗୁହ୍ୟତମ ଯୋଗ ସମ୍ପର୍କରେ 'ବିଶ୍ୱଯାଜ୍ଞିକ' ଏତେ ସଶ୍ରଦ୍ଧ, ସଚେତ ଓ ସଂଗ୍ରାମୀ ଯେ ସେ କଦାଚ ଏଥିରେ ସାମାନ୍ୟତମ ବ୍ୟତିକ୍ରମ ଆଣନ୍ତି ନାହିଁ । କେହି କହିପାରିବେ କି ପୃଥିବୀର କେଉଁ କୋଣର ବାୟୁଦେବତାଙ୍କ ଯଜ୍ଞ ମୁହୂର୍ତ୍ତେ ମାତ୍ର ବନ୍ଦ ହୋଇଯାଇଛି ବୋଲି ? ସେହିପରି କେଉଁଠାରେ ଜଳ ଦେବତା ଯଜ୍ଞ କରୁଥିବା ବେଳେ ତାଙ୍କ ଦାନଶୀଳତା (ଇଦଂ ନମମ, ଇଦଂ ନମମ) ତ୍ୟାଗ କରିଛନ୍ତି ବୋଲି ? ସେ ପରମାନନ୍ଦରେ ସର୍ବୋତ୍ତମ ସେବା, (ଦାନ ଯୋଗ)ରେ କେତେ ସୁଠାମ, ସୁସଞ୍ଚ ଓ ସୁସ୍ଥ ହୋଇନାହାନ୍ତି ! ପ୍ରକୃତି ମାତାଙ୍କ କୋଣେ ଅନୁକୋଣେ ଫୁଲ ଫୁଟି ଓ ଫଳ ଫିଟି ପ୍ରାଣିଜଗତର ପୋଷଣ କରିବାର ଯଜ୍ଞରେ ବ୍ୟାପୃତ । କେଉଁ ଅନାଦି କାଳରୁ ସକଳ ଶକ୍ତିର ଆଧାର ସୂର୍ଯ୍ୟଦେବ ତିଳେମାତ୍ର ସ୍ୱଧର୍ମ ପାଳନ କରିବାରୁ ବିରତ ହୋଇଛନ୍ତି କି ? ଏବଂ ଏପରି ମହାନ୍ କର୍ମଯୋଗ ସମ୍ପାଦନ କରୁଛନ୍ତି ବୋଲି ସେହି ବିରାଟ ମହିମ୍ନ କେବେ କର୍ତ୍ତାପଣିଆରେ ଫୁଲି ଉଠିଛନ୍ତି କି ? ଦୁନିଆଯାକର ଅନ୍ଧାରର ପରିବର୍ତ୍ତନ କ୍ରିୟା ସମ୍ପାଦନ କରି ସେ ଯେଉଁ ବାର୍ତ୍ତାଟି ଆମ ପାଇଁ ପ୍ରେରଣ କରୁଛନ୍ତି, ତାହା ଆମେ କେବେ ଦେଖିବାକୁ, ବୁଝିବାକୁ ଓ ଗ୍ରହଣ କରିବାକୁ ତଥା ସେଇ ଅନୁରୂପ ହୋଇ ଯିବାକୁ ଶ୍ରଦ୍ଧାବାନ୍ ହୋଇଛନ୍ତି କି ? (ଶ୍ରଦ୍ଧାୟାଗ୍ନି ସମିଧ୍ୟତେ ଶ୍ରଦ୍ଧୟା ହୁୟତେ ହବି...) । ଏହିପରି ଆହୁରି ଅନେକ ଦିବ୍ୟ ସତ୍ତା ଜଗତରେ ଯଜ୍ଞ କରି ତାର ଆନନ୍ଦବର୍ଦ୍ଧନ କରିଚାଲିଛନ୍ତି । ତେଣୁ କବି ତାଙ୍କ ତୃତୀୟ ନୟନରେ ଏବଂ ଷଷ୍ଠେନ୍ଦ୍ରିୟ ଦ୍ୱାରା (ଇଣ୍ଟୁସନ) ଏହି ମହାଯଜ୍ଞର ସ୍ତବପାଠ କରିଛନ୍ତି । ଏହା ମଧ୍ୟରେ ରବୀନ୍ଦ୍ରନାଥଙ୍କ ଉଲ୍ଲସିତ ପ୍ରାଣର ଉଚ୍ଛ୍ୱସିତ ପ୍ରକାଶ ଯେପରି ଘଟିଛି, ସେପରି ସୂଚୀତ ହୋଇଛି ବିଶ୍ୱଯଜ୍ଞର ମାହାତ୍ମ୍ୟ ଯାହାର ତାଦାତ୍ମ୍ୟ ହେବାକୁ ସତେଯେପରି କବି ଆମ ସମସ୍ତଙ୍କୁ ଆମନ୍ତ୍ରଣ କରିଛନ୍ତି ! ସେ ସ୍ୱୟଂ ଏହି ଆନନ୍ଦ ଯଜ୍ଞକୁ ଆମନ୍ତ୍ରିତ ବୋଲି ପ୍ରକାଶ କରିବାରେ ଯେଉଁ ମହାଭାବ ଫୁଟି ଉଠିଛି ତାହା ଯୁଗପତ୍ ଆଲୋକ ଓ ଆନନ୍ଦର ଶରଦରାସ ।

ଖୁବ୍‌ଜ୍ଞାନୀ ବୋଲାଇ, ଅତ୍ୟନ୍ତ ଅହଂକାରରେ 'ମହୀମଣ୍ଡଳେ ନାହିଁ ଏମନ୍ତ ଜନ/ ମୋ ଅଧିକାରେ ଯେହୁ କରିବ ରଣ'ର କିଳିକିଳା ନାଦ କରୁଥିବା ଆମେ ମରଣଶୀଳ ମାସରମାନେ ଆମ ଚାରିପଟେ ଚବିଶଘଣ୍ଟା ଅନୁଷ୍ଠିତ ହେଉଥିବା ବିଶ୍ୱଯଜ୍ଞ ପ୍ରତି ଧ୍ୟାନ ଦେଉନାହିଁ କାହିଁକି ? ତେଣୁ ଆମେ ଖୁବ୍ ଆଡ଼ମ୍ବର ଓ ଆତ୍ମମ୍ଭରିତାରେ ଯଥେଷ୍ଟ ଆୱାଜ କରି ଯଜ୍ଞ କରୁଛୁ ବୋଲି ଫାଟି ପଡୁଥିଲେ ହେଁ ଆମେ ଯେ ଯଜ୍ଞପରି ସାତ୍ତ୍ୱିକ ସାଂଭ୍ରାନ୍ତ୍ୟ ଠାରୁ ଯୋଜନ ଯୋଜନ ଦୂରରେ ଅଛୁ, ଏହା କ'ଣ ମିଥ୍ୟା ? ଅସଲ ଯଜ୍ଞ ହିଁ ବିଶ୍ୱଯଜ୍ଞ, ବିଶ୍ୱ ପ୍ରାଣଯଜ୍ଞ, ବିଶ୍ୱଗତ ଯଜ୍ଞ, ବିଶ୍ୱ ପ୍ରୀତିଯଜ୍ଞ । ତାହା ଆମର ହେଉ କର୍ମଯୋଗ, ଭକ୍ତିଯୋଗ, ଜ୍ଞାନଯୋଗ ଏବଂ ହେଉ ମଧ୍ୟ ମହାଯୋଗୀ ଶ୍ରୀ ଅରବିନ୍ଦଙ୍କ ରୂପାନ୍ତର ଯୋଗର ଆଧାର ।

**ଭଦ୍ରକ, ମୋ: ୮୦୧୮୦୮୭୩୧**

## ପାଠକ ଶ୍ରେଷ୍ଠ ବିଚାରକ

### ବିସ୍ଥାପିତଙ୍କୁ ଥଇଥାନ କରାଯାଉ

ମହାଶୟ,

ସରକାରୀ ଜାଗାରୁ ବିସ୍ଥାପନ ହେଉଥିବା ହିତାଧିକାରୀଙ୍କୁ ଅନ୍ୟ ସ୍ଥାନରେ ଥଇଥାନ କରାଯାଉ । ଦୋକାନ ଗୃହ ହୋଇଥିଲେ ଭେଣ୍ଡିଂଜୋନ୍ ମାଧ୍ୟମରେ ସ୍ୱଳ୍ପମୂଲ୍ୟରେ ଦୋକାନ ଗୃହ ଯୋଗାଣ ହେଉ । ବିସ୍ଥାପିତମାନେ ଦୈନନ୍ଦିନ ଗୁଜରାଣ ମେଣ୍ଟାଉଥିବାରୁ ଅର୍ଥର ବାଧକ ହେଉଛି । ଏଥିପ୍ରତି ବିଳମ୍ବ ନ କରି ବିନା ବନ୍ଧକ ଓ ଗ୍ୟାରେଣ୍ଟରରେ ସେମାନଙ୍କୁ ଅର୍ଥ ଦିଆଯାଉ । ମୁଦ୍ରା ଯୋଜନାରେ ମଧ୍ୟ ଋଣ ସହାୟତା ନିଶ୍ଚିତ କରାଯାଉ । ଏହା ହୋଇପାରିଲେ ବିସ୍ଥାପିତଙ୍କ ଜୀବନଜୀବିକା ସୁନିଶ୍ଚିତ ହୋଇପାରିବ ।

**-ରମେଶ ଚନ୍ଦ୍ର ବେହେରା, ଆୟଉପୁର, କଟକ**

## ଚିରନ୍ତନୀ

ଜଡ଼ ଏ ଧରାରେ ଜାଗେ
ବିପୁଳ ଜୀବନ,
ମୂର୍ଚ୍ଛିତ ଦଶଦିଶ
ହୁଏ ସଚେତନ !

-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ତାଳଚେର ଧରମପୁରରେ ବିଶାଳ ହିନ୍ଦୁ ସମ୍ମିଳନୀ

ତାଳଚେର,୪।୨ (ମନୋଜ ନନ୍ଦ)




ହିନ୍ଦୁ ସମାଜରେ ସଚେତନତା ଓ ଜାଗରଣ ପାଇଁ ତାଳଚେରସ୍ଥିତ ଧରମପୁରଠାରେ ଏକ ବିଶାଳ ହିନ୍ଦୁ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବିଭାଗ କାର୍ଯ୍ୟବାହ ଚନ୍ଦ୍ରଶେଖର ବେହେରା ଯୋଗଦେଇଥିଲେ। ଧରମପୁର ଗ୍ରାମସଭାପତି ଶ୍ରୀପତି ପ୍ରଧାନ, ଆର୍ଯ୍ୟ ସମାଜର ଜିଲା ସାଧାରଣ ସମ୍ପାଦକ ହରେଶ ଚନ୍ଦ୍ର ସାହୁ, ଗାୟତ୍ରୀ ପରିବାର ତାଳଚେର ଶାଖାର ସରୋଜ ଶତପଥୀ ଓ ଗାୟତ୍ରୀ ପଣ୍ଡା, ଅନୁଗୋଳ ଜିଲା କାର୍ଯ୍ୟବାହ ଅନିଲ କୁମାର ମହାନ୍ତି ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ସଂଯୋଜକ ହେମନ୍ତ ଘଡ଼େଇ ଓ ସହ ସଂଯୋଜକ ନିର୍ଭୟ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଦୀପଯଜ୍ଞ, ହନୁମାନ ଚାଳିଶା ପାଠ, ତ୍ରିନାଥ ମେଳା ସହିତ ଶଙ୍ଖ, ଘଣ୍ଟ, ହରିବୋଲ, ହୁଳହୁଳିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ବଟମହାବୀର କମିଟିର ସଦସ୍ୟଗଣ ଏବଂ ଗ୍ରାମର ସହ ସଂଯୋଜକ ଅମିତ କୁମାର ଦାସ, ଅଜୟ ସାହୁ, ଦୀପକ ଗଡ଼ନାୟକ, ଖଇରା ପ୍ରଧାନ, ସୁଶାନ୍ତ ପ୍ରଧାନ, ପର୍ଶୁରାମ ସାହୁ, ପ୍ରକାଶ ବେହେରା, ରମେଶ ବେହେରା, ବିଷ୍ଣୁ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଜିଲା ସହ କାର୍ଯ୍ୟବାହ ବାବୁଲି ସାମଲ, ନଗର କାର୍ଯ୍ୟବାହ ସୂର୍ଯ୍ୟକାନ୍ତ ମହାନ୍ତି, ମାୟାଧର ସାହୁ, ପର୍ଶୁରାମ ବାରିକ, ଗୌରଚନ୍ଦ୍ର ସାହୁ, ରଞ୍ଜିତ ମହାପାତ୍ର, ସନ୍ତୋଷ ସାହୁଙ୍କ ସମେତ ସ୍ୱୟଂ ସେବକମାନେ ଉପସ୍ଥିତ ଥିଲେ।

# ନାବାଳିକା ନିଖୋଜ, ଥାନାରେ ଅଭିଯୋଗ

ବଣ୍ଟାରପାଳ,୪।୨ (ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍‌କୋନଗର ଥାନା ଅଞ୍ଚଳର ଜଣେ ନାବାଳିକା କଲେଜକୁ ଯାଇ ଘରକୁ ଫେରି ନ ଥିବା ଛାତ୍ରୀଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ, ସମ୍ପୃକ୍ତା ୧୬ ବର୍ଷୀୟା ଛାତ୍ରୀ ଜଣଙ୍କ କଲେଜକୁ ପଢ଼ିବାକୁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ଛାତ୍ରୀଙ୍କ ମା' ବିଭିନ୍ନ ସ୍ଥାନରେ ଖୋଜିଥିଲେ କରି ଝିଅର କୌଣସି ସନ୍ଧାନ ପାଇ ନ ଥିଲେ। ଶେଷରେ ଛାତ୍ରୀଙ୍କ ମା' ନାଲ୍‌କୋ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୪୦/୨୬ରେ ଏକ ନିଖୋଜ ମାମଲା ରୁଜୁକରିଛି। ଥାନା ଅଧିକାରୀ ନମିତା ନାୟକ ଘଟଣାର ତଦନ୍ତ କରୁଛନ୍ତି।

# ଫାଇନାଲରେ ପ୍ରବେଶ କଲା କୁଚିଣ୍ଡା



ମ୍ୟାଚ ପୂର୍ବରୁ ଅତିଥିଙ୍କ ସହ ଖେଳାଳିମାନେ।

ଆଠମଲ୍ଲିକ,୪।୨ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳ ପଡ଼ିଆରେ ଆଠମଲ୍ଲିକ କ୍ରୀଡ଼ା ସଂସଦ ତରଫରୁ ଚାଲିଥିବା ଆଠମଲ୍ଲିକ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚରେ କୁଚିଣ୍ଡା ୩–୦ ଗୋଲରେ ରାଉରକେଲାକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଦିଲୀପ କୁମାର ରାଉତ, ଦେବବ୍ରତ ବେହେରା, ସୁଜିତ ରାଜ ହଂସ, ଅର୍ଜୁନ ନାଏକ ଖେଳ ପରିଚାଳନା କରିଥିଲେ। ଅତିଥି ଭାବେ ଅନୁଗୋଳ ଜିଲା କ୍ରୀଡ଼ ସଂସଦ ସାଧାରଣ ସମ୍ପାଦକ ଡ. ଗୌରଗୋବିନ୍ଦ ସାମନ୍ତ, ଏସିଏଫ୍ ସଚ୍ଚିଦାନନ୍ଦ ସେଠୀ, ରେଞ୍ଜ ଅଧିକାରୀ ସୁନୀଲ କୁମାର ସାହୁ ଉପସ୍ଥିତ ଥିଲେ। ଆଠମଲ୍ଲିକ କ୍ରୀଡ଼ା ସଂସଦ ସମ୍ପାଦକ ରଞ୍ଜନ ମହାକୁଡ଼, ଟୁର୍ନାମେଣ୍ଟ ସମ୍ପାଦକ ସନ୍ତୋଷ କୁମାର ହୋତା, ପ୍ରାଣନାଥ ପଟ୍ଟନାୟକ, ରମେଶ ମହାଲିକ, ପ୍ରିୟ ରଞ୍ଜନ ସେଠୀ, ଅନ୍ତର୍ଯ୍ୟାମୀ ନାଏକ, ସୁଜନ ଭୁକ୍ତା, ପପୁନ ବେହେରା, ଗୁପ୍ତେଶ୍ୱର ଘିଓ୍ୱାଲା, ଶିତେଶ ରଥ, ସିଲୁ ପ୍ରଧାନ, ଦୀପକ ବାରିକ, ବିନୟ ନାଏକ, ରାକେଶ କୁମାର ସାହୁ, ଶ୍ରବଣ ତରିଆ, ପଦ୍ମନାଭ ବେହେରା, ଆକାଶ କୁମାର ଅଦାବର, ସହଦେବ ନାଏକ, ରୋହିତ ସାମନ୍ତ ପ୍ରମୁଖ ସହଯୋଗ କରିଥିଲେ। କୁଚିଣ୍ଡା ଦଳର ବିନି କିସାନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଡେରେଙ୍ଗକୁ ହରାଇ ସରୁଆଲି ଟିମ୍ ଚାମ୍ପିୟନ

ପାଲଲହଡ଼ା,୪।୨ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଚଷାଗୁଡ଼ାଠାରେ ୫ ଦିନଧରି ଆୟୋଜିତ ଉତ୍କଳ ଆସୋସିଏସନ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇଥିଲେ। ଫାଇନାଲ ମ୍ୟାଚ ତ୍ରିରଙ୍ଗା କ୍ଲବ ଡେରେଙ୍ଗ ଓ ମା' ମଙ୍ଗଳା କ୍ଲବ ସରୁଆଲି ମଧ୍ୟରେ ଖେଳାଯାଇଥିଲା। ଏଥିରେ ଡେରେଙ୍ଗକୁ ହରାଇ ସରୁଆଲି ଦଳ ଚାମ୍ପିୟନ ହୋଇଥିଲା। ମୁଖ୍ୟ ଅତିଥି ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ, ବରିଷ୍ଠ ଆଇନଜୀବୀ ତନ୍ମୟ ସାହୁ, ପାଲଲହଡ଼ା ଭାଜପା ମଣ୍ଡଳ ସଭାପତି ଆଶିଷ ସାମଲ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ପଞ୍ଚାୟତ ହାଇସ୍କୁଲର ବାର୍ଷିକ ଉତ୍ସବ

ପାଲଲହଡ଼ା,୪।୨ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ପେଚାମୁଣ୍ଡି ଗ୍ରାମରେ ଥିବା ପଞ୍ଚାୟତ ହାଇସ୍କୁଲ ଲକ୍ଷ୍ମୀପ୍ରିୟାପୁରର ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କେଶବଚନ୍ଦ୍ର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରମେଶ ପ୍ରଧାନ, ଆଶିଷ ପ୍ରଧାନ ଓ ସ୍କୁଲ ସମ୍ପାଦକ ବିପ୍ର ଚରଣ ଖିଲାର ଉପସ୍ଥିତ ଥିଲେ। ଶିକ୍ଷକ ବିଶ୍ୱନାଥ ସାହୁ, ଲବଣୀ ସାହୁ, ରାଜକିଶୋର ଗଡ଼ନାୟକ, ଅଭିମନ୍ୟୁ ମହାନ୍ତ, ସୁନୀଲ ମହାନ୍ତ, ଈଶ୍ୱର ଆପଟ, ଲକ୍ଷ୍ମଣ ଖିଲାରଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସରପଞ୍ଚ ବିଦ୍ୟାଳୟ ଖେଳ ପଡ଼ିଆର ଉନ୍ନତୀକରଣ ସହିତ ଆବଶ୍ୟକ ଖେଳ ଉପକରଣ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ପ୍ରଥମଥର ପାଇଁ ବିଦ୍ୟାଳୟକୁ ଦଶମ ବୋର୍ଡ ପରୀକ୍ଷାକେନ୍ଦ୍ର ମାନ୍ୟତା ମିଳିଥିବାରୁ ଜିଲା ଶିକ୍ଷାଧିକାରୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଦିଆଯାଇଥିଲା। କୃତୀପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା।

# ଶୈକ୍ଷିକ ପ୍ରଣାଳୀ ଉତ୍ତମ ଭାବେ ଗଢ଼ି ତୋଳିଥାଏ

ପାଲଲହଡ଼ା,୪।୨ (ଦିବ୍ୟଜ୍ୟୋତି ଦାଶ)



କାର୍ଯ୍ୟକ୍ରମରେ ମଞ୍ଚାସୀନ ବିଧାୟକଙ୍କ ସହ ଅନ୍ୟ ଅତିଥିମାନେ।

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ମାତୃବିହାରଠାରେ ଅବସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୧୭ତମ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଶିକ୍ଷାକେନ୍ଦ୍ରର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି କହିଥିଲେ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶୈକ୍ଷିକ ପ୍ରଣାଳୀ ମଣିଷକୁ ଉତ୍ତମ ଭାବେ ଗଢ଼ି ତୋଳିବାର ଆବଶ୍ୟକ ଶିକ୍ଷା ପ୍ରଦାନ କରିଥାଏ। ଶେଷରେ ଅନୁଷ୍ଠାନ ସଭାପତି ପଞ୍ଚାନନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ଆଇନଜୀବୀ ତନ୍ମୟ ସାହୁ, ପାଲଲହଡ଼ା ମଣ୍ଡଳ ସଭାପତି ଆଶିଷ ସାମଲ, ପୂର୍ବତନ ସଭାପତି ଧର୍ମେନ୍ଦ୍ର ସାହୁ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଗାଡ଼ି ଧକ୍କାରେ ୨ ମୃତ

ଆନନ୍ଦପୁର,୪।୨ (ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘସିପୁରା ଥାନା ୨୦ ନମ୍ବର ରାଜ୍ୟ ରାଜପଥ ଧକୋଟା ଟେଲିଫୋନ ଏକ୍ସଚେଞ୍ଜ ନିକଟରେ ଏକ ଅଜଣା ଗାଡି ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ମାର୍ଶାପାଳ ଗ୍ରାମର ବୋଲି ଜଣାପଡ଼ିଥିବା ବେଳେ ପରିଚୟ ମିଳିପାରିନାହିଁ। ଏହାକୁ ନେଇ ମାର୍ଶାପାଳ ଗ୍ରାମବାସୀ ୨୦ ନମ୍ବର ରାଜପଥକୁ କିଛି ସମୟ ଅବରୋଧ କରିଥିଲେ। ଫଳରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଘସିପୁରା ଥାନା ଅଧିକାରୀ କିଶୋର ଚନ୍ଦ୍ର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

# ବିଭିନ୍ନ ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ



କାମାକ୍ଷାନଗର,୪।୨ (ସ୍ୱାଧୀନ କୁମାର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକରେ ବୁଧବାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କରିଛନ୍ତି ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ। କୁସୁରିଆ ପଞ୍ଚାୟତ ମଦରଙ୍ଗମୁଣ୍ଡା ଗ୍ରାମଠାରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (ଡେକଡ଼ୟାମ) ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପ୍ରକଳ୍ପ ହେଲେ ଆଖପାଖ ଅଞ୍ଚଳର ଲୋକମାନେ ଜଳସେଚନ ସୁବିଧା ପାଇପାରିବେ ବୋଲି ପ୍ରଧାନ ମତବ୍ୟକ୍ତ କରିଥିଲେ। ବାମ ପଞ୍ଚାୟତ ଅନ୍ତର୍ଗତ କୌଶଳ୍ୟାପାଳଠାରେ ସୁରକ୍ଷ ସେତୁ ନିର୍ମାଣ, କେରଗୁଳି ଗ୍ରାମର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କଙ୍କଡ଼ାହାଡ଼ ପଞ୍ଚାୟତର ପଞ୍ଚାୟତ ଭବନ, ଡଙ୍ଗାପାଳ ସ୍ଥିତ ବନସୁରକ୍ଷା ସମିତି ଗୃହ, ପାଟବେଢ଼ା ଗୋଷ୍ଠୀକେନ୍ଦ୍ର ଲୋକାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ବିଡ଼ିଓ ଯଶୋବନ୍ତ ଦେହୁରୀ, ଭାଜପା ଜିଲା ସଭାପତି ରାସବିହାରୀ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ଜିଲା ପରିଷଦ ସଦସ୍ୟ ନବକିଶୋର ସାହୁ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶିବଜ୍ୟୋତି ସାହୁ, ଏସଡିଓ ଉତ୍ତିଷ୍ଠ ସାହୁ, ବାମ ସରପଞ୍ଚ ଫକୀର ଚରଣ ମହାନ୍ତ, କଙ୍କଡ଼ାହାଡ଼ ସରପଞ୍ଚ ସମୀର ସେଠୀ, ଘାଗରାମୁଣ୍ଡା ସରପଞ୍ଚ ରଞ୍ଜିତା ନାୟକ, ସମିତି ସଦସ୍ୟା ଲକ୍ଷ୍ମୀ ବେହେରା, ଆମ୍ବା ଅଧ୍ୟକ୍ଷ ରମେଶ ଚନ୍ଦ୍ର ମିଶ୍ର, ମହାବିରୋଡ଼ ମଣ୍ଡଳ ସଭାପତି ଜିତେନ୍ଦ୍ର କର, କଙ୍କଡ଼ାହାଡ଼ ମଣ୍ଡଳ ସଭାପତି ଶୁଭେନ୍ଦୁ ପାଲ ପ୍ରମୁଖ ଯୋଗ ଦେଇଥିଲେ।

# ବଣ୍ଟାରପାଳରେ ସାଇ ମନ୍ଦିର ପ୍ରତିଷ୍ଠା



ବଣ୍ଟାରପାଳ,୪।୨ (ସୁବାସ ସାହୁ)

ଅନୁଗୋଳ ଜିଲା ବଣ୍ଟାରପାଳ ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସାଇବାବାଙ୍କ ନୂତନ ମନ୍ଦିର ସହ ବିଗ୍ରହ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ମଙ୍ଗଳବାର ସକାଳେ କଳସ ଯାତ୍ରା ସହ ପୂର୍ଣ୍ଣାହୁତି ହୋଇଥିଲା। ବୁଧବାର ଭୋରରୁ ପୂର୍ଣ୍ଣାହୁତି ସହ ହୋମଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପୂଜକ ମାନକେତନ ନାଥ, ତ୍ରିନାଥ ନାଥ, ଗୋବିନ୍ଦଚନ୍ଦ୍ର ମିଶ୍ର ଓ ପ୍ରମୋଦ ମହାପାତ୍ରଙ୍କ ଉପସ୍ଥିତିରେ ଶ୍ରୀ ସାଇଙ୍କ ବିଗ୍ରହ ସ୍ଥାପନ ସହ ମନ୍ଦିର ପ୍ରବେଶ ହୋଇଥିଲା। ଗୁରୁ ନାରାୟଣ ପଣ୍ଡିତ ଓ ସ୍ତ୍ରୀ କର୍ତ୍ତାଭାବେ କାର୍ଯ୍ୟ କରିଥିଲେ। ସିଦ୍ଧେଶ୍ୱର ପୂଜା କମିଟି ସଭାପତି ଅଜିତ ସାହୁ, ଭକ୍ତ ଚନ୍ଦ୍ରଧର ସାମଲ, ସୁହାସିନୀ ସାମଲ, ସ୍ୱପ୍ନା ସାମଲ, ଅଜିତ୍ ସାମଲ, ପୁଜିତ ସାମଲ, ମିତା ସାମଲଙ୍କ ସହ ବହୁ ସାଇଭକ୍ତ ଉପସ୍ଥିତ ଥିଲେ।


**RAJENDRA UNIVERSITY**
PRAJNA VIHAR, BALANGIR-767002, ODISHA (INDIA)
No.133/RUB Date : 31.01.2026

**WALK IN INTERVIEW FOR TEMPORARY ENGAGEMENT OF ASSISTANT PROFESSOR/GUEST FACULTY**

No.11001/8/2526 : Interested candidates may appear for the walk-in-interview for temporary engagement as Assistant Professor/Guest Faculty in different departments of Rajendra University, Balangir in the subjects :- **Odia, English, Philosophy, Mathematics, Chemistry, Physics, Zoology, Commerce, Education & Political Science** on 18.02.2026 in the University premises. For further details, please visit **www.rajendrauniversity.ac.in.**

Sd/- Registrar
Rajendra University, Balangir
OIPR-11001/11141/1/25-26/0008



**OFFICE OF THE NOTIFIED AREA COUNCIL, BANPUR**
Bid Reference No. : E.O-N.A.C-BNR-02/2025-26
Tender Call Notice No 156/Dt.22.01.2026

No.13001/20/2526 : The Executive Officer on behalf of Banpur NAC invites percentage basis tender from the registered contractors in offline.

| | | |
|---|---|---|
| 1. | Type of Works | Civil construction works as in the D.T.C.N |
| 2. | Total No. of works | As per DTCN |
| 3. | Tender Amount Cost | As per DTCN |
| 4. | Period of Completion | 60 days |
| 5. | Date and time of availability of Bid Documents in the office | From 11.00 A.M. of Dt.04.02.2026 to 5.00 P.M. of Dt.11.02.2026 |
| 6. | Date and time for submission of Original documents in office | 12.02.2026 at 11.00 A.M. to 1.00 P.M. |
| 7. | Date & Time of Opening of Tender | Dt.12.02.2026 at 3.00 P.M. |

Further amendments, corrigendum or other communication regarding this letter will be available by office notice and print media.

Sd/- Executive Officer
Banpur NAC
OIPR-13001/13177/1/25-26/0020



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସବିତାଲୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୦୬୨୪
ଏପିବିଏକ୍ସ: (୦୬୭୪) ୨୩୯୦୧୫୪୨, ୨୩୯୦୦୪୧
ଫାକ୍ସ:(୦୬୭୪) ୨୩୯୦୧୬୧, ୱେବସାଇଟ୍: https://oshb.org

**ବିଜ୍ଞାପନ**

ପତ୍ରସଂଖ୍ୟା ୩୦୪ ତା.୧୩.୦୧.୨୦୨୬

No.13001/20/2526: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ...

| କ୍ର. | ମୃତ ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନାମ - ଏଲିନା ଲେଙ୍କା, ସ୍ୱାମୀ - ... ଲେଙ୍କା, ସ୍ଥା/ପୋ- ... ଥାନା- ... ଜିଲ୍ଲା-ଖୋର୍ଦ୍ଧା | ଘର ନଂ- ବି/ଏଲ-୭୪ (G/L-74) ... ବି.ଏସ୍.ଏସ୍. ନଗର ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା | ୧. ତ୍ରିଲୋଚନ ଲେଙ୍କା (ପୁତ୍ର) ୨. ପ୍ରମୋଦ ଲେଙ୍କା (ପୁତ୍ର) ୩. ମନୋରମା ଲେଙ୍କା (ବି.କନ୍ୟା) ୪. କୁମୁଦିନୀ ଲେଙ୍କା (ବି.କନ୍ୟା) |

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13001/13030/1/25-26/0020



**Government of Odisha "e" procurement Notice**
Bid Identification No. TENDER ONLINE SBPR-20 OF 2025-26
e-mail ID : rw_sambalpur@yahoo.co.in, Phone No. 0663-2401850
No.25001/21/2526 No.1011 dated. 03.02.2026

| | | |
|---|---|---|
| 1. | Name of the work | Road Works as per DTCN available in the website www.tendersodisha.gov.in |
| 2. | Total No. of Work | 05 (Five) Nos. |
| 3. | Estimated Cost | Varies from Rs.6.72 lakhs to 18.49 lakhs |
| 4. | Period of Completion | 01 (One) Calendar month |
| 5. | Period and time of availability of bid document in the portal for bidding | 07.02.2026 at 11.00 A.M. to 13.02.2026 up to 5.00 P.M. |
| 6. | Date and time of opening of Tender | 16.02.2026 at 11.00 A.M. |
| 7. | Name and address of the officer inviting bid | S.E.R.W. Divn. Sambalpur |

(1) Other details can be seen from detailed notice inviting tenders, available in website www.tendersodishagov.in
(2) Corrigendum if any shall only be published in the website : www.tenderodisha.gov.in

Sd/- Superintending Engineer
Rural Works Division, Sambalpur
OIPR-25001/25076/1/25-26/0021



**OFFICE OF THE SUPERINTENDING ENGINEER RURAL WATER SUPPLY AND SANITATION DIVISION, BHUBANESWAR**
Plot No. 1214 (Part), Tapovan Road, Khandagiri, Bhubaneswar-30
Short Quotation Call Notice No. - 37 of 2025-26

No.25001/25/2526 : Sealed quotations are invited from reputed Suppliers/Authorized Firms/Resellers of the State for the works "Supply & installation of C.C. TV for Addition, Alteration & Renovation of existing Conference Hall in the Office of the Additional Chief Engineer, RWS&S Circle, Bhubaneswar."

| | |
|---|---|
| Last date of issue of Bid Document | 05.02.2026 till 03:00 P.M. |
| Last date of submission of Bids | 05.02.2026 by 04:00 P.M. |
| Opening of Bids | 06.02.2026 at 11:30 A.M. |

The Quotation details with materials description can be collected from Office of the Superintending Engineer, RWS&S Division, Bhubaneswar. The Superintending Engineer, RWS&S Division, Bhubaneswar reserves the right to accept/reject/modify & cancel the full tender or part thereof at any time without assigning any reason thereof.

Sd/- Superintending Engineer
RWS&S Division, Bhubaneswar
OIPR-25001/25011/1/25-26/0025



**e-Procurement Notice**
**OFFICE OF THE NOTIFIED AREA COUNCIL, CHIKITI, GANJAM**
Tender Call Notice No. 111, Dt.02.02.2026
Bid Identification No.- CHKT-NAC-03/2025-26

No.13001/20/2526 : Bid document consisting for Selection of an agency for execution and management of the Development Work of Chikiti NAC, Estimated Cost, Cost of Tender paper, E.M.D and the set of terms and conditions and other necessary documents can be seen in Govt. i.e. www.tenderorissa.gov.in.

| | |
|---|---|
| Total Number of Works | 19 Nos. |
| Estimated Cost | Rs.214142/- to Rs.1301530/- |
| Date & Time of availability of Bid documents in the portal | 11.00 A.M. of Dt.04.02.2026 to 05.00 P.M. of Dt.16.02.2026 for Online Bidding |
| Last Date of receive of Bid through Online | 05.00 P.M. of Dt.16.02.2026 |
| Date and time of Opening of Bid received online | 11.00 A.M. on Dt. 17.02.2026 |

Sd/- Executive Officer, NAC, Chikiti
OIPR-13001/13222/1/25-26/0020



**OFFICE OF THE MUNICIPAL COUNCIL, JODA**
Phone No. : 06767-272214, Fax No. : 06767-272214,
E-Mail : eojodamunicipality@rediffmail.com
No.324/ Dt.02.02.2026

**'e'-procurement Notice**
Bid Identification No. JM-03/2025-26

No.13001/20/25-26 : Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. **website i.e www.tendersodisha.gov.in**

| | | |
|---|---|---|
| 1. | Nature of Work | Civil Works |
| 2. | No. of Works | 10 Nos. |
| 3. | Estimated Cost | From Rs.4,23,754/- to Rs.16,94,967/- |
| 4. | Bid identification No. | 2026_ORULB_125410_1 to 2026_ORULB_125410_10 |
| 5. | Date & time of availability of the Documents in the Portal | From dt.03.02.2026 at 10.00 A.M. Up to Dt.13.02.2026 at 5.00 P.M. |
| 6. | Last date/time for receipt of Bids in the Portal | On dt.13.02.2026 up to 5.00 P.M. |
| 7. | Bids received online shall be opened | On Dt.16.02.2026 at 11.00 A.M. |
| 8. | Name and address of the Officer Inviting Bid | Executive Officer, Joda Municipality |

Further, the details can be seen from the e-Procurement Portal : www.tendersodisha.gov.in.

Sd/- Executive Officer
Joda Municipality
OIPR-13001/13244/1/25-26/0020



**OFFICE OF THE EXECUTIVE ENGINEER RURAL WATER SUPPLY & SANITATION DIVISION, MALKANGIRI**
Email : eerwss_mal@nic.in, eerwssmlkg@gmail.com
QUOTATION CALL NOTICE No. 01 of 2025-26 / Dt.30.01.2026

No.25001/23/2526 : The Superintending Engineer, RWS&S Division, Malkangiri on behalf of Governor of Odisha invites Sealed quotations from interested reputed Travel Agencies / Tour Operators or private individuals for providing one numbers of AC Diesel driven vehicles having sitting capacity not more than nine including driver, which shall confirm to the Terms and conditions for official use of the Assistant Executive Engineer, RWS&S Sub-Division, Malkangiri under RWS&S Division, Malkangiri.

The time schedule of the quotation is as follows.

| | |
|---|---|
| Date for sale of quotation | Dt.04.02.2026 to 12.02.2026 up to 04.00 P.M. |
| Date for submission of quotation | Dt.04.02.2026 to 12.02.2026 up to 05.00 P.M. |
| Date of Opening of Quotation | 13.02.2026 at 11.00 A.M. |

The Detailed Quotation Call Notice will be available in the Office of the Executive Engineer, RWS&S Division, Malkangiri as per the above date & time.

The Authority reserves the right to reject any or all quotations.

Sd/- Superintending Engineer
RWS&S Division, Malkangiri
OIPR-25001/25044/1/25-26/0023



**ODISHA STATE CIVIL SUPPLIES CORPORATION LTD. KENDRAPARA**
e-mail : cso.kendrapada@gmail.com
Tender Call Notice No. Dt.

No.7001/1/2526 : In pursuance of instructions communicated vide letter No.1403 dtd. 22.01.2026 of OSCSC Ltd, Bhubaneswar, the undersigned invites sealed tender / quotation from interested reputed Travel Agencies / Tour Operators or Private individuals for providing 2 (two) nos. of Non AC / AC vehicles one Petrol driven (Honda Amaze / Tata Altros / Maruti Celerio / Maruti Desires / Tata Tiago / Bolt / (Petrol Driven Vehicle for Official Purpose and another Diesel driven is Bolero & Ertiga etc.) for Paddy Procurement Operation for the KMS-2025-2026 (Only commercial registered vehicles are allowable). The tender selection programme will be as follows.

The Tender documents with terms and conditions and other details are also available in the District website at www.kendrapara.nic.in.

| Particulars of tender process | Programme Date |
|---|---|
| 1. Publication of tender notice in 02 (two) local edition of a leading Oriya daily of the state | By Dt.02.02.2026 |
| 2. Sale of tender paper (all working days) | From Dt. 02.02.2026 to 20.02.2026 (1 P.M.) |
| 3. Receipt of tender paper | From Dt. 02.02.2026 to 20.02.2026 (02 P.M.) |
| 4. Opening of tender paper & selection of tenders | 20.02.2026 at 4 P.M. in the Office Chamber of the ADM (Gen.) Kendrapara |

By Order of Collector, Kendrapara
Sd/- CSO-cum-District Manager
OSCSC Ltd., Kendrapara
OIPR-7001/7039/1/25-26/0001



**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
(ଓଡ଼ିଶା ସରକାରଙ୍କ ଏକ ଉଦ୍ୟୋଗ)
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
ଉପ ମହାପ୍ରବନ୍ଧକ(ବିଦ୍ୟୁତ୍)ଙ୍କ କାର୍ଯ୍ୟାଳୟ, ଅତ୍ୟଧିକ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ, ବଲାଙ୍ଗୀର

**ବିଜ୍ଞପ୍ତି**

ଏତଦ୍ୱାରା ଜନ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୧୩୨/୩୩ କେ.ଭି. ଗ୍ରୀଡ୍ ସବ୍‌ଷ୍ଟେସନ ତରଭା ଏବଂ ଏହାକୁ ୧୩୨ କେ.ଭି. ବଲାଙ୍ଗୀର - ସୋନପୁର ଲାଇନ୍ ସହିତ ସଂଯୋଗ କରୁଥିବା ୧୩୨ କେ.ଭି. ଲିଲୋ ଲାଇନ୍‌ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି। ଉକ୍ତ ଲାଇନ୍‌ଟି ସୁବର୍ଣ୍ଣପୁର ଜିଲ୍ଲାର ମନହାରା, ସିବଡ଼ୁଲା, ପଦ୍ମପୁର ଗ୍ରାମ ଦେଇ ଯାଇଅଛି। ଏହି ଗ୍ରୀଡ୍ ସବ୍‌ଷ୍ଟେସନ ତଥା ଲାଇନ୍‌ରେ ଆସନ୍ତା ତା. ୦୫.୦୨.୨୦୨୬ ରିଖ ପରଠାରୁ ଯେ କୌଣସି ମୁହୂର୍ତ୍ତରେ ବିଦ୍ୟୁତ୍ ସଂଯୋଗ କରାଯାଇ ବିଦ୍ୟୁତ ପ୍ରବାହ କରାଯିବ।

ଏହି ବିଜ୍ଞାପନ ଜରିଆରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ପ୍ରଚଳିତ ଭାରତୀୟ ନିୟାମକ ୧୯୫୯ ଧାରା ୭୯,୮୦ ଏବଂ ୮୨(କ) ଅନୁଯାୟୀ ବିନା ଅନୁମତିରେ ବିଦ୍ୟୁତ୍ ଲାଇନ୍ ତଳେ ଘର ତୋଳିବା, ଗଛ ଲଗାଇବା, ବିଦ୍ୟୁତ୍ ଟାୱାରରେ ଚଢ଼ିବା,ଗୃହପାଳିତ ପଶୁ ବାନ୍ଧିବା, କୌଣସି ଲୁହା ଛଡ଼ ବା ଲୁହା ପାଇପ ବା ବାଉଁଶ ବାଡ଼ି ଆଦି ନେବା ଆଣିବା କରିବା ନିଷେଧ ଅଟେ। ଏହା ଦ୍ୱାରା ଧନ ଜୀବନର ହାନି ହେବାର ଆଶଙ୍କା ରହିଛି। ଏହି ଅତ୍ୟଧିକ ବିଦ୍ୟୁତ୍ ଲାଇନ୍ ନିକଟରେ ବସବାସ କରୁଥିବା ବା ଚଳପ୍ରଚଳ କରୁଥିବା ଜନସାଧାରଣ ନିରାପଦ ମୂଳକ ସାବଧାନତା ଅବଲମ୍ବନ କରିବା ଉଚିତ।

ଉପରୋକ୍ତ ନିୟମମାନ ଉଲ୍ଲଂଘନ କରିବା ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ଅଟେ। ଏଣୁ ସର୍ବସାଧାରଣଙ୍କୁ ନିଜ ଧନ ଜୀବନର ନିରାପତ୍ତା ଦୃଷ୍ଟିରୁ ସତର୍କ ରହି ସାଧାରଣ ନିୟମ ପାଳନ କରିବାକୁ ଅନୁରୋଧ।

ସ୍ୱା/- ଉପ ମହାପ୍ରବନ୍ଧକ (ବିଦ୍ୟୁତ୍)
ଅତ୍ୟଧିକ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ,ବଲାଙ୍ଗୀର
FIPR-94/2025-26
/optcl.odisha /optcl_odisha

## ସହ ନିର୍ଦ୍ଦେଶନାରୁ ଅଭିନୟ

ସିଦ୍ଧାର୍ଥ ମାଲହୋତ୍ରା ପ୍ରଥମେ ମଡେଲିଂ ସହ ଜଡିତ ଥିଲେ। କିନ୍ତୁ ତାଙ୍କ ଭିତରେ ଲୁଚି ରହିଥିବା ଏକ ପ୍ରତିଭାକୁ ଠିକ୍ ଭାବରେ ଚିହ୍ନି ପାରିଥିଲେ ପ୍ରଯୋଜକ କରନ୍ ଜୋହର। ତାଙ୍କ ଦ୍ୱାରା ପ୍ରଯୋଜିତ 'ମାଇଁ ନେମ୍ ଇଜ୍ ଖାନ୍'ର ସହ-ନିର୍ଦ୍ଦେଶକ ଭାବରେ ସେ କାହାକୁ ନେଇଥିଲେ ଜାଣନ୍ତି ? ସିଦ୍ଧାର୍ଥଙ୍କୁ। କେବଳ ସେତିକି ନୁହେଁ, ଏହି ଫିଲ୍ମରେ ନିଜ ଦାୟିତ୍ୱକୁ ବେଶ୍


ସିଦ୍ଧାର୍ଥ ମାଲହୋତ୍ରା

ସୁଚାରୁ ରୂପେ ତୁଲାଇଥିଲେ ସେ। କରନ୍ ତାଙ୍କର ଫିଲ୍ମ 'ଷ୍ଟୁଡେଣ୍ଟ ଅଫ ଦ ଇୟର'ରେ ସିଦ୍ଧାର୍ଥଙ୍କୁ ନାୟକ ଭାବରେ ବ୍ରେକ୍ ଦେଇଥିଲେ। ଏଥିରେ ନାୟିକା ଭାବରେ ପ୍ରଥମ ଥର ପାଇଁ ଆଲିଆ ଭଟ୍ଟଙ୍କୁ ଦେଖିବାକୁ ମିଳିଥିଲା। ତା'ସହ ଆଉ ଜଣେ ନବାଗତ ବରୁଣ ଧାୱନଙ୍କର ମଧ୍ୟ ଏହା ଥିଲା ପ୍ରଥମ ସିନେମା। ଏ ବିଷୟରେ ସିଦ୍ଧାର୍ଥ କହନ୍ତି, ''କରନ୍ ସାର୍‌ଙ୍କ ପରି ନାମୀ ନିର୍ଦ୍ଦେଶକଙ୍କ ସହ ମୁଁ ଜଣେ ସହ-ନିର୍ଦ୍ଦେଶକ ଭାବରେ କାମ କରିଥିଲି। ତା'ପରେ ସେ ଯେ ଦିନେ ମୋତେ ବଡ ପରଦାରେ ନାୟକ ଭାବରେ ବ୍ରେକ୍ ଦେବେ ତାହା ମୁଁ କେବେ ଚିନ୍ତା କରି ନ ଥିଲି। ତାଙ୍କର ଆଶୀର୍ବାଦରୁ ଆଜି ମୁଁ ଆକ୍ଟିଂ ଲାଇନ୍‌ରେ ତିଷ୍ଠି ରହିଛି।'' ଅନ୍ୟପକ୍ଷରେ ତାଙ୍କ ଅଭିନୀତ 'ଭାନ୍ : ଫୋର୍ସ ଅଫ ଦ ଫରେଷ୍ଟ'ର ଶୁଟିଂ ଚାଲୁ ରହିଛି।

## ମାତ୍ର ଆଠ ମାସରେ...

କିଆରା ଆଡଭାନୀ ଯେତେବେଳେ ପ୍ରଥମ ଥର ପାଇଁ କ୍ୟାମେରା ସାମନା କରିଥିଲେ ସେତେବେଳେ ତାଙ୍କୁ କେତେ ବୟସ ହୋଇଥିଲା ଜାଣନ୍ତି ? ମାତ୍ର ଆଠ ମାସ। ହେଲେ ଏତେ କମ୍ ବୟସରେ ସେ କ'ଣ ଅଭିନୟ କରିବା ଆରମ୍ଭ କରିଥିଲେ ? ନା। ସେତେବେଳେ ଟିଭି ପାଇଁ ପ୍ରସ୍ତୁତ ଏକ ବେବି କ୍ରିମ ବିଜ୍ଞାପନରେ ତାଙ୍କର ମା'ଙ୍କ ସହ ତାଙ୍କୁ ଦେଖିବାକୁ ମିଳିଥିଲା। ବଲିଉଡ୍ ସହ କିଆରାଙ୍କ ପରିବାର ସମ୍ପର୍କ ଥିଲା। ସେ ଥିଲେ ବିଶିଷ୍ଟ ଅଭିନେତା ଅଶୋକ କୁମାରଙ୍କର ଅଣ ନାତୁଣୀ। ତାଙ୍କର ସମ୍ପର୍କୀୟ ମାମୁ ଥିଲେ ସୟିଦ ଜାଫ୍ରି। ଖାସ୍ କଥା ହେଲା କିଆରାଙ୍କ ମା' ଜେନିଭିଭି ଆଡଭାନୀ ସଲମାନ୍ ଖାନ୍‌ଙ୍କ ସହ ଏକାଠି ବଢ଼ିଥିଲେ। ଏପରି କି କିଆରାଙ୍କୁ ଅଭିନୟରେ ଏଣ୍ଟ୍ରି କରାଇବାକୁ ସଲମାନ ତାଙ୍କୁ ପ୍ରସ୍ତାବ ଦେଇଥିଲେ। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଫୁଗଲି' (୨୦୧୪)। କିନ୍ତୁ 'ଏମ.ଏସ. ଧୋନି : ଦ ଅନଟୋଲ୍ଡ ଷ୍ଟୋରି'ର ସାକ୍ଷୀ ରାୱତ ଭୂମିକା ତାଙ୍କୁ ବେଶ୍ ମାଇଲେଜ ଦେଇଥିଲା। କିଆରା ଅଭିନୟ କରିଥିବା ପ୍ରମୁଖ ଚଳଚ୍ଚିତ୍ରଗୁଡିକ ମଧ୍ୟରେ ରହିଛି 'ମେସିନ୍', 'ଲୁଷ୍ଟ ଷ୍ଟୋରିଜ', 'କଲଙ୍କ', 'କବୀର ସିଂ', 'ଗୁଡ୍ ନ୍ୟୁଜ', 'ଲକ୍ଷ୍ମୀ', 'ଭୁଲ ଭୁଲେୟାଁ ୨', 'ଗୋବିନ୍ଦା ନାମ ମେରା', 'ଗେମ୍ ଚେଞ୍ଜର' ଏବଂ 'ୱାର ୨'।

## ଅତୀତରୁ...

➤ଓଡ଼ିଆ ସିନେମା 'ରାମ ବଳରାମ'ର ନିର୍ଦ୍ଦେଶନା ଦେଇଥିଲେ ଜଗଦୀଶ ଭି.। ବିଭିନ୍ନ ଭୂମିକାରେ ଉତ୍ତମ ମହାନ୍ତି, ଅନୀତା ଦାସ,ଦୀପା ସାହୁ ଏବଂ ବୀରେନ ରାଉତରାୟ ପ୍ରମୁଖ ଅଭିନୟ କରିଥିଲେ।

➤'ସୀତା ଲବକୁଶ' ଶୀର୍ଷକ ପୌରାଣିକ ସିନେମାରେ ରୋଜାରମଣି ଏବଂ ଚକ୍ରପାଣିଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିଥିଲା।

➤ଓଡ଼ିଆ ସିନେମା 'ଅଶାନ୍ତ ଗ୍ରହ'ର ନିର୍ଦ୍ଦେଶନା ଦେବା ସହ ପ୍ରମୁଖ ଭୂମିକାରେ ଅଭିନୟ କରିଥିଲେ ଶରତ ପୂଜାରୀ। ଉତ୍ତମ ମହାନ୍ତି ଏବଂ ମହାଶ୍ୱେତା ରାୟ ମଧ୍ୟ କାଷ୍ଟିଂରେ ଥିଲେ।


କିଆରା

ଅପେରା ହାଲଚାଲ

## ସ୍ୱର୍ଣ୍ଣମହଲର ରୟାଲ ଯୋଡ଼ି

ଅପେରା ଜଗତର ଅନ୍ୟତମ ଆଗଧାଡିର ଅନୁଷ୍ଠାନ ହେଉଛି ଯାତ୍ରା ସ୍ୱର୍ଣ୍ଣମହଲ। ସ୍ୱାଇଁ ବ୍ରଦର୍ସ ପ୍ରଯୋଜନାରେ ଆସନ୍ତା ଯାତ୍ରା ଋତୁ ପାଇଁ ଏହି ପାର୍ଟି ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ସବୁଠାରୁ ଖାସ୍ କଥା ହେଲା ଗତ କିଛି ବର୍ଷ ଧରି ଏହାର ପ୍ରମୁଖ ମଞ୍ଚଆଲ ସାଜିଛନ୍ତି ଜଲିଉଡ୍‌ର ମୋଷ୍ଟ ଫେଭରାଇଟ୍ ଯୋଡି ସୁବାସ (ବେହେରା)-ଭାବନା। ୨୦୨୬-୨୭ରେ ମଧ୍ୟ ଏହି ରୟାଲ ଯୋଡ଼ିକୁ ପୁଣି ଥରେ ସ୍ୱର୍ଣ୍ଣମହଲ ରିପିଟ୍ କରିବାକୁ ଯାଉଛି। ଗତ ବର୍ଷ ଏହାର ସୁପରହିଟ୍ ନାଟକ 'ସ୍ୱାମୀ ପାଇଁ ପଛେ ନର୍କକୁ ଯିବି'ରେ ଏହି ଯୋଡି ବେଶ୍ ପ୍ରଶଂସା ସାଉଁଟି ଥିଲେ। ଏବର୍ଷ 'ଗୁହାରି ଶୁଣ ଦୀନବନ୍ଧୁ'ରେ ସୁବାସ-ଭାବନା ଯୋଡି ନିଜର ଅଭିନୟ ଦକ୍ଷତାର ପୁଣି ଥରେ ପ୍ରମାଣ ଦେଇଛନ୍ତି। ତେବେ ଏ ନେଇ ସୁବାସ କହନ୍ତି, ''ଆସନ୍ତା ଯାତ୍ରା ସିଜନରେ ସ୍ୱାଇଁ ବ୍ରଦର୍ସ ପୁଣି ଥରେ ମୋ ଉପରେ ଆସ୍ଥା ପ୍ରକଟ କରିଛନ୍ତି। ନୂଆ ସିଜନ୍‌ର ନୂଆ ନାଟକରେ କିପରି ଦର୍ଶକଙ୍କ ମନ ପୁଣି ଥରେ ଜିଣିପାରିବି ସେ ନେଇ ନିଶ୍ଚୟ ଉଦ୍ୟମ କରିବି। କାରଣ ସେମାନଙ୍କର ଭଲ ପାଇବା ଆଉ କରତାଳି ପାଇଁ ଆଜି ମୁଁ ଜଲିଉଡ୍‌ରେ ତିଷ୍ଠି ରହିଛି।'' ଏହି ଯୋଡି ଅଭିନୀତ ନାଟକ 'କେତେ ଦୁଃଖ ଦବୁ ଦେ ରେ କାଳିଆ', 'ବଡ ଲୋକ ଛୋଟ ଲୋକ' ଏବଂ 'ଗରିବର ଦୁଃଖ ଦେଖିଛି କିଏ' ମଧ୍ୟ ଦର୍ଶକାଦୃତ ହୋଇସାରିଛି।


ସୁବାସ-ଭାବନା

## ପରଦାରେ.. ମିଡ୍ ନାଇଟ୍

ରହସ୍ୟ ରୋମାଞ୍ଚଭରା କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ମିଡ୍ ନାଇଟ୍'। ଉକ୍ତ ଚଳଚ୍ଚିତ୍ରଟି ଚଳିତ ମାସ ୬ ତାରିଖରେ ପରଦା ଉପରକୁ ଆସୁଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। କାହାଣୀ ଅନୁସାରେ ଅମିୟ ଦାଶ ଜଣେ ପୁଞ୍ଜିପତି ଏବଂ ଗୋଟେ ନିର୍ମାଣକାରୀ ସଂସ୍ଥାର ମାଲିକ। ତାଙ୍କର ଅନ୍ତରଙ୍ଗ ବନ୍ଧୁ ବିଜୁ ବଳିୟାର ସିଂ (ବିରେନ ମିଶ୍ର) ଓ ଚନ୍ଦ୍ରଶେଖର (ଅକ୍ଷୟ ବସ୍ତିଆ)ଙ୍କୁ ସେହି ସଂସ୍ଥାରେ କାମ କରିବାର ସୁଯୋଗ ଦିଅନ୍ତି। ହେଲେ ସଂସ୍ଥାର ଉନ୍ନତି ଓ ଲାଭାଂଶ ଦେଖି ସେମାନେ ଲୋଭ କରନ୍ତି। ମୋଟା ଅଙ୍କର ଅଂଶଧନ ଓ ଲାଭାଂଶ ମାଗନ୍ତି। ବାସ୍, ଏଇଠୁ କଳହର ସୂତ୍ରପାତ ହୁଏ। ସମୟକ୍ରମେ ନିଜ ସ୍ୱାର୍ଥ ସାଧନ ପାଇଁ ବିଜୁ ଏବଂ ଚନ୍ଦ୍ର ମିଶିକରି ଅମିୟଙ୍କୁ ହତ୍ୟା କରନ୍ତି। ପରବର୍ତ୍ତୀ ସମୟରେ ବାପାଙ୍କର ରହସ୍ୟମୟ ମୃତ୍ୟୁ ଉପରୁ ପରଦା ହଟାଇବାକୁ ପୂରାଦମ୍‌ରେ ଲାଗିପଡେ ଅନୀଲ। ଆଉ ଶେଷରେ କ'ଣ ହୁଏ ତାହା ସିନେମାଟି ଦେଖିଲେ ହିଁ ଜାଣିପାରିବେ। ମନୁ ଦ୍ୱିବେଦୀ ଏକାଧାରରେ ଏହାର ପ୍ରଯୋଜକ ସାଜିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ତା' ସହ ବାପା (ଅମୀୟ ଦାଶ) ଏବଂ ପୁଅ (ଅନୀଲ) ଚରିତ୍ରରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିବ। ସଂଳାପ ରଚନା କରିଛନ୍ତି ଡ.ରଜନୀ ରଞ୍ଜନ। ଡ. ନିର୍ମଳ ନାୟକ ଓ ସରୋଜ ବଳଙ୍କ ରଚିତ ଗୀତକୁ ସଙ୍ଗୀତରେ ସଜେଇଛନ୍ତି ପ୍ରଶାନ୍ତ ପାଢ଼ୀ। ଦେବୁ ବ୍ରହ୍ମା, ପ୍ରତିଭା ପଣ୍ଡା, ଡାଏନା, ଆଲିଆ, ପ୍ରିୟା, ପ୍ରିୟଙ୍କା, ସସ୍ମିତା ଓ ସୁଧାଂଶୁବାଳା ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

'ମିଡ୍ ନାଇଟ୍' ଫିଲ୍ମର ଏକ ଦୃଶ୍ୟ


## ରିଲିଜ ଅପେକ୍ଷାରେ...

## ବର ବଧୂ


'ବର ବଧୂ' ଫିଲ୍ମରେ ଶୁଭାଶିଷ-ସୂର୍ଯ୍ୟମୟୀ

ଭିନ୍ନ ଧରଣର କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଛି ଏକ ନୂଆ ଓଡ଼ିଆ ସିନେମା। ଏଥିରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା ଭରି ରହିଛି। ରିଲିଜ ଅପେକ୍ଷାରେ ଥିବା ଏହି ନୂଆ ଓଡ଼ିଆ ଚିତ୍ରଟିର ଟାଇଟଲ ରହିଛି 'ବର ବଧୂ'। ଉକ୍ତ ଫିଲ୍ମରେ ଦୁଇ ବନ୍ଧୁ ଭୂମିକାରେ ଶୁଭାଶିଷ ଶର୍ମା ଓରଫ ମଣ୍ଟୁ ଏବଂ ଶୈଳେନ୍ଦ୍ର ସାମନ୍ତରାୟ ଅଭିନୟ କରିଛନ୍ତି। ଅନ୍ୟାନ୍ୟ ଭୂମିକାରେ ଶିବାନୀ ସଙ୍ଗୀତା, ସୂର୍ଯ୍ୟମୟୀ ମହାପାତ୍ର, ହର ରଥ, ଭାସ୍ୱତୀ ବସୁ, ଜୟଶ୍ରୀ ପ୍ରମୁଖଙ୍କୁ ଏଥିରେ ଦେଖିବାକୁ ମିଳିବ। ଏହି ଚିତ୍ରରେ ଶୁଭାଶିଷଙ୍କ ନାୟିକା ଭାବରେ ବର୍ତ୍ତମାନର ଅନ୍ୟତମ ବ୍ୟସ୍ତ ଅଭିନେତ୍ରୀ ସୂର୍ଯ୍ୟମୟୀ ସ୍କ୍ରିନ୍ ଶେୟାର କରିଥିବା ବେଳେ ଶୈଳେନ୍ଦ୍ରଙ୍କ ନାୟିକା ସାଜିଛନ୍ତି ଶିବାନୀ। ଅବଶ୍ୟ ଏହାପୂର୍ବରୁ ଶୈଳେନ୍ଦ୍ର-ଶିବାନୀ ଯୋଡି 'ଗୁଣ୍ଡୁ ଗ୍ୟାଙ୍ଗଷ୍ଟର' ଏବଂ 'ଛି ରେ ନନୀ ଛି'ରେ ଅଭିନୟ କରିସାରିଛନ୍ତି। ଆଉ ଏଥର ତୃତୀୟ ଥର ପାଇଁ ବଡ ପରଦାରେ ଦେଖାଦେବେ। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଚନ୍ଦ୍ରମଣି। ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିବା ସହ ନିର୍ଦ୍ଦେଶନାର ଗୁରୁଦାୟିତ୍ୱ ତୁଲାଇଛନ୍ତି ବିଶ୍ୱରଞ୍ଜନ। କେବଳ ସେତିକି ନୁହେଁ, ସୁଶୀଲ କୁମାର ମିଶ୍ରଙ୍କ ସହ ସେ ମଧ୍ୟ ଏହାର ସହ-ପ୍ରଯୋଜନା କରିଛନ୍ତି। ସଂଯୋଜିତ ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ଆଗଧାଡିର ଯୁବ ସ୍ୱରକାର ଗୌରବ ଆନନ୍ଦ। ୟୁଜଫୁଲ ଗାର୍ବେଜ କ୍ରିଏସନ୍ସ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି।

## ଭୁଲି ପାରିବେନି ରାଣୀ

ଜଣେ କଳାକାର ଜୀବନରେ ଅନେକ ସ୍ମରଣୀୟ ଘଟଣା ଘଟିଥାଏ। ସେଗୁଡିକ ମଧ୍ୟରୁ କେତେକରେ ଖୁସିର ଫଲଗୁ ଝରୁଥିବା ବେଳେ ଆଉ କେତେକ ଘଟଣାରେ ବିଷାଦର ଛାୟା ଢ଼ାଙ୍କି ହୋଇ ରହିଥାଏ। ଠିକ୍ ସେମିତି ନିଜ ଅଭିନୟ କ୍ୟାରିୟର ପ୍ରାରମ୍ଭିକ ଅବସ୍ଥାରେ ଏକ ସିନେମାକୁ ଏବେ ବି ସେ ମନେ ପକାଇଥାଆନ୍ତି। ହଁ, ସେହି ଅଭିନେତ୍ରୀ ଜଣଙ୍କ ହେଉଛନ୍ତି ରାଣୀ ମୁଖାର୍ଜୀ। ଆମୀର ଖାନ୍‌ଙ୍କ ସହ 'ଗୁଲାମ୍' ହିଟ୍ ହେବା ପରେ ତାଙ୍କୁ ୟଶ ଚୋପ୍ରାଙ୍କ 'ସାଥିୟା' ଫିଲ୍ମରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ଏହି ଚିତ୍ରଟି ଯେ ଏଭଳି ଆଶାତୀତ ଭାବରେ ସଫଳତା ଅର୍ଜନ କରିବ ତାହା ରାଣୀ କେବେ ଭାବି ନ ଥିଲେ। ''ଦିନେ ହଠାତ୍ ୟଶ ଚୋପ୍ରା ମୋତେ ଫୋନ୍ କରି କହିଲେ ଯେ ମୋତେ ସେ ତାଙ୍କର ଆଗାମୀ ଫିଲ୍ମ 'ସାଥିୟା'ରେ ସୁଯୋଗ ଦେଉଛନ୍ତି। ବଲିଉଡ୍‌ର ଏହି ବଡ ବ୍ୟାନରରେ ଅଭିନୟ କରିବାର ସୁଯୋଗ କେବଳ ଭାଗ୍ୟରେ ଥିଲେ ମିଳେ। ତେଣୁ ଅଫରଟିକୁ ଆଦୌ ହାତଛଡା କରି ନ ଥିଲି। ପରବର୍ତ୍ତୀ ସମୟରେ ଫିଲ୍ମଟି ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇଥିଲା। କେବଳ ସେତିକି ନୁହେଁ, ତା'ପରେ ମୋତେ ଅଫର ପରେ ଅଫର ମିଳି ଚାଲିଲା। ଏହି ଫିଲ୍ମଟିକୁ ମୁଁ କଦାପି ଭୁଲି ପାରିବି ନାହିଁ। 'ସାଥିୟା'ର କାହାଣୀ ଚିତ୍ରନାଟ୍ୟ ରଚନା କରିବା ସହ ଏହାର ଅନ୍ୟତମ ପ୍ରଯୋଜକ ଥିଲେ ମଣିରତ୍ନମ। ଗୁଲଜାର ଏହାର ସଂଳାପ ରଚନା କରିଥିବା ବେଳେ ଗୀତଗୁଡିକୁ ସ୍ୱର ଦେଇଥିଲେ ଏ.ଆର. ରହେମନ। ଏଥିରେ ରାଣୀଙ୍କର ନାୟକ ସାଜିଥିଲେ ବିବେକ ଓବରୟ।

## ସେହି ଛଅ ମାସ...

ଅଭିନୟ କ୍ଷେତ୍ରରେ ବିଦ୍ୟା ବାଲାନ କେତେ ଦକ୍ଷ ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ପରିଣିତା'। ଏହାର ପ୍ରଯୋଜନା କରିଥିଲେ ବିଧୁ ବିନୋଦ ଚୋପ୍ରା। ଯେତେବେଳେ ଏହାର କାହାଣୀ ଫାଇନାଲ ହେଲା ସେ ଏହାର ନାୟିକା ଚରିତ୍ରରେ ବିଦ୍ୟାଙ୍କୁ ସାଇନ୍ କରାଇବାକୁ ସ୍ଥିର କରିଥିଲେ। କିନ୍ତୁ ଭୂମିକାଟି କିପରି ଦମଦାର ହେବ ସେ ନେଇ ବିଦ୍ୟାଙ୍କୁ କିଛି ଥର ଅଡିଶନ ଦେବାକୁ ପଡିଥିଲା। ଆଉ ବିଦ୍ୟା ଲଗାତର ଛଅ ମାସ ଧରି ଅଡିଶନ ଦେବା ପରେ ଶେଷରେ ପ୍ରଯୋଜନା ସଂସ୍ଥା ପକ୍ଷରୁ ତାଙ୍କୁ ଗ୍ରୀନ୍ ସିଗନାଲ ଦିଆଯାଇଥିଲା। ଏ ବିଷୟରେ ବିଦ୍ୟା କହନ୍ତି, ''ମୋ ପ୍ରଥମ ସିନେମା ସାଇନ୍ କରିବା ପୂର୍ବରୁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଥିଲା। କାରଣ ସେହି ସମୟରେ ପ୍ରଯୋଜକ ବିଧୁ ସାର୍ ଲଗାତର ଛଅ ମାସ ମୋର ଅଡିସନ୍ ନେଇଥିଲେ। ସେତବେଳକୁ ମୁଁ ଏକରକମ ଆଶା ଛାଡିଦେଇଥିଲି। କିନ୍ତୁ ବିଶ୍ୱାସ ଥାଏ ମୋର ଏହି ପରିଶ୍ରମ କେବେ ବୃଥା ଯିବନି। ଯାହାହେଉ ଶେଷରେ ମୋର ଆଶା ପୂରଣ ହେଲା। ୨୦୦୫ରେ ରିଲିଜ ହୋଇଥିବା ଏହି ଫିଲ୍ମଟି ଭଲ ବିଜନେସ କରିଥିଲା।'' ବିଦ୍ୟାଙ୍କର ରୋଲ୍ ମଡେଲ କିଏ ଥିଲେ ଜାଣନ୍ତି ? ଉଭୟ ସବାନା ଆଜମୀ ଏବଂ ମାଧୁରୀ ଦିକ୍ଷୀତ।


ବିଦ୍ୟା ବାଲାନ୍


ରାଣୀ

## ଏମ୍‌ପି ହେମାମାଳିନୀଙ୍କୁ ଭେଟି ସମବେଦନା ଜଣାଇଲେ ରୁଦ୍ର ପାଣି



ତାଳଚେର,୪।୨ (ମନୋଜ ନନ୍ଦ)

ହିନ୍ଦୀ ଚଳଚ୍ଚିତ୍ରର ପ୍ରଖ୍ୟାତ ଅଭିନେତା ଧର୍ମେନ୍ଦ୍ରଙ୍କ କିଛି ଦିନ ତଳେ ବିୟୋଗ ଘଟିଥିବାରୁ ତାଙ୍କ ସ୍ତ୍ରୀ ଅଭିନେତ୍ରୀ ତଥା ଏମ୍‌ପି ହେମାମାଳିନୀଙ୍କୁ ବୁଧବାର ଭେଟି ସମବେଦନା ଜଣାଇଛନ୍ତି ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି। ଏମ୍‌ପି ପାଣି ନୂଆଦିଲ୍ଲୀସ୍ଥିତ ସଂସଦ ଭବନରେ ଏମ୍‌ପି ହେମାମାଳିନୀଙ୍କୁ ଭେଟି ଗଭୀର ଶୋକ ପ୍ରକଟ କରିବା ସହ ସମବେଦନା ଜଣାଇଥିଲେ।

# ଆହତ ଖେଳାଳିଙ୍କୁ ବାଇକ୍‌ରେ ପଠାଗଲା ମେଡିକାଲ

- ଜିଲାସ୍ତରୀୟ ଗ୍ରାମାଞ୍ଚଳ ଫୁଟ୍‌ବଲ ଲିଗ୍‌ରେ ୨ ଦିନରେ ୨ ଖେଳାଳି ଆହତ
- ଆମ୍ବୁଲାନ୍ସ ସେବାରେ ବିଳମ୍ବ ନେଇ ଆୟୋଜକଙ୍କ ମଧ୍ୟରେ ଅସନ୍ତୋଷ
- ପୂର୍ବରୁ ଆଶ୍ୱାସନା ଦେଇଥିବା ମେଡିକାଲ କର୍ତ୍ତୃପକ୍ଷ ଠିକଣା ସମୟରେ ସହଯୋଗ କଲେନି

ଅନୁଗୋଳ,୪।୨ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସହରସ୍ଥିତ ପିଟିସି ପଡ଼ିଆରେ ଚାଲିଥିବା ଜିଲାସ୍ତରୀୟ ଗ୍ରାମାଞ୍ଚଳ ଫୁଟ୍‌ବଲ ଲିଗ୍‌ରେ ମଙ୍ଗଳବାର ଓ ବୁଧବାର ମ୍ୟାଚ ବେଳେ ୨ ଖେଳାଳି ଆହତ ହୋଇଛନ୍ତି। ଉକ୍ତ ଖେଳାଳି ଦ୍ୱୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଯିବାକୁ ମେଡିକାଲ ସହ ଯୋଗାଯୋଗ କରାଯିବା ସତ୍ତ୍ୱେ ଆମ୍ବୁଲାନ୍ସ ସେବାରେ ବହୁ ବିଳମ୍ବ ପରିଲକ୍ଷିତ ହୋଇଥିଲା। ଶେଷରେ ୨ ଖେଳାଳିଙ୍କୁ ବାଇକ୍‌ରେ ନିଆଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଲିଗ୍ ଆୟୋଜନ ପୂର୍ବରୁ ଆବଶ୍ୟକସ୍ଥଳେ ତ୍ୱରିତ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯିବ ବୋଲି ମେଡିକାଲ କର୍ତ୍ତୃପକ୍ଷ ଆଶ୍ୱାସନା ଦେଇଥିଲେ ହେଁ ଠିକଣା ସମୟରେ ସହଯୋଗ ନ କରିବାରୁ ଏ ନେଇ ଆୟୋଜକ ଅନୁଗୋଳ ଗ୍ରାମାଞ୍ଚଳ ଫୁଟବଲ୍ ଲିଗ୍ ସଭାପତି ପବନା କୁମାର ସାହୁ ଓ ସମ୍ପାଦକ ଶୁଭ୍ରାଂଶୁ ଶେଖର ସାହୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ଗତ ୨୫ ତାରିଖରୁ ପିଟିସି ପଡ଼ିଆରେ ଜିଲାର ବିଭିନ୍ନ କ୍ଲବ ମଧ୍ୟରେ ମ୍ୟାଚ ଖେଳାଯାଉଛି। ମଙ୍ଗଳବାର ମ୍ୟାଚ ସମୟରେ ପାଲଲହଡ଼ା ଟିମ୍‌ର ଖେଳାଳି କୃଷ୍ଣଚନ୍ଦ୍ର ନାୟକଙ୍କ ମୁହଁ ଓ ଥୋଡ଼ି ଫାଟିଯାଇଥିବା ବେଳେ ବୁଧବାର ଦୁଇ ଖେଳାଳି ପରସ୍ପର ମଧ୍ୟରେ ଧକ୍କା ହେବାରୁ କୁଇଓ ଟିମ୍‌ର ଖେଳାଳି ସୂର୍ଯ୍ୟ ମୁର୍ମୁଙ୍କ ଜଙ୍ଘ ହାଡ଼ ଭାଙ୍ଗିଯାଇଥିଲା। ଏହି ଘଟଣା ପରେ ଖେଳାଳିଙ୍କୁ ତୁରନ୍ତ ଚିକିତ୍ସା ପାଇଁ ପଠାଯିବାକୁ ଆମ୍ବୁଲାନ୍ସର ଆବଶ୍ୟକତା ହୋଇଥିଲେ ମଧ୍ୟ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିଥିଲା। ଆୟୋଜକମାନେ ଆମ୍ବୁଲାନ୍ସକୁ ସମ୍ପର୍କ କରିବାର ପ୍ରାୟ ୪୦ ମିନିଟ ବିଳମ୍ବରେ ଗାଡ଼ି ପହଞ୍ଚିଥିଲା। ସେତେବେଳକୁ ଆହତ ଖେଳାଳିଙ୍କୁ ବାଇକ୍‌ରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଲିଗ୍ ଆରମ୍ଭ ପୂର୍ବରୁ ଆୟୋଜକଙ୍କ ପକ୍ଷରୁ ଲିଖିତ ଭାବେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଆବଶ୍ୟକସ୍ଥଳେ ଆମ୍ବୁଲାନ୍ସ ସେବା ଯୋଗାଇଦେବାକୁ ନିବେଦନ କରାଯାଇଥିଲା। କୌଣସି ଦୁର୍ଘଟଣା ଘଟିଲେ କଲ୍ କରିବା ମାତ୍ରେ ତୁରନ୍ତ ଆମ୍ବୁଲାନ୍ସ ପଠାଯିବ ବୋଲି ମେଡିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆଶ୍ୱାସନା ମିଳିଥିଲା। କିନ୍ତୁ ଖେଳାଳୀଙ୍କ ଆହତ ସମସ୍ୟା ପରେ ଠିକ୍ ସମୟରେ ସେବା ନ ମିଳିବାରୁ ଆୟୋଜକମାନେ ଜିଲା ପ୍ରଶାସନ ଓ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଗାମୀ ମ୍ୟାଚ ସମୟରେ ନିୟମିତ ଭାବେ ଆମ୍ବୁଲାନ୍ସ ସେବା ଯୋଗାଇ ଦେବାକୁ ଆୟୋଜକ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ନ ହେବାରୁ ମତାମତ ମିଳିପାରି ନାହିଁ।




ମ୍ୟାଚ ବେଳେ ଆହତ ହୋଇଥିବା ୨ ଖେଳାଳି।

## 'ଓଡ଼ିଶାର ଉନ୍ନତି କଥା ଚିନ୍ତା କରୁଥିଲେ ମଧୁବାବୁ'



ମଧୁସୂଦନ ପାର୍କଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ।

ଅନୁଗୋଳ, ୪।୨ (ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ନାଲ୍‌କୋନଗର ମଧୁସୂଦନ ପାର୍କଠାରେ ଉତ୍କଳ ସମ୍ମିଳନୀ ଅନୁଗୋଳ ଓ ମଧୁ ସ୍ମୃତି କମିଟିର ମିଳିତ ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୯୨ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଉତ୍କଳ ସମ୍ମିଳନୀ ଅନୁଗୋଳ ଜିଲା ସମ୍ପାଦକ ଧନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ସତ୍ୟବାଦୀ ସାହୁ, ସମ୍ମିଳନୀର ଯୁଗ୍ମ ସମ୍ପାଦକ ଶ୍ରୀକାନ୍ତ କୁମାର ସାହୁ, ମଧୁବାବୁଙ୍କ ବଂଶଜ ନାରାୟଣ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କବି ସାନନ୍ଦ ଚନ୍ଦ୍ର ପରିଡ଼ା ମଧୁବାବୁଙ୍କ ସମ୍ପର୍କରେ ରଚିତ କବିତା ଗାନ କରିଥିବାବେଳେ ଉପସ୍ଥିତ ମହିଳାମାନେ କବିତା 'ତୁମପରି ଛୋଟ ପିଲାଟିଏ' ଗାନ କରିଥିଲେ। ମଧୁବାବୁ ସର୍ବଦା ଓଡ଼ିଶାର ଉନ୍ନତି କଥା ଚିନ୍ତା କରୁଥିଲେ ଏବଂ ଓଡ଼ିଶା ପାଇଁ ଦାନ କରି ସର୍ବସାନ୍ତ ହୋଇଯାଇଥିଲେ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ଏଥିସହ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗଙ୍ଗାଧର ଭୂତିଆ, ବିପିନ ବିହାରୀ ରଥ, ଜୀବନକୃଷ୍ଣ ସାହୁ, ଆଲୋକ କୁମାର ମାଝୀ, ବୈକୁଣ୍ଠ ନାଥ ମଲ୍ଲିକ, ଟିକନ ସାହୁ, ସୁଷମା ସାହୁ, ମନୋରମା ପଣ୍ଡା, ସାବିତ୍ରୀ ହାଁସଦା, ଦେଓଲା ହାଁସଦା ପ୍ରମୁଖ ଯୋଗଦେଇଥିଲେ। ସମ୍ମିଳନୀ ସଦସ୍ୟା ମାମିନା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରାଣିକଲ୍ୟାଣ ଯୋଜନା କାର୍ଯ୍ୟକାରୀ ଦାବିରେ ବାଇକ୍ ଯାତ୍ରା

ତାଳଚେର,୪।୨ (ମନୋଜ ନନ୍ଦ)

ପ୍ରାଣିସମାଜର କଲ୍ୟାଣ, ଅଧିକାର ପାଇଁ ଦେଶର ରାଷ୍ଟ୍ରପତିଙ୍କୁ ନିବେଦନ କରିବା ଉଦ୍ଦେଶ୍ୟ ନେଇ ପିପୁଲ ଫର ଆନିମାଲ୍ସର ୪ ଜଣ ସଦସ୍ୟ ବୁଧବାର ବାଇକ୍ ଯୋଗେ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି। ତାଳଚେର ଟାଉନସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ଏହି ଯାତ୍ରା ଆରମ୍ଭ ହୋଇଛି। ସାମାଜିକ କର୍ମୀ ତଥା ଭାଜପା ଯୁବନେତା ବିଭୂତି ସାହୁ ଏହି ସଦସ୍ୟମାନଙ୍କୁ ଉତ୍ତରୀୟ ଦେଇ ଶୁଭକାମନା ଜଣାଇଥିଲେ। ପିପୁଲ ଫର ଆନିମାଲ୍ସର ସମ୍ପାଦକ କୁନା କୁମାର ସାହୁ, ଈଶ୍ୱର ସାହୁ, ମଳୟ ରଞ୍ଜନ ପ୍ରଧାନ ଏବଂ ଅଭିରାମ ଖୁଣ୍ଟିଆ ଏହି ବାଇକ୍ ଯାତ୍ରା କରିଛନ୍ତି। ଏକ ୨୩ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ପ୍ରଦାନ କରିବାକୁ ସଦସ୍ୟମାନେ ଲକ୍ଷ୍ୟ ରଖିଛନ୍ତି। ତାଳଚେର ପ୍ରାଣୀ ସମାଜଙ୍କ ପାଇଁ ୨୪ ଘଣ୍ଟିଆ ହେଲ୍ପ ଲାଇନ ବ୍ୟବସ୍ଥା, ଦୁର୍ଘଟଣାଗ୍ରସ୍ତ ଏବଂ ଅସୁସ୍ଥ ପ୍ରାଣୀଙ୍କ ଚିକିତ୍ସା, ଖାଦ୍ୟ ଏବଂ ଆଶ୍ରୟସ୍ଥଳୀ, ଶିଳ୍ପାୟନ ଦ୍ୱାରା ବିସ୍ଥାପିତ ହେଉଥିବା ପ୍ରାଣୀଙ୍କ ପାଇଁ କଲ୍ୟାଣମୂଳକ କାର୍ଯ୍ୟକ୍ରମ, ପ୍ରାଣୀ ଆଇନର ସଚେତନତା ଓ କାର୍ଯ୍ୟକାରିତା ପାଇଁ ପଦକ୍ଷେପ, ସରକାରଙ୍କ ସମସ୍ତ ପ୍ରାଣୀ କଲ୍ୟାଣ ଯୋଜନାର କାର୍ଯ୍ୟକାରିତା ପାଇଁ ପଦକ୍ଷେପ, ଗୋ ଅଭୟାରଣ୍ୟ ପ୍ରତିଷ୍ଠା, ବନ୍ୟପ୍ରାଣୀ ଉଦ୍ଧାରକେନ୍ଦ୍ର, ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ତଥା ପରିବେଶ ସଂରକ୍ଷଣ ଆଇନର ଉଲ୍ଲଂଘନ କରିଥିବା ଦୋଷୀ ଶିଳ୍ପାନୁଷ୍ଠାନ ଏବଂ ନୀରବତା ଅବଲମ୍ବନ କରିଥିବା ବିଭାଗ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଆଦି ସମ୍ବନ୍ଧରେ ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଏହି ଯାତ୍ରା ଅବସରରେ ସଦସ୍ୟମାନେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରି ତାଙ୍କର ହସ୍ତକ୍ଷେପ ପାଇଁ ମଧ୍ୟ ଅନୁରୋଧ କରିବାର ଯୋଜନା ରଖିଛନ୍ତି।

## ଜିଲା ଗ୍ରାମାଞ୍ଚଳ ଫୁଟ୍‌ବଲ ଲିଗ୍: କାଇଁଶିରିପାଲି ବିଜୟୀ



ମ୍ୟାଚ ପୂର୍ବରୁ କାଇଁଶିରିପାଲି ପାଲଲହଡ଼ା ଓ କୁଇଓ ଟିମ ଖେଳାଳି।

ଅନୁଗୋଳ,୪।୨ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସହରସ୍ଥିତ ପିଟିସି ପଡ଼ିଆରେ ଚାଲିଥିବା ଅନୁଗୋଳ ଜିଲା ଗ୍ରାମାଞ୍ଚଳ ଫୁଟ୍‌ବଲ ଲିଗ୍‌ର ବୁଧବାର ମ୍ୟାଚରେ କାଇଁଶିରିପାଲି ପାଲଲହଡ଼ା ୫-୦ ଗୋଲରେ କୁଇଓକୁ ପରାସ୍ତ କରିଛି। ମନୋଜ ଦାସ ଖେଳ ପରିଚାଳନା କରିଥିଲେ। ସାମାଜିକ କର୍ମୀ ମନୋଜ କୁମାର ନାଥ, ମନୋଜ ଆଦିତ୍ୟ ଦାସ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମେଶ ଚନ୍ଦ୍ର ସାହୁ, ପ୍ରଶାନ୍ତ ସିହ୍ନା, ଯୁଧିଷ୍ଠିର ସେଠ, ହୃଦାନନ୍ଦ ପଣ୍ଡା, ରୁଚିର ଦାସ, ବସନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଗୁରୁବାର କାଇଁଶିରିପାଲି ଓ ପତକା ମଧ୍ୟରେ ମ୍ୟାଚ ଖେଳାଯିବ।

## ସ୍ଥାୟୀ ସମାଧାନ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଏମ୍‌ପିଙ୍କ ପତ୍ର

**ତାଳଚେର ହାଣ୍ଡିଧୁଆଁ ଅଞ୍ଚଳରେ ମାଟି ଦବିବା ଘଟଣା**

ଅନୁଗୋଳ,୪।୨ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ତାଳଚେର ବ୍ଲକ ହାଣ୍ଡିଧୁଆଁ ଅଞ୍ଚଳରେ କିଛିଦିନ ପୂର୍ବେ ମାଟି ଦବିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଏହାକୁ ନେଇ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଏମ୍‌ସିଏଲ୍ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ, ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ମଙ୍ଗଳବାର ସଂସଦରେ ଏମ୍‌ପି ପାଣି କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ ଜି. କିସାନ ରେଡ୍ଡୀଙ୍କୁ ପତ୍ର ଲେଖି ଦୃଷ୍ଟି ଆକର୍ଷଣ କରିବା ସହ ଏହାର ସ୍ଥାୟୀ ପ୍ରତିକାର ପାଇଁ ଅନୁରୋଧ କରିଛନ୍ତି। ଉକ୍ତ ପତ୍ରରେ ଏମ୍‌ପି ଉଲ୍ଲେଖ କରିଛନ୍ତି, ତାଳଚେରସ୍ଥିତ ମହାନଦୀ କୋଲଫିଲ୍ଡସ ଲିମିଟେଡ (ଏମ୍‌ସିଏଲ୍) ଅଧୀନରେ ହାଣ୍ଡିଧୁଆଁ ଅଞ୍ଚଳରେ ଗତ ୨୮ ତାରିଖରେ ୩/୪ ମିଟର ବ୍ୟାସ ଏବଂ ୩/୪ ମିଟର ଗଭୀର ଏକ ଗର୍ତ୍ତ ଦେଖାଦେଇଛି। ଏହା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି। ହାଣ୍ଡିଧୁଆଁ ଏକ ପୁରୁଣା ଭୂତଳ ଖଣି। ସମ୍ଭବତଃ ବାଲି ପୂରଣରେ କିଛି ତ୍ରୁଟି ଯୋଗୁ ଏହା ହୋଇଥାଇପାରେ। ଓଡ଼ିଶା ସରକାରଙ୍କ ଭୂତତ୍ତ୍ୱ ବିଭାଗକୁ ଏ ବିଷୟରେ ଅବଗତ କରାଯାଇଛି। ଏମ୍‌ସିଏଲ୍ ସିଏମ୍‌ଡି ଏବଂ ଡିଜିଏମ୍‌ଏସ୍‌ଙ୍କ ସହିତ ମଧ୍ୟ କଥା ହୋଇଛି। ଏହି ଘଟଣାର ତୁରନ୍ତ ବିଚାର କରନ୍ତୁ ଏବଂ ବୈଜ୍ଞାନିକ ପଦ୍ଧତିରେ ସମସ୍ୟାର ସ୍ଥାୟୀ ସମାଧାନ ଖୋଜିବା ପାଇଁ କୋଲ୍ ଇଣ୍ଡିଆ ଲିମିଟେଡ (ସିଆଇଏଲ୍) ଏବଂ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେବାକୁ ଢେଙ୍କାନାଳ ଏମ୍‌ପି ପାଣି ଲିଖିତ ଭାବେ କୋଇଲା ମନ୍ତ୍ରୀଙ୍କୁ ଜଣାଇଛନ୍ତି।

## ଶିକ୍ଷାକୁ ବ୍ରତ ଭାବେ ଗ୍ରହଣ କରନ୍ତୁ ଶିକ୍ଷକସମାଜ



ବଇଣ୍ଡା ହାଇସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ବଇଣ୍ଡା, ୪।୨ (ପରିକ୍ଷିତ ସାହୁ)

ଶିକ୍ଷାକୁ ଶିକ୍ଷକ ସମାଜ ବ୍ରତ ଭାବରେ ଗ୍ରହଣ କରନ୍ତୁ। ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ହାଇସ୍କୁଲର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ମଞ୍ଜରୀ ଚଟମ୍ବାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠୀ, ମୁଖ୍ୟବକ୍ତା ଭାବେ ବଇଣ୍ଡା ଜନତା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଖମାରି, ଅନ୍ୟତମ ଅତିଥି ଭାବେ ହଣ୍ଡପା ଆଇଆଇସି ରାଜେଶ କୁମାର ଶତପଥୀ, ଅନୁଗୋଳ ବ୍ଲକ ଶିକ୍ଷା ଅଧିକାରୀ ଅଶୋକ କୁମାର ପ୍ରଧାନ, ସିଆର୍‌ସିସି ରଞ୍ଜନ କୁମାର ବିଶ୍ୱାଳ, ଅନୁଗୋଳ ବାଜି ରାଉତ ଛାତ୍ରାବାସ ଉପଦେଷ୍ଟା କ୍ରିଷ୍ଣା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବଣ୍ଟନ କରିଥିଲେ। ଶିକ୍ଷକ ଅନାଦି ବିଶ, ବିଶି କେଶନ ସେଠୀ, ଗୋପାଳ ଚନ୍ଦ୍ର ପାଣିଗ୍ରାହୀ, କଳ୍ପନା ସାହୁ, ରଶ୍ମି ବେହେରା, ଜ୍ୟୋସ୍ନାରାଣୀ ସାହୁ, ନରେନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ। ଶିକ୍ଷକ ଭବାନୀ ଶଙ୍କର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ହିଡିସିଂ ଜଳସେଚନ ପ୍ରକଳ୍ପକୁ ଜଙ୍ଗଲ ଜମି ମଞ୍ଜୁରୀ

**ବନ୍ତଲା ଅଞ୍ଚଳର ଚାଷୀମାନଙ୍କ ମଧ୍ୟରେ ଖୁସିର ଲହରି**

ବନ୍ତଲା,୪।୨ (ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଲା ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ହିଡିସିଂ ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଜଙ୍ଗଲ ଜମି ମଞ୍ଜୁର କରାଯାଇଛି। ସୂଚନା ଅନୁଯାୟୀ, ଅନୁଗୋଳ ଜିଲା ବଲାଙ୍ଗ ପଞ୍ଚାୟତ ହିଡିସିଂଠାରେ ଏହି ଜଳସେଚନ ପ୍ରକଳ୍ପ ନିର୍ମାଣ ହେବ। ଏଥିପାଇଁ ଗତ ଜାନୁଆରୀ ୨୨ ତାରିଖରେ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର କେନ୍ଦ୍ରୀୟ କମିଟି ଓ ଉପଦେଷ୍ଟା ମଣ୍ଡଳୀ ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆବଶ୍ୟକ ୮୭.୫୨୦ ହେକ୍ଟର ଜଙ୍ଗଲ ଜମି ଅନୁମୋଦନ ଲାଭ କରିଛି। ଏ ନେଇ ହସ୍ତଗତ ଚିଠିରେ ଦର୍ଶାଯାଇଛି, ଏହି ଜଙ୍ଗଲ ଜମିରୁ ଜଳ ପ୍ରକଳ୍ପ ଅଞ୍ଚଳ ପାଇଁ ୫୮.୪୮୭ ହେକ୍ଟର, ଦକ୍ଷିଣ ପାର୍ଶ୍ୱ କେନାଲ ପାଇଁ ୯.୪୦୧, ବାମପାର୍ଶ୍ୱ କେନାଲ ପାଇଁ ୬.୨୩୮ ଓ ଡାଇଭର୍ସନ ରାସ୍ତା ପାଇଁ ୧୩.୩୯୩୪ ହେକ୍ଟର ଜମି ଚିହ୍ନଟ ହୋଇଛି। ଏଥିସହ ୯୩୩ ମିଟର ଲମ୍ବ ଓ ଭୂମିରୁ ୩୨.୫୦ମିଟର ଉଚ୍ଚତା ବିଶିଷ୍ଟ ପ୍ରକଳ୍ପ ନିର୍ମାଣ ନେଇ ସ୍ଥିର ହୋଇଥିବା ଜଣାପଡ଼ିଛି। ଖୁବଶୀଘ୍ର ପରିବେଶ ମଞ୍ଜୁରୀ ସହ ଅର୍ଥ ବ୍ୟୟବରାଦ କରାଯାଇ ଜଳସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି। ଜଙ୍ଗଲ ଜମି ମଞ୍ଜୁରୀ ଖବରପାଇ ବନ୍ତଲା ଅଞ୍ଚଳରେ ଚାଷୀମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯିବା ସହ ହିଡିସିଂ କୃଷକ ମହାସଂଘ ସଭାପତି ଦିନେଶ ଦେହୁରୀ, ଉପସଭାପତି ଦୁର୍ଗାଚରଣ ପ୍ରଧାନ, ସମ୍ପାଦକ ଜିତେନ୍ଦ୍ର ଦେହୁରୀ, ଉପଦେଷ୍ଟା ତ୍ରିନାଥ ସାହୁ, ମୋହନ ସାହୁ, ନିରଞ୍ଜନ ଦେହୁରୀ ପ୍ରମୁଖ ସ୍ଥାନୀୟ ବିଧାୟକ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣିଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ବିଭିନ୍ନ ସମସ୍ୟା ନେଇ ବିଡିଓଙ୍କୁ ଦାବିପତ୍ର

ବଇଣ୍ଡା, ୪।୨ (ପରିକ୍ଷିତ ସାହୁ)



ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଅଞ୍ଚଳରେ କାର୍ଯ୍ୟ କରୁଥିବା କୃଷି ମିତ୍ର ଓ ପ୍ରାଣୀ ମିତ୍ରଙ୍କ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ବୁଧବାର ବିଡିଓ ସୁବ୍ରତ କୁମାର ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ସରକାର ପୂର୍ବରୁ ସେମାନଙ୍କୁ ବିଭିନ୍ନ ଯୋଜନାରେ କାମ କରାଉଥିଲେ। ଏପରିକି ଲକ୍ଷପତି ଦିଦି ଯୋଜନାରେ ସେମାନେ ୩ ବର୍ଷ ହେବ ବିନା ପାରିଶ୍ରମିକରେ ଅନ୍‌ଲାଇନରେ ଏଣ୍ଟ୍ରି କରୁଥିଲେ। ହେଲେ ସେମାନଙ୍କୁ ଏ ନେଇ କୌଣସି ପାରିଶ୍ରମିକ ଦିଆଯାଇ ନାହିଁ। ବର୍ତ୍ତମାନ ସେମାନଙ୍କୁ କାର୍ଯ୍ୟ ଅନୁସାରେ ଦରମା ଯୋଗାଇ ଦେବା ପାଇଁ ସରକାର ନିଷ୍ପତ୍ତି ନେଇଥିବା ବେଳେ ଲକ୍ଷପତି ଦିଦି ଯୋଜନାରେ ଡାଟାଏଣ୍ଟ୍ରି ପାଇଁ ସେମାନଙ୍କୁ ବାଦ ଦିଆଯାଇଛି। ଏହାକୁ ସେମାନେ ବିରୋଧ କରୁଛନ୍ତି। ସେମାନଙ୍କୁ ଲକ୍ଷପତି ଦିଦି ଯୋଜନା ଡାଟାଏଣ୍ଟ୍ରି ପାଇଁ ଅନୁମତି ଦେବାକୁ ସସ୍ମିତା ସାହୁ, ରଶ୍ମିତା ସାହୁ, ଝିଲିରାଣୀ ପ୍ରଧାନ, ସୁଜାତା ପ୍ରଧାନ, ରାନୁ ସାହୁ, ଲଳିତା ସାହୁ, ସୁଷମା ପ୍ରଧାନ, ରତ୍ନଶ୍ରୀ ନନ୍ଦ, ଦାବି କରିଛନ୍ତି।

## କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି




ହିଙ୍ଗୁଳା ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବ ଅବସରରେ ଅତିଥିମାନେ।

ତାଳଚେର,୪।୨ (ମନୋଜ ନନ୍ଦ)

ତାଳଚେର ବ୍ଲକସ୍ଥିତ ହିଙ୍ଗୁଳା ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଗିରୀଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଖଗେଶ୍ୱର ବେହେରା, ମୁଖ୍ୟବକ୍ତା ଭାବେ ହିଙ୍ଗୁଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରସନ୍ନ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ କଳମଛୁଇଁ ସରପଞ୍ଚ ଅନୀଲ କୁମାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଆଞ୍ଚଲ ପ୍ରଧାନ, ମା ହିଙ୍ଗୁଳା ପାଠାଗାର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସୁଶାନ୍ତ କୁମାର ଗୋଚ୍ଛାୟତ, ପଞ୍ଚସଖା ଶିକ୍ଷାସେତୁର ସଭାପତି ମୁରଲୀଧର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ କଳମଛୁଇଁ କ୍ଲଷ୍ଟର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜିକା ପ୍ରତିମା ତରାଇ, ଗୋବରା କ୍ଲଷ୍ଟରର ସଂଯୋଜକ ଅମୀୟ ଶଙ୍କର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ତ୍ରିଲୋଚନ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ବ୍ଲକ ଶିକ୍ଷା ଅଧିକାରୀ ବେହେରା କଠିନ ପରିଶ୍ରମ, ପ୍ରଚଣ୍ଡ ନିଷ୍ଠା ଓ ଗଭୀର ଅଧ୍ୟବସାୟ ବଳରେ ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିପାରିବେ ବୋଲି କହିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ଅନୁପମା ବଳ ଓ ଶିକ୍ଷକ ପୁରୁଷୋତ୍ତମ ମହାନ୍ତି ପରିଚାଳନା କରିଥିବାବେଳେ ଶିକ୍ଷକ ଅରୁଣ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଚିନ୍ମୟୀ ପ୍ରଧାନ, ଅନିଲ କୁମାର ନାୟକ, ସନ୍ତୋଷ କୁମାର ଭୋଇ, ଅରୁଣ କୁମାର ବେହେରା, ନନ୍ଦିନୀ ବେହେରା, ସୁଦେଷ୍ଣା ବେହେରା, ତାପକ କୁମାର ଭୁକ୍ତା, ରାଜକିଶୋର ସାହୁଙ୍କ ସମେତ ସୁବାସ ସ୍ୱାଇଁ, ଗୋପବନ୍ଧୁ ଗୋଚ୍ଛାୟତ ପ୍ରମୁଖ ସହଯୋଗ କରିଥିଲେ।

## ଅପହରଣ ମାମଲାରେ ଆଉ ଜଣେ ଅଭିଯୁକ୍ତ ଗିରଫ

ଅନୁଗୋଳ,୪।୨ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସବ୍‌ରେଜିଷ୍ଟ୍ରି ଅଫିସ ପରିସରରୁ ଗତ ୧୫ ତାରିଖରେ ଜଣେ ଯୁବକଙ୍କୁ ଅପହରଣ କରାଯାଇଥିବା ମାମଲାରେ ଅନୁଗୋଳ ଟାଉନ ଥାନା ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କେନ୍ଦ୍ରାପଡ଼ା ଅଞ୍ଚଳର ସତ୍ୟବ୍ରତ ସାମଲ (୪୧)। ସତ୍ୟବ୍ରତଙ୍କୁ ମିଶାଇ ଏହି ମାମଲାରେ ଏଯାଏ ମୋଟ ୩ଜଣଙ୍କୁ ଗିରଫ କରାଯାଇସାରିଛି। ସୂଚନା ଅନୁଯାୟୀ, ଗତ ଜାନୁଆରୀ ୧୫ ତାରିଖରେ ଅନୁଗୋଳ ସହର ହୁଲୁରିସିଂହା ଗ୍ରାମର ପ୍ରଭାତ କୁମାର ପ୍ରଧାନଙ୍କୁ ଅପହରଣ କରାଯାଇଥିବା ତାଙ୍କ ସ୍ତ୍ରୀ ଲିଖିତ ଅଭିଯୋଗ କରିଥିଲେ। ପ୍ରଭାତ କୌଣସି କାମରେ ସବରେଜିଷ୍ଟ୍ରି ଅଫିସକୁ ଯାଇଥିବା ବେଳେ ଅଭିଯୁକ୍ତ ପିଣ୍ଟୁ ନନ୍ଦ ଓ କେତେଜଣ ସହଯୋଗୀ ଅପହରଣ କରି ନେଇଯାଇଥିବା ଅଭିଯୋଗରେ ଉଲ୍ଲେଖ କରିଥିଲେ। ପୋଲିସ ତଦନ୍ତ ଆରମ୍ଭ କରି ପ୍ରଥମେ ପିଣ୍ଟୁ ନନ୍ଦଙ୍କୁ ଗିରଫ କରିଥିଲା। ଘଟଣାର ତଦନ୍ତ ଜାରି ରହିଥିବା ବେଳେ ଆଗାମୀ ଦିନରେ ଗିରଫଦାରି ସଂଖ୍ୟା ଆହୁରି ବଢ଼ିପାରେ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଜୀବନ ଶୈଳୀକୁ ଶୃଙ୍ଖଳିତ କରେ ସ୍କାଉଟ୍ସ ଓ ଗାଇଡ୍ସ




ସ୍କାଉଟ୍ସ ଓ ଗାଇଡ୍ସର ବାର୍ଷିକ କ୍ୟାମ୍ବୋରି ଅବସରରେ ଅତିଥିମାନେ।

ଅନୁଗୋଳ,୪।୨ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲାସ୍ତରୀୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ବାର୍ଷିକ କ୍ୟାମ୍ବୋରି ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ବୁଧବାର ପୂର୍ବାହ୍ନ ୧୦ ଘଟିକାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସମ୍ପାଦକ ତଥା ଜିଲା ଶାରୀରିକ ଶିକ୍ଷା ଅଧିକାରୀ ବିନୋଦ ଚନ୍ଦ୍ର ଦେହୁରୀ ଏଥିରେ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ମୁଖ୍ୟ କମିଶନର ତଥା ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା ସହିତ ସ୍କାଉଟ୍ସ ଗାଇଡ୍ସର ଭୂମିକା ଓ ଏହା ଜୀବନ ଶୈଳୀକୁ ଶୃଙ୍ଖଳିତ କରିଥାଏ ବୋଲି ମତ ପୋଷଣ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଜିଲାର ସମସ୍ତ ସ୍କାଉଟ୍ସ, ଗାଇଡ୍ସ, ସ୍କଉଟ୍ସ ମାଷ୍ଟର, ଗାଉଡ୍ସ କ୍ୟାପଟେନ ଓ ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ। ଉକ୍ତ କ୍ୟାମ୍ବୋରିରେ କୁଇଜ, ମାର୍ଚ୍ଚପାଷ୍ଟ, କଲର ପାର୍ଟି, ଫୁଡ ଭିଲା, ଗାଁ ହାଟ, କଳାକୃତି ପ୍ରଦର୍ଶନ, ହସ୍ତତନ୍ତ ପ୍ରଦର୍ଶନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥଲା। ଅପରାହ୍ନ ୩ ଘଟିକାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେଉଥିଲା। ଅନୁଗୋଳ ବ୍ଲକ ଶିକ୍ଷା ଅଧିକାରୀ ଅଶୋକ କୁମାର ପ୍ରଧାନ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରିୟରଞ୍ଜନ ପ୍ରଧାନ, ଜିଲା ସ୍କାଉଟ୍ସ କମିସନର ଆଶୁତୋଷ ମହାପାତ୍ର, ଜିଲା ଗାଇଡ୍ସ କମିଶନର ଲତିକା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମନୋଜ କୁମାର ସାହୁ, ସତ୍ୟାନନ୍ଦ ରାଉତ, ଅହିଂସା ସେନାପତି, ମନ୍ଦାକିନୀ ପ୍ରଧାନ, ସୁନୀତା ଦାସ ଗୁପ୍ତା, ସମସ୍ତ ସ୍କଉଟ୍ସମାଷ୍ଟର ଓ ଗାଇଡ୍ସ କ୍ୟାପଟେନ ସହଯୋଗ କରିଥିଲେ।

# ଜଙ୍ଗଲ ଜମି ଜବରଦଖଲ ଉଚ୍ଛେଦ ପାଇଁ ତହସିଲଦାରଙ୍କ ଶୁଣାଣି

- ୯୧ ଜଣଙ୍କୁ କାରଣ ଦର୍ଶାଅ ନୋଟିସ ବେଳେ ୧୮ ଜଣ ଫେରାଦ
- ପ୍ରଭାବଶାଳୀ ଗଳାବାଟ ଖୋଜୁଥିବା ବେଳେ ନିରୀହ ପଡୁଛନ୍ତି ବଳି
- ୨ ବର୍ଷରେ ୩ ଗ୍ରାମ କମିଟି ସଭାପତିଙ୍କ ଭୂମିକା ସନ୍ଦେହଜନକ


କାରଣ ଦର୍ଶାଅ ନୋଟିସ୍ ପାଇଥିବା ବ୍ୟକ୍ତିମାନେ ତହସିଲଦାରଙ୍କ ନିକଟରେ ଫେରାଦ ହେଉଛନ୍ତି।


ପରଜଙ୍ଗ,୪।୨(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ କୁଆଲୋ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅନ୍ତର୍ଗତ କୁଆଲୋ ମୌଜାରେ ଦୁଇ କିସମ ଜଙ୍ଗଲ ଜମି ଜବରଦଖଲ ଉଚ୍ଛେଦ ନେଇ ଜାତୀୟ ସବୁଜ ନ୍ୟାୟାଧିକରଣ (ଏନ୍‌ଜିଟି)ଙ୍କ ନିର୍ଦ୍ଦେଶକ୍ରମେ ତତ୍ପର ଦେଖାଇଛି ତହସିଲ ପ୍ରଶାସନ। ଜବରଦଖଲକାରୀଙ୍କୁ କାରଣ ଦର୍ଶାଅ ନୋଟିସ ପରେ ତହସିଲ କାର୍ଯ୍ୟାଳୟରେ ଉପସ୍ଥିତ ରହି ମଙ୍ଗଳବାର ଶୁଣାଣି କରିଛନ୍ତି ତହସିଲଦାର।

ସୂଚନା ମୁତାବକ, କୁଆଲୋ ମୌଜାର ଖାତା ନମ୍ବର ୮୨୪, ପ୍ଲଟ ନମ୍ବର ୩୪୯୩ ଜଙ୍ଗଲ ଦୁଇ କିସମ ରହିଥିବା ବେଳେ ଉକ୍ତ ଜମିର ୦.୧୦ ଏକର ପରିମିତ ସ୍ଥାନରେ ଉକ୍ତ ଗ୍ରାମର ସୁରେଶ ସାହୁ ବୃହତ ଅଟ୍ଟାଳିକା ନିର୍ମାଣ କରିଥିବା ବେଳେ ଖାଲପାଳ ସଂରକ୍ଷିତ ଜଙ୍ଗଲ ଜମିରେ ପାଉଁଶ ପକାଇ ରାସ୍ତା ନିର୍ମାଣ କରି ହୋଟେଲକୁ ଭାରିଯାନ ଚଳାଚଳ କରିବା ଓ ଗୋଚର ଜମି ଉପରେ ପାର୍କିଂ ସ୍ଥଳ କରିବା ନେଇ ଏନଜିଟିଙ୍କ ପାଖରେ ମାମଲା ରୁଜୁ ହୋଇଥିଲା। ଜୁଲାଇ ୨୩ରେ ଏନ୍‌ଜିଟି ମାମଲାର ଶୁଣାଣି କରି ଜବରଦଖଲ ଉଚ୍ଛେଦ କରି ଚାରା ରୋପଣ କରିବା ପାଇଁ ଜିଲାପାଳ ଏବଂ ବନଖଣ୍ଡ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଜଙ୍ଗଲ ଜମି ଏବଂ ପାଖରେ ଥିବା ଅନ୍ୟ ଏକ ଜଙ୍ଗଲ ଜମି ପ୍ଲଟର ଜବରଦଖଲକାରୀଙ୍କୁ ଉଚ୍ଛେଦ ନିମନ୍ତେ ତହସିଲ ପ୍ରଶାସନ ପକ୍ଷରୁ ପାଖାପାଖି ୯୧ ଜଣ ପ୍ରଜାଙ୍କୁ ଅକ୍ଟୋବର ମାସରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇ ଏକ ମାସ ମଧ୍ୟରେ କାହିଁକି ଉଚ୍ଛେଦ କରାଯିବ ନାହିଁ ବୋଲି ତହସିଲ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଜାରି କରାଯାଇଥିଲା। ଇତି ମଧ୍ୟରେ ଦୁଇ ତିନି ମାସ ବ୍ୟବଧାନରେ ୧୮ ଜଣ ଜବରଦଖଲକାରୀଙ୍କୁ ତହସିଲ ପକ୍ଷରୁ ପୁନର୍ବାର ଗତ ମାସ ୨୮ ତାରିଖରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇ ୩ ତାରିଖ ଉପସ୍ଥିତ ରହି ସମସ୍ତ ଦସ୍ତାବିଜ ଦାଖଲ ନିମନ୍ତେ ତହସିଲ ପକ୍ଷରୁ ନୋଟିସ ଜାରି ହୋଇଥିଲା। ତେବେ ୧୮ଜଣ ଜବରଦଖଲକାରୀ ମଙ୍ଗଳବାର ଉପସ୍ଥିତ ରହି ତହସିଲଦାରଙ୍କ ପାଖରେ ପତ୍ର ମାଧ୍ୟମରେ ଦୀର୍ଘ ବର୍ଷ ହେବ ରହୁଥିବା ନେଇ ସ୍ପଷ୍ଟୀକରଣ ଦେଇଥିଲେ। ପରମହଂସପୁର ଗ୍ରାମ୍ୟ କମିଟି ସଭାପତିଙ୍କ ପକ୍ଷରୁ ଗ୍ରାମସଭା କରାଯାଇ ତହସିଲ କାର୍ଯ୍ୟାଳୟରେ ପତ୍ର ଦାଖଲ କରିଥିଲେ ମଧ୍ୟ ଦୀର୍ଘ ଦୁଇ ବର୍ଷ ମଧ୍ୟରେ ଉକ୍ତ ଗ୍ରାମର ସଭାପତି ଭାବେ ୩ ଜଣ ବଦଳି ଥିବାରୁ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଜବରଦଖଲ ଉଚ୍ଛେଦରୁ ବଞ୍ଚିତ କରିବାକୁ ଏହିପରି ପ୍ରୟାସ ହେଉଥିବା ଅଭିଯୋଗ ହେଉଛି। ଏନ୍‌ଜିଟି ନିକଟରେ ହୋଇଥିବା ମାମଲାରେ ଜବରଦଖଲକାରୀ ନିଜକୁ ସୁରକ୍ଷିତ ରଖିବା ପାଇଁ ୦.୧୦ ଏକର ଜମି ଏବଂ ଅଟ୍ଟାଳିକାକୁ ଜନୈକ ଅନୁସୂଚିତ ଜନଜାତି ମହିଳାଙ୍କ ନାମରେ ଜଙ୍ଗଲ ଜମି ଅଧିକାର ଆଇନ ଅନୁଯାୟୀ ପଟ୍ଟା ପ୍ରଦାନ ନିମନ୍ତେ ଜିଲାସ୍ତରୀୟ କମିଟିକୁ ଆବେଦନ କରିଥିବା ଜଣାପଡିଛି। ସେହିପରି ଭାବରେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଭାଇ ଉକ୍ତ ପଞ୍ଚାୟତର ଲୋକପ୍ରତିନିଧି ଥିବା ବେଳେ କିଛି ମୁଷ୍ଟିମେୟ ଅନୁସୂଚିତ ଜନଜାତିର ଲୋକଙ୍କୁ ଜଙ୍ଗଲ ଜମି ପଟ୍ଟା ଯୋଗାଇଦେବା ପ୍ରଲୋଭନ ଦେଖାଇ ପଲ୍ଲୀସଭା କରାଇ ନିଜ ଭାଇଙ୍କ ଅଟ୍ଟାଳିକା ଉଚ୍ଛେଦରୁ ବାଦ ଦେବା ପାଇଁ ଅଭିନବ ଉପାୟ ଅବଲମ୍ବନ କରୁଥିବା ଦେଖାଯାଇଛି। ଏଥିପ୍ରତି ଜିଲାପାଳ, ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ନିରପେକ୍ଷ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ସାମ୍ନା କୁ ଆସିବ ବୋଲି ୟୁଥ ୟୁନାଇଟେଡ଼ ଫର୍ ସଷ୍ଟେନେବୁଲ୍ ଏନଭାଇରନ୍‌ମେଣ୍ଟ ଟ୍ରଷ୍ଟ ପକ୍ଷରୁ ଦାବି ହୋଇଛି।

## ‘ଗୁଡ଼ିଆକାଟେଣୀ ଛକରେ ଓଭରବ୍ରିଜ୍ ନିର୍ମାଣ ହେଉ’

ଢେଙ୍କାନାଳ,୪।୨ (ରତନ ନାୟାର)



କଟକ-ସମ୍ବଲପୁର ମଧ୍ୟରେ ଢେଙ୍କାନାଳ ଦେଇ ଯାଇଥିବା ୫୫ନଂ ଜାତୀୟ ରାଜପଥର ଗୁଡ଼ିଆକାଟେଣୀ ଛକଠାରେ ଗମନାଗମନ ଓ ଯାତ୍ରୀମାନଙ୍କ ସୁବିଧାକୁ ଦେଖି ତୁରନ୍ତ ଏକ ଓଭରବ୍ରିଜ୍ ନିର୍ମାଣ କରିବା ପାଇଁ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ବୁଧବାର ଲୋକସଭାରେ ଦାବି କରିଛନ୍ତି । ସେ କହିଛନ୍ତି ଯେ, ଗୁଡ଼ିଆକାଟେଣୀ ଛକଠାରୁ ହିନ୍ଦୋଳ ବ୍ଲକ ମହକୁମାକୁ ଏକ ରାସ୍ତା ଯାଇଥିବା ବେଳେ ଅପରପାର୍ଶ୍ୱରେ ଶରଣ ଶ୍ରୀକ୍ଷେତ୍ରକୁ ରାସ୍ତା ଯାଇଛି । ତେଣୁ ଉକ୍ତ ଛକରେ ଟ୍ରାଫିକ ସମସ୍ୟାକୁ ନେଇ ଅଧିକାଂଶ ସମୟରେ ଦୁର୍ଘଟଣା ଘଟି ଧନଜୀବନ କ୍ଷୟକ୍ଷତି ଘଟୁଛି । ତେଣୁ ଏଠାରେ ଏକ ଓଭରବ୍ରିଜର ଆବଶ୍ୟକତା ରହିଛି । ସେହିପରି ଅନୁଗୋଳ ଜିଲାର ଗୋଡିବନ୍ଧ ଛକରୁ ଏନ୍‌ଟିପିସି ଛକ ପର୍ଯ୍ୟନ୍ତ ଯାଇଥିବା ରାସ୍ତାକୁ ନେଇ ବିବାଦ ଲାଗିରହିଛି । ଏହା ୫୩ନଂ ଜାତୀୟ ରାଜପଥ ଅଧୀନରେ ରହିଛି। ତେଣୁ ରାସ୍ତାର ତୁରନ୍ତ ଉନ୍ନତୀକରଣ ପାଇଁ ଜାତୀୟ ରାଜପଥ ପ୍ରାଧିକରଣକୁ ରାସ୍ତା ପାଇଁ ଜମି ତୁରନ୍ତ ପ୍ରଦାନ କରି ଏହାକୁ ବିକଶିତ ରାସ୍ତାରେ ପରିଣତ କରିବା ପାଇଁ ଏମ୍‌ପି ଦାବି କରିଛନ୍ତି ।

## ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ସମସ୍ୟାର ସମାଧାନ ହେଉ

**ଉଚ୍ଚଶିକ୍ଷା ବିଭାଗକୁ ପୂର୍ବତନ ବିଧାୟକଙ୍କ ପତ୍ର**

ଢେଙ୍କାନାଳ,୪।୨(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଶାର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ଭାବେ ପରିଚିତ। ଏହି ମହାବିଦ୍ୟାଳୟରେ ଢେଙ୍କାନାଳ ସମେତ ଆଖପାଖ ଜିଲାର ମଧ୍ୟ ବହୁ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । କିନ୍ତୁ ଗତ କିଛିବର୍ଷ ହେବ ମହାବିଦ୍ୟାଳୟ ବ୍ୟାପକ ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ସ୍ଥାୟୀ ଅଧ୍ୟାପିକା ଅଧ୍ୟାପକ ଅଭାବ, ପ୍ରଶାସନିକ କ୍ଷେତ୍ରରେ ଅନିୟମିତତା ଏବଂ ସମନ୍ୱୟର ଅଭାବ, ଉନ୍ନତ ଭିତ୍ତିଭୂମିର ଅଭାବ ଆଦି ସମସ୍ୟା ବଢିବାରେ ଲାଗିଛି । ଏହି ମହାବିଦ୍ୟାଳୟର ଜଣେ ପୁରାତନ ଛାତ୍ର ହିସାବରେ ପୂର୍ବତନ ବିଧାୟକ ନବୀନ ନନ୍ଦ ମହାବିଦ୍ୟାଳୟର ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ କମିଶନର ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ମହାବିଦ୍ୟାଳୟରେ ଥିବା ସମସ୍ୟାଗୁଡିକ ସମ୍ପର୍କରେ ତୁରନ୍ତ ତଦନ୍ତ କରିବା, ଖାଲି ପଡ଼ିଥିବା ସ୍ଥାୟୀ ଅଧ୍ୟାପକ ପଦବୀ ପୂରଣ କରିବା, ଶିକ୍ଷାଦାନ ବ୍ୟବସ୍ଥା ଯାଞ୍ଚ କରିବା ଓ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ଗୁରୁତ୍ୱ ଦେବା ସହିତ ଏହାର ସମାଧାନ କରିବା ପାଇଁ ପୂର୍ବତନ ବିଧାୟକ ତଥା ଢେଙ୍କାନାଳ ସ୍ୱାଭିମାନ ସୁରକ୍ଷା ମଞ୍ଚର ସଭାପତି ନବୀନ ନନ୍ଦ ଉଚ୍ଚଶିକ୍ଷା ବିଭାଗର କମିଶନରଙ୍କୁ ଜଣାଇଛନ୍ତି।

## ମଧୁସୂଦନ ଦାସଙ୍କ ୯୨ତମ ଶ୍ରାଦ୍ଧ ଦିବସ



ଢେଙ୍କାନାଳ,୪।୨(ରତନ ନାୟାର)

ଉତ୍କଳ ସମ୍ମିଳନୀ ଢେଙ୍କାନାଳ ଜିଲା ଶାଖା ତରଫରୁ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ୯୨ତମ ଶ୍ରାଦ୍ଧ ଦିବସ ବୁଧବାର ପାଳିତ ହୋଇଯାଇଛି । ଏହି ଅବସରରେ କୋର୍ଟ ନିକଟସ୍ଥ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ପରେ ଜିଲା କାର୍ଯ୍ୟାଳୟ ବସନ୍ତ ବିହାରଠାରେ ଥିବା ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କାର୍ଯ୍ୟକ୍ରମରେ ଜିଲା ଶାଖା ସଭାପତି ଡ. ଅକ୍ଷୟ ମହାନ୍ତିଙ୍କ ସଭାପତିତ୍ୱରେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟିର ମୁଖ୍ୟ ଉପଦେଷ୍ଟା ଉତ୍କଳ ଗୌରବ ଡ. ବସନ୍ତ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ସମ୍ପାଦକ ଇଂ. ଲଳିତ ମୋହନ ବେହେରା ସଭା ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ. ପ୍ରମୋଦ କୁମାର ନାୟକ, ଦିଲୀପ ମଲ୍ଲିକ, ଦିଲୀପ ଶତପଥୀ, ଗିରିଜା ମହାନ୍ତି, ବିକାଶ ତ୍ରିପାଠୀ, କାର୍ଯ୍ୟାଳୟ ସମ୍ପାଦକ ବିନୟ କୁମାର ପାତ୍ର, ଦଣ୍ଡପାଣି ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

## କାନ୍ତୋଲ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

କାମାକ୍ଷାନଗର, ୪।୨ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ କାନ୍ତୋଲ ପଞ୍ଚାୟତ ଅନ୍ତର୍ଗତ ଅନୁସୂଚିତ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସନାତନ ସାମଲଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇ ହଷ୍ଟେଲ ଜୀବନ ମଣିଷକୁ ଶୃଙ୍ଖଳା, ବନ୍ଧୁତ୍ୱପୂର୍ଣ୍ଣ ଶିକ୍ଷାଦିଏ। ଏହି ପରିବେଶରେ ଯିଏ ବଢିଛି ସେ ଯେଉଁଠି ରୁହନ୍ତୁ ନା କାହିଁକି ଜୀବନରେ ସଂଘର୍ଷ କରିବାକୁ ପଡ଼ିବ ନାହିଁ। ଜଣେ ଉତ୍ତମ ଛାତ୍ରୀଛାତ୍ର ଦେଶ ଓ ରାଜ୍ୟ ଗଠନର ମୁଖ୍ୟ ଭୂମିକା ନେବା ଉଚିତ ବୋଲି ପ୍ରଧାନ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ମଠକରଗୋଳା କଲେଜ ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାସ ଯୋଗ ଦେଇଥିଲେ। ସବୁବେଳେ ବଡ଼ ସ୍ୱପ୍ନ ଦେଖ, ସ୍ୱପ୍ନ ଦେଖିଲେ ସଫଳତା ମିଳିବ ବୋଲି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭାଜପା ଜିଲା ସଭାପତି ରାସ ବିହାରୀ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ବିଡ଼ିଓ ଯଶୋବନ୍ତ ଦେହୁରୀ, ବ୍ଲକ ଶିକ୍ଷା ଅଧିକାରୀ ସାଗର ଟୁଡୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ପର୍ଶୁରାମ ପଟ୍ଟନାୟକ, ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ନିକୁଞ୍ଜ ବିହାରୀ ରଣା, ବରିଷ୍ଠ ଅର୍ଥନୀତି ବିଶେଷଜ୍ଞ ଦେବାଶିଷ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ ତାରିଣୀପସି ସହକାରୀ ଶିକ୍ଷକ ନାରାୟଣ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଁଦିଆ ବିଜେଡି ବ୍ଲକ ସଭାପତିଙ୍କ ପରଲୋକ

ଢେଙ୍କାନାଳ,୪।୨(ରତନ ନାୟାର),ଗଁଦିଆ (ବିଶ୍ୱ ମୋହନ ସାହୁ)



ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବିଜେଡି ସଭାପତି ତଥା ସାମାଜିକ କର୍ମୀ ବିଶ୍ୱନାଥ ଜେନାଙ୍କ ବୁଧବାର ଅପରାହ୍ନ ସାଢେ ୪ଟା ସମୟରେ ଗଁଦିଆସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କର ସେବା ମନୋଭାବ, ସରଳ ଜୀବନ ଶୈଳୀ ଓ ସମାଜ ପ୍ରତି ଅତୁଟ ସମର୍ପଣ ଏବଂ ଗଁଦିଆ ପାଇ ଯେଉଁ ଅବଦାନ ରହିଛି ଚିର ସ୍ମରଣୀୟ ହୋଇ ରହିବ । ମୃତ୍ୟୁ ଖବର ପାଇ ଗଁଦିଆ ବ୍ଲକ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ବ୍ଲକ ଓ ଜିଲାର ଦଳିୟ କର୍ମକର୍ତ୍ତା ଏବଂ ବୁଦ୍ଧିଜୀବୀ ତାଙ୍କ ବାସଭବନରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ତାଙ୍କ ବିୟୋଗରେ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ଜିଲା ବିଜେଡ଼ି ସଭାପତି ଡା. ନୃସିଂହ ଚରଣ ସାହୁ, ବରିଷ୍ଠ ନେତା ଡା. ଅବିନାଶ ସାମଲ, ଜିଲା ପରିଷଦ ଅଧ୍ୟକ୍ଷ ଅର୍ଚ୍ଚନା ପୁହାଣ, ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ବରିଷ୍ଠ ନେତା ନରୋତ୍ତମ ସାହୁ, ସରପଞ୍ଚ ପ୍ରଦୀପ ରାଉତ, ବରିଷ୍ଠ ନେତା ଦେବାଶିଷ ମିଶ୍ର ଓ ବିଜୁ ଜନତା ଦଳର ସମସ୍ତ ନେତୃବୃନ୍ଦ ଗଭୀର ଦୁଃଖ ପ୍ରକାଶ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ତାଙ୍କ ବିୟୋଗରେ ଜିଲାର ଅପୂରଣୀୟ କ୍ଷତି ଘଟିଲା ବୋଲି ପୂର୍ବତନ ବିଧାୟକ ସାମଲ ପ୍ରକାଶ କରିବା ସହିତ ଓ ତାଙ୍କ ପରିବାରକୁ ସମବେଦନା ଜଣାଇ ଅମରଆତ୍ମାର ଶାନ୍ତି ପାଇଁ ଭଗବାନ ନିକଟରେ ପ୍ରାର୍ଥନା କରିଛନ୍ତି ।

## ସେଣ୍ଟ ଜାଭିୟର୍ସ ସ୍କୁଲର ୫ମ ବାର୍ଷିକ ଉତ୍ସବ

ସାତମାଇଲ, ୪।୨ (ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଏନଏସି ୪ନଂ ୱାର୍ଡ ନୂଆଁପାଣି ସାହିସ୍ଥିତ ସେଣ୍ଟ ଜାଭିୟର୍ସ ସ୍କୁଲର ୫ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ହିନ୍ଦୋଳ ତହସିଲଦାର ଦିଲୀପ କୁମାର ସେଠୀ, ସମ୍ମାନିତ ଅତିଥି ଭାବେ ସହକାରୀ ଜିଲାପାଳ ବିଶ୍ୱଜିତ ରାଉତ, ଏନଏସି ଅଧ୍ୟକ୍ଷ କେଶବ ଚନ୍ଦ୍ର ପ୍ରଧାନ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଏବିଇଓ ସଞ୍ଜୟ ନାୟକ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ପୂର୍ବତନ ସରପଞ୍ଚ ତଥା କାଉନସିଲର ବିଜୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭା କାର୍ଯ୍ୟ କ୍ରମରେ ପ୍ରିନ୍ସପାଲ ଅପରାଜିତା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ଦିଗରେ ଉଭୟ ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ପ୍ରେରଣାଦାୟୀ ହେବାକୁ ମୁଖ୍ୟ ଅତିଥି ଆହ୍ୱାନ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ବିଦ୍ୟାଳୟର ସହକାରୀ ନିର୍ଦ୍ଦେଶକ ଶରତ କୁମାର ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

## ବିଜେଡିର ସାଙ୍ଗଠନିକ ବୈଠକ


ବିଜେଡି ପକ୍ଷରୁ ସାଙ୍ଗଠନିକ ବୈଠକରେ ଉପସ୍ଥିତ ବିଭିନ୍ନ ଅଞ୍ଚଳର ନେତୃବୃନ୍ଦ।

ଭୁବନ, ୪।୨ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବିଜେଡି ସଂଗଠନ ପକ୍ଷରୁ ବୁଧବାର କୁନ୍ଦିଆ ଗ୍ରାମ ବଡ଼ବନ୍ଧଠାରେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସରକାରୀ ଦଳର ଦୁର୍ନୀତି, ମନମୁଖି କାର୍ଯ୍ୟ ସହିତ ବିଭିନ୍ନ ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟର ବିଳମ୍ବ ନେଇ ବୈଠକରେ ଆଲୋଚନା ହୋଇଥିଲା। ଭୁବନ ବ୍ଲକ ସଭାପତି ରମେଶ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିବା ବେଳେ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ପୂର୍ବତନ ଭୁବନ ଏନଏସି ନଗରପାଳ ଶୁଭେନ୍ଦୁ କୁମାର ସାହୁ, ପୂର୍ବତନ ବ୍ଲକ ସଭାପତି ସୁଧାକର ସାହୁ, ଏନଏସି ସଭାପତି ନରେନ୍ଦ୍ର କୁମାର ସାହୁ, ବରିଷ୍ଠ ସଦସ୍ୟ ରଘୁନାଥ ଭଞ୍ଜ, ମୁରଲିଧର ଜେନା ଅତିଥି ଭାବେ ଯୋଗଦେଇଥିଲେ। ଭୁବନ ବ୍ଲକର ସମସ୍ତ ବିଜେଡି ସମର୍ଥିତ ଜିଲାପରିଷଦ, ସରପଞ୍ଚ, ସମିତି ସଭ୍ୟ ଓ ନେତୃମଣ୍ଡଳୀ ଯୋଗଦେଇ ଅଞ୍ଚଳର ସମସ୍ୟା ଉପରେ ଆଲୋଚନା କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ସଂଗଠନ ସୁଦୃଢ଼ କରାଯାଇ ନୂତନ ନେତୃତ୍ୱ ପାଇଁ ପ୍ରୟାସ ରହିବ ବୋଲି ସମସ୍ତେ ମତପ୍ରକାଶ କରିଥିଲେ। ବ୍ଲକର ବିଭିନ୍ନ ଅଞ୍ଚଳରେ ପଡିରହିଥିବା ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆନ୍ଦୋଳନ କରାଯିବ ବୋଲି ସ୍ଥିର କରାଯାଇଥିଲା।

## ବାଇକ୍ ଲୁଟ୍ ବେଳେ ପୋଲିସ୍‌କୁ ଦେଖି ଡ୍ୟାମ୍‌କୁ ଡେଇଁପଡ଼ିଲେ

**୨ ଯୁବକ ଉଦ୍ଧାର, ଜଣେ ନିଖୋଜ**

ପରଜଙ୍ଗ,୪।୨(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ନିକଟସ୍ଥ ଦଦରାଘାଟି ଜଳ ପ୍ରକଳ୍ପ ବୁଲି ଆସିଥିବା ଜଣେ ବ୍ୟକ୍ତି ନିଜ ମୋଟର ସାଇକେଲକୁ ୧୪୯ ନମ୍ବର ଜାତୀୟ ରାଜପଥ କଡ଼ରେ ରଖି ରାସ୍ତା ତଳେ ଥିବା ଡ୍ୟାମ ବୁଲୁଥିବା ସମୟରେ ୩ ଜଣ ଦୁର୍ବୃତ୍ତ ଗାଡ଼ିର ତାଲା ଭାଙ୍ଗୁଥିଲେ। ଏହି ସମୟରେ ଦଦରାଘାଟି ଫାଣ୍ଡି ଅଧିକାରୀ ଅଜୟ କୁମାର ସାମଲ ଓ ପୋଲିସ କର୍ମଚାରୀ ପାଟ୍ରୋଲିଂ କରୁଥିବା ବେଳେ ପୋଲିସ ଗାଡ଼ି ଦେଖି ୩ ଜଣ ଦୁର୍ବୃତ୍ତ ଡ୍ୟାମକୁ ଡେଇଁପଡ଼ିଥିଲେ। ପୋଲିସ ଓ ମାଛ ଧରାଳି ୨ ଜଣକୁ ଉଦ୍ଧାର କରିଥିବା ବେଳେ ଜଣେ ନିଖୋଜ ଅଛନ୍ତି। ପରଜଙ୍ଗ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଡ୍ୟାମରେ ଖୋଜାଖୋଜି ଜାରିରଖିଛନ୍ତି। ଉଦ୍ଧାର ଯୁବକ ହେଲେ ବାଲିମି ଥାନା ଅନ୍ତର୍ଗତ ନୂଆପଡ଼ା ଗ୍ରାମର ସୁଶାନ୍ତ ନାଏକ (୩୦) ଏବଂ ମୋଟଙ୍ଗା ଥାନା ଅନ୍ତର୍ଗତ ଖଡ଼ଗପ୍ରସାଦ ଗ୍ରାମର କରନ ରାଉତ (୨୨) ବୋଲି ପୋଲିସ କହିଛି। ଦୁଇ ଯୁବକଙ୍କୁ ଫାଣ୍ଡିରେ ଅଟକ ରଖାଯାଇ ତଦନ୍ତ ଜାରି ରହିଛି ବୋଲି ଫାଣ୍ଡି ଅଧିକାରୀ ସାମଲ କହିଛନ୍ତି। ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଛି।

## ଉତ୍ତମ ଚରିତ୍ର ଗଠନ କରି ସମାଜରେ ଉଦାହରଣ ସୃଷ୍ଟିକର



**ଏସ୍‌ଏସ୍‌ଏସ୍ କଲେଜର ବାର୍ଷିକ ଉତ୍ସବ**

ଓଡାପଡ଼ା, ୪।୨ (ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗଡଡ଼କାଟେଣି ସ୍ଥିତ ଏସ୍‌ଏସ୍‌ଏସ୍ ଉଚ୍ଚମାଧ୍ୟମିକ ଓ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବୁଧବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ତାରାପ୍ରସନ୍ନ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଢେଙ୍କାନାଳ ଉପଜିଲାପାଳ ବିଭୂଧ ଗଡ଼ନାୟକ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଲୋକସଭା ଏମ୍‌ପି ରୁଦ୍ରନାରାୟଣ ପାଣିଙ୍କ ହିନ୍ଦୋଳ ପ୍ରତିନିଧି ସୁଶାନ୍ତ ପତି, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କ ଓଡ଼ାପଡ଼ା ପ୍ରତିନିଧି ସହଦେବ ପୃଷ୍ଟି, ଓଡ଼ିଶା ସାହିତ୍ୟ ଏକାଡେମି ସଦସ୍ୟ କବି ବାହାଦୁର ପାଟ୍ଟସାଣୀ, ସାହିତ୍ୟିକ ପ୍ରମୋଦ ନାୟକ, କଲେଜ ପ୍ରତିଷ୍ଠାତା ସଦସ୍ୟ ରମେଶ ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରବୃନ୍ଦ ଉତ୍ତମ ଚରିତ୍ର ଗଠନ କରି ସମାଜରେ ଉଦାହରଣ ସୃଷ୍ଟି କରନ୍ତୁ ଏବଂ ଦୃଢ଼ ଇଚ୍ଛା ଶକ୍ତି ବଳରେ ସଫଳତା ହାସଲ କରି ରାଷ୍ଟ୍ର ସେବାରେ ବ୍ରତୀ ହୁଅନ୍ତୁ ବୋଲି କହିଥିଲେ। ବରିଷ୍ଠ କିରାଣି ଇନ୍ଦ୍ରଜିତ ପରିଡ଼ାଙ୍କ ସମେତ କଲେଜ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦଶଦେବୀ ମା’ଙ୍କ ପୀଠର ବାର୍ଷିକ ଉତ୍ସବ ପାଇଁ କଳସ ଯାତ୍ରା

ଓଡ଼ାପଡ଼ା, ୪।୨(ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ଗୁଡିଆକାଟେଣି ଛକ ନିକଟସ୍ଥ ମା’ ଦଶଦେବୀ ପୀଠର ବାର୍ଷିକ ଉତ୍ସବ ଆରମ୍ଭ ହୋଇଯାଇଛି। ଏହି ଉପଲକ୍ଷେ ବୁଧବାର ଶତାଧିକ ମହିଳା ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବଳରାମପ୍ରସାଦ ଗ୍ରାମ ନିକଟସ୍ଥ ସରପା ଯୋରରେ ପହଞ୍ଚିଥିଲେ। ପୂଜାର୍ଚ୍ଚନା ପରେ ମହିଳାମାନେ କଳସ ଆଣି ମନ୍ଦିର ନିକଟରେ ଥିବା ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ଅପରାହ୍ନରେ ପଣ୍ଡିତମାନଙ୍କ ଦ୍ୱାରା ଯଜ୍ଞାନୁଷ୍ଠାନ ଆରମ୍ଭ କରାଯାଇଥିଲା। ଗୁରୁବାର ଅପରାହ୍ନରେ ଯଜ୍ଞର ପୂର୍ଣ୍ଣାହୁତି ଦିଆଯିବାର କାର୍ଯ୍ୟକ୍ରମ ରହିଛି।

## ଆନ୍ତଃକଲେଜ ଖୋଖୋ ପ୍ରତିଯୋଗିତା ଉଦ୍‌ଘାଟିତ

ଭୁବନ, ୪।୨ (ବିପିନ ବିହାରୀ ସେଠୀ)


ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିଥିମାନଙ୍କ ସହ କଲେଜ କର୍ମଚାରୀ।

ଢେଙ୍କାନାଳ ଜିଲା ଭୁବନ ମହିଳା କଲେଜ ଖେଳପଡ଼ିଆରେ ବୁଧବାର ଆନ୍ତଃକଲେଜସ୍ତରୀୟ ଖୋଖୋ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହି କ୍ରୀଡ଼ାକୁ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ରମାଦେବୀ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା କଲେଜର ଖେଳାଳିମାନେ ଯୋଗଦେଇଛନ୍ତି । ଭୁବନ ମହିଳା ଡିଗ୍ରୀ କଲେଜ, ଇନ୍ଦିରାଗାନ୍ଧୀ ମହିଳା ଡିଗ୍ରୀ କଲେଜ, ଢେଙ୍କାନାଳ ମହିଳା ଡିଗ୍ରୀ କଲେଜ, କାମାକ୍ଷାନଗର ମହିଳା ଡିଗ୍ରୀ କଲେଜ, ରାଣୀ ଶୁକଦେଈ ମହିଳା କଲେଜ, ଗାଦିବ୍ରହ୍ମ ମହିଳା କଲେଜ, ମଙ୍ଗଳପୁର ମହିଳା କଲେଜ, ନିଗମାନନ୍ଦ ମହିଳା କଲେଜ ଓ ରମାଦେବୀ ମହିଳା କଲେଜର ଖେଳାଳିମାନେ ଭାଗ ନେଇଛନ୍ତି। ପ୍ରଥମ ଦିନ ଉଦ୍‌ଘାଟନୀ ଉତ୍ସବରେ କାମାକ୍ଷାନଗର ବିଧାୟକ ଜେନା ଛାତ୍ରୀମାନଙ୍କୁ କ୍ରୀଡ଼ାର ଉପକାରିତା ସମ୍ପର୍କରେ ମାର୍ଗଦର୍ଶନ କରିବା ସହିତ ଜଣେ ଉଚ୍ଚମାନର କ୍ରୀଡ଼ାବିତ୍ ସବୁଠାରୁ ଅଧିକ ସମ୍ମାନ ପଦାଧିକାରୀ କହିବା ଅତ୍ୟୁକ୍ତି ହେବ ନାହିଁ ବୋଲି କହିଥିଲେ। ଡିଗ୍ରୀ କଲେଜ ଅଧ୍ୟକ୍ଷ ଦିଲୀପ ଦାସ ସଭାପତିତ୍ୱ କରିଥିବା ବେଳେ ପୂର୍ବତନ କଲେଜ ସମ୍ପାଦକ ଦେବବ୍ରତ ପୃଷ୍ଟି ମୁଖ୍ୟବକ୍ତା ଓ ଉଚ୍ଚ ମାଧ୍ୟମିକ ମହିଳା କଲେଜ ଅଧ୍ୟକ୍ଷ ସୁପ୍ରିୟମୟୀ ସେନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ରାଜନୀତି ବିଜ୍ଞାନ ଅଧ୍ୟାପକ ପ୍ରଶାନ୍ତ କୁମାର ରାଉତରାୟ ପରିଚାଳନା କରିଥିବା ବେଳେ ଭୁବନ ଅଞ୍ଚଳର ସମସ୍ତ ଶାରିରୀକ ଶିକ୍ଷକମାନେ ଉପସ୍ଥିତ ରହି କ୍ରୀଡ଼ାକୁ ପରିଚାଳନା କରିଥିଲେ।

# ଚିକିତ୍ସାଧୀନ ଅବସ୍ଥାରେ ମୁଖ୍ୟ ଅଭିଯୁକ୍ତ ମୁଫିଙ୍କ ମୃତ୍ୟୁ

## ନ୍ୟୁ ଆଜାଦ ନଗର ବୋମା ବିସ୍ଫୋରଣ ଘଟଣା

ଭୁବନେଶ୍ୱର, ୪।୨(ତ୍ରିନାଥ ମହାନ୍ତି)



ଏୟାରଫିଲ୍ଡ ଥାନା ସୁନ୍ଦରପଦା ନ୍ୟୁ ଆଜାଦ ନଗର ବୋମା ବିସ୍ଫୋରଣ ଘଟଣାରେ ଗୁରୁତର ହୋଇଥିବା ମୁଖ୍ୟ ଅଭିଯୁକ୍ତ ସାହାନୱାଜ ମଲ୍ଲିକ ଓରଫ୍ ମୁଫିଙ୍କ ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୁଫି ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ମୁଫିଙ୍କ ବିରୋଧରେ ଏକାଧିକ ଅପରାଧ ମାମଲା ରହିଥିବାରୁ କୌଣସି ଆପରାଧିକ କାର୍ଯ୍ୟ ପାଇଁ ବେଆଇନଭାବେ ବୋମା ଭିଡୁଥିବା ସମୟରେ ବିସ୍ଫୋରଣ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରିଥିଲା। ଏହି ବିସ୍ଫୋରଣ ପଛରେ କୌଣସି ଆତଙ୍କବାଦୀ ଲିଙ୍କ୍ ରହିଛି ନା ନାହିଁ ତାର ଖୋଳତାଡ଼ ପାଇଁ ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍ଆଇଏ) ତଦନ୍ତ କରୁଥିବାବେଳେ ମୁଫିଙ୍କ ମୃତ୍ୟୁ ଏବେ ଭିନ୍ନ ମୋଡ଼ ନେଇଛି।

ସୂଚନାଯୋଗ୍ୟ, ଗତ ୨୭ ତାରିଖରେ ମୁଫି, ତାଙ୍କ ମା', ବାନ୍ଧବୀ ଏବଂ ୨ଜଣ ସହଯୋଗୀ ନ୍ୟୁ ଆଜାଦ କଲୋନିରେ ଥିବା ଏକ ୩ତାଲା ବିଶିଷ୍ଟ ଘର ଉପରେ ବୋମା ଭିଡୁଥିଲେ। ହେଲେ ଅସାଧାନତା କାରଣରୁ ତାହା ବିସ୍ଫୋରଣ ଘଟିଥିଲା। ଏଥିରେ ମୁଫିଙ୍କ ସମେତ ୫ ଜଣ ଆହତ ହୋଇଥିଲେ। ପ୍ରଥମେ ଏହି ମାମଲା ଏୟାରଫିଲ୍ଡ ପୋଲିସ ତଦନ୍ତ କରିଥିଲା, ପରେ ଏନ୍ଆଇଏର ଏକ ଟିମ୍ ବିସ୍ଫୋରଣସ୍ଥଳକୁ ଯାଇ ଖୋଳତାଡ଼ କରିଥିଲା। ଘଟଣାସ୍ଥଳରୁ କିଛି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଲ୍ୟାବ୍କୁ ପଠାଇଥିଲା। ଏଥିସହ ହସ୍ପିଟାଲ୍କୁ ଯାଇ ଆହତମାନଙ୍କୁ ପଚରାଉଚରା କରିଥିଲା।

# ବଚସାରୁ ବ୍ୟବସାୟୀଙ୍କୁ ହତ୍ୟା, ଜଣେ ଅଟକ

ଭଞ୍ଜନଗର,୪।୨(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ସହର ଇଣ୍ଡିଆନ ଗ୍ୟାସ କାର୍ଯ୍ୟାଳୟ ନିକଟରେ ମଙ୍ଗଳବାର ରାତି ପ୍ରାୟ ୯ଟାରେ ସାମାନ୍ୟ ବଚସାରୁ ଜଣେ ବ୍ୟବସାୟୀଙ୍କୁ ହତ୍ୟା କରାଯାଇଛି। ସେ ହେଲେ ବଡ଼କୋଦଣ୍ଡା ଗ୍ରାମର ହରେକୃଷ୍ଣ ସ୍ୱାଇଁ (୩୮)। ପୋଲିସ ମୃତଦେହ ଜବତକରି ଭଞ୍ଜନଗର ହସ୍ପିଟାଲରେ ବ୍ୟବଚ୍ଛେଦ କରାଇଛି। ଏ ନେଇ ପୋଲିସ ଏକ ହତ୍ୟା ମାମଲା(ନଂ.୧୦୦/୨୬) ରୁଜୁ କରିଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ଘଟଣାର ଅଧିକ ତଦନ୍ତ ଚଳାଇଛି। ଘଟଣାରୁ ପ୍ରକାଶ, ହରେକୃଷ୍ଣ ଓ ଅନ୍ୟ ଜଣେ ଯୁବକଙ୍କ ମଧ୍ୟରେ କୌଣସି ଏକ କାରଣକୁ ନେଇ ବଚସା ହୋଇଥିଲା। ପରେ ଉଭୟେ ଧସ୍ତାଧସ୍ତି ହୋଇଥିଲେ। ଯୁବକ ଜଣଙ୍କ ହରେକୃଷ୍ଣଙ୍କୁ ଗୋଇଠା ପରେ ଗୋଇଠା ମାରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ପହଞ୍ଚି ହରେକୃଷ୍ଣ ବଞ୍ଚିଥିବେ ଭାବି ଭଞ୍ଜନଗର ହସ୍ପିଟାଲକୁ ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।

# ବାପାଙ୍କୁ ଏସିଡ୍ ପିଆଇ, ଗଳାକାଟି ହତ୍ୟା କରିଥିଲେ ପୁଅ

## ହତ୍ୟାକାଣ୍ଡର ପର୍ଦ୍ଦାଫାଶ

ବିଷମକଟକ, ୪।୨( ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ସହରର ବ୍ରାହ୍ମଣସାହି ଅଞ୍ଚଳରେ ଗତ ୩୦ ତାରିଖରେ ହୋଇଥିବା ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଛି। ବାପା କୈଳାସ ଚନ୍ଦ୍ର ସାହୁଙ୍କୁ ପୁଅ ଶ୍ୟାମ ସୁନ୍ଦର ସାହୁ (୨୬) ପାଇଖାନା ସଫା କରିବା ଏସିଡ୍ ପିଆଇବା ପରେ ଧାରୁଆ ଅସ୍ତ୍ରରେ ତାଙ୍କ ଗଳାକାଟି ହତ୍ୟା କରିଥିବା ପୋଲିସ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛି। ଅଭିଯୁକ୍ତ ଶ୍ୟାମଙ୍କୁ ଗିରଫକରି ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯାଇଛି। ଅଧିକ ତଦନ୍ତ ଜାରି ରହିଥିବା ବିଷମକଟକ ଥାନା ଅଧିକାରୀ ସୂର୍ଯ୍ୟ ଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁସାରେ, ବିଷମକଟକ ବ୍ରାହ୍ମଣ ସାହିରେ ରହୁଥିବା ମୃତ କୈଳାସ ଚନ୍ଦ୍ର ସୁଧ କାରବାର କରୁଥିଲେ। ତେବେ ଋଣ ଟଙ୍କା ଫେରସ୍ତ ନ ମିଳିବାକୁ ନେଇ ପରିବାରରେ ପ୍ରାୟ ସମୟରେ କଳହ ଲାଗି ରହୁଥିଲା। ମୃତକଙ୍କ ସହ ୨ ପୁଅ ରାମଚନ୍ଦ୍ର ସାହୁ (୨୯) ଓ ଶ୍ୟାମସୁନ୍ଦର ସାହୁଙ୍କ ସମ୍ପର୍କ ଭଲ ନ ଥିଲା। ଗତ ୩୦ ତାରିଖ ଅପରାହ୍ନ ପ୍ରାୟ ୪ଟା ୩୦ରେ ଅଭିଯୁକ୍ତ ଶ୍ୟାମ ତାଙ୍କ ବାପାଙ୍କୁ ଘର ତଳଭାଗର ଅଗଣାରେ ଏକାକୀ ଦେଖି ଥଣ୍ଡା ପାନୀୟରେ ଲାଟ୍ରିନ ସଫା କରିବାରେ ବ୍ୟବହୃତ ହେଉଥିବା ଏସିଡ୍ ମିଶାଇ ବାପାଙ୍କୁ ପିଇବାକୁ ଦେଇଥିଲେ। ଏହାକୁ ପିଇବା ପରେ କୈଳାସ ଅସୁସ୍ଥ କରିବା ସହ ବାନ୍ତି କରିବାକୁ ଯାଉଥିବାବେଳେ ଅଭିଯୁକ୍ତ ପନିକି ଦ୍ୱାରା ତାଙ୍କ ମୁଣ୍ଡକୁ ବାରମ୍ବାର ଆକ୍ରମଣ କରିଥିଲେ। ପରେ ତାଙ୍କ ଗଳା କାଟି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ଅଭିଯୁକ୍ତ ପୁଅ ମୃତଦେହକୁ ଉପର ମହଲାକୁ ନେଇ ହୋହାଲ୍ଲା କରିବାରୁ ସ୍ଥାନୀୟ ଲୋକେ ଆସି କୈଳାସଙ୍କୁ ବିଷମକଟକ ସ୍ଥିତ ଖ୍ରୀଷ୍ଟିଆନ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ବିଷମକଟକ ଥାନାରେ କେସ୍ ନମ୍ବର ୧୮/୩୦ରେ ମାମଲା ରୁଜୁକରାଯାଇଛି। ପୋଲିସ ପନିକି, ସ୍ପ୍ରାଇଟ୍ ବୋତଲ, ଷ୍ଟିଲ୍ ଗ୍ଲାସ୍, ମଗ, ରକ୍ତରଞ୍ଜିତ ପୋଷାକ ଓ ଏସିଡ୍ ଆଦି ଜବତ କରିଛି।

# ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

- ମୃତଦେହ ସଂସ୍କାର ପାଇଁ ସ୍ୱାମୀଙ୍କୁ ଛାଡ଼ିବାକୁ ଗ୍ରାମବାସୀଙ୍କ ଦାବି
- ଘର ସମ୍ମୁଖରେ ଦୀର୍ଘ ସମୟ ପଡ଼ି ରହିଥିଲା ମୃତଦେହ
- ଘଟଣାକୁ ନେଇ ଗ୍ରାମରେ ଲାଗିରହିଛି ଚାପା ଉତ୍ତେଜନା

ଦିଗପହଣ୍ଡି,୪।୨(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ଜକରାପଲ୍ଲୀ ଗ୍ରାମରେ ଅଧିକ ଯୌତୁକ ଦାବି କରି ଜଣେ ମହିଳାଙ୍କୁ ହତ୍ୟା କରିଥିବା ଅଭିଯୋଗକୁ ଭିତ୍ତିକରି ସମ୍ପୃକ୍ତ ମହିଳାଙ୍କ ସ୍ୱାମୀଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି। ମୃତା ମହିଳା ହେଉଛନ୍ତି ସନ୍ଧ୍ୟା ବିଷୋୟୀ। ତେବେ ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ମୃତଦେହ ସଂସ୍କାର ପାଇଁ ସ୍ୱାମୀଙ୍କୁ ଛାଡ଼ିବାକୁ ଗ୍ରାମବାସୀ ଦାବି କରିଥିଲେ। ପରେ ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ପରେ ଦୀର୍ଘସମୟ ଧରି ଘର ସମ୍ମୁଖରେ ପଡ଼ିରହିଥିବା ମୃତଦେହ ସଂସ୍କାର ପାଇଁ ନିଆଯାଇଛି। ଏହାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଛି।

ଖବରରୁ ଜଣାପଡ଼ିଛି, ବ୍ରହ୍ମପୁର ସଦର ଥାନା ଲାଠି ଗ୍ରାମର କାଳିଆ ସ୍ୱାଇଁଙ୍କ ଝିଅ ସନ୍ଧ୍ୟା ୨୦୨୧ରେ ଜକରାପଲ୍ଲୀ ଗ୍ରାମର ନିରଞ୍ଜନ ବିଷୋୟୀଙ୍କ ପୁଅ ଅଜିତଙ୍କୁ ବିବାହ କରିଥିଲେ। ସ୍ୱାମୀ ଓ ଶ୍ୱଶୁର ଘର ଲୋକଙ୍କ ଦାବି ମୁତାବକ ବିବାହ ବେଳେ ସୁନା ଗହଣା, ଆସବାବପତ୍ର ଯୌତୁକ ରୂପେ ପ୍ରଦାନ କରାଯାଇଥିଲା। ବିବାହର କିଛି ଦିନ ଭଲରେ କଟିବା ପରେ ଅଧିକ ଯୌତୁକ ଦାବିକରି ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ସନ୍ଧ୍ୟାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଫଳରେ ସନ୍ଧ୍ୟା ଅଧିକାଂଶ ସମୟ ବାପଘରେ ରହୁଥିଲେ। ବାହାର ରାଜ୍ୟରେ ଦାଦନ ଖଟିବାକୁ ଯାଇଥିବା ଅଜିତ କିଛିଦିନ ତଳେ ନିଜ ଗାଁକୁ ଫେରିବା ପରେ ସନ୍ଧ୍ୟାଙ୍କୁ ଆଣି ତାଙ୍କ ଘରେ ଛାଡ଼ିବାକୁ ଶ୍ୱଶୁର ଘର ଲୋକାଙ୍କୁ ଅନୁରୋଧ କରିଥିଲେ। ଗତ ୧ ତାରିଖରେ ବାପଘର ଲୋକେ ସନ୍ଧ୍ୟାଙ୍କୁ ଜକରାପଲ୍ଲୀ ଗାଁ ଶ୍ୱଶୁର ଘରେ ଛାଡ଼ି ଫେରିଥିଲେ। ତେବେ ପୁଣି ଥରେ ଶାରୀରିକ ନିର୍ଯାତନା ଦେଇ ଶ୍ୱଶୁର ଘର ଲୋକେ ସନ୍ଧ୍ୟାଙ୍କୁ ଜବରଦସ୍ତ ବିଷ ପିଆଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବୁଧବାର ପୂର୍ବାହ୍ନରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସନ୍ଧ୍ୟାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ନେଇ ସନ୍ଧ୍ୟାଙ୍କ ମା' ସବିତା ସ୍ୱାଇଁ ଥାନାରେ ଏତଲା ଦେଇଛନ୍ତି। ଏହାକୁ ଭିତ୍ତି କରି ଦିଗପହଣ୍ଡି ଥାନା ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍ପି ପ୍ରଶାନ୍ତ ପାତ୍ର ନଂ. ୩୯/୨୬ରେ ମାମଲା ରୁଜୁ କରି ସ୍ୱାସ୍ଥ୍ୟକେନ୍ଦ୍ରରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ଏହି ଘଟଣାରେ ପୋଲିସ ସନ୍ଧ୍ୟାଙ୍କ ସ୍ୱାମୀ ଅଜିତଙ୍କୁ ଧରି ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଛି। ତେବେ ସନ୍ଧ୍ୟା ନିଜେ ମାନସିକ ଭାରସାମ୍ୟ ହରାଇ କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ଶ୍ୱଶୁର ଘର ଲୋକେ ପୋଲିସ ନିକଟରେ ପ୍ରକାଶ କରିଛନ୍ତି।

# ନ୍ୟାୟ ନ ମିଳିବାରୁ ଚାକିରି ଛାଡ଼ିଲେ ମହିଳା କର୍ମଚାରୀ

## ଯୌନ ନିର୍ଯାତନା ଅଭିଯୋଗ

ବାଲେଶ୍ୱର, ୪।୨(ବାଞ୍ଛାନିଧି ଦେ)

ବାଲେଶ୍ୱର କାଳିଦାସପୁରସ୍ଥିତ ଓଡ଼ିଶା ଷ୍ଟେଟ୍ ପୋଲିସ୍ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେଶନର ପ୍ରୋଜେକ୍ଟ ମ୍ୟାନେଜରଙ୍କ ନାଁରେ ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି ଜଣେ ମହିଳା କର୍ମଚାରୀ। ସେ ଏନେଇ ଭୁବନେଶ୍ୱରସ୍ଥିତ ମୁଖ୍ୟାଳୟ (ସିଏମ୍ଡି)ଙ୍କ ନିକଟରେ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ମାତ୍ର ନ୍ୟାୟ ନ ମିଳିବାରୁ ସେ ବାଧ୍ୟହୋଇ ଚାକିରି ଛାଡ଼ିଛନ୍ତି।

ଅଭିଯୋଗ ଅନୁଯାୟୀ, ପ୍ରୋଜେକ୍ଟ ମ୍ୟାନେଜର ଏସ୍.କେ. ମହାନ୍ତି ଜଣେ ମହିଳା କର୍ମଚାରୀଙ୍କୁ ଦୀର୍ଘଦିନ ଧରି ହଇରାଣ କରିଆସୁଥିଲେ। ହ୍ୱାଟସଆପରେ ଅଶ୍ଳୀଳ ଭିଡିଓ ଏବଂ ମେସେଜ୍ ପଠାଇ ତାଙ୍କୁ ନିବେଦନ କରୁଥିଲେ। ଅଶ୍ଳୀଳ ଫଟୋ ଓ ଭିଡିଓ ପଠାଇ ମାନସିକ ନିର୍ଯାତନା ଦେଉଥିଲେ। ଗତ ଜାନୁଆରୀରେ କାମ ବାହାନାରେ ମହିଳା କର୍ମଚାରୀଙ୍କୁ ମ୍ୟାନେଜର ଜଣକ ଚ୍ୟାମ୍ବରକୁ ଡାକି କବାଟ ବନ୍ଦ କରି କରୁଦୁର୍ବ୍ୟବହାର କରିଥିବା ଅଭିଯୋଗ କରାଯାଇଛି। ବିରୋଧ କରିବାରୁ ପୀଡ଼ିତାଙ୍କ ବାପାଙ୍କୁ ଫୋନ୍ କରି ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏହାପରେ ପୀଡ଼ିତା ମହିଳା ନ୍ୟାୟ ପାଇଁ ଭୁବନେଶ୍ୱର ମୁଖ୍ୟାଳୟରେ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ଏନେଇ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ଏବଂ ଅଧିକାରୀଙ୍କ ଚାପ ଯୋଗୁ ମହିଳାଜଣକ ନିଜ ଚାକିରିରୁ ଇସ୍ତଫା ଦେଇଥିବା ଜଣାପଡ଼ିଛି।

# ମୁଣ୍ଡରେ ବନ୍ଧୁକ ଲଗାଇ ମହିଳାଙ୍କ କାନଫୁଲ ଲୁଟ୍

## ଫୁଲ ତୋଳିବା ବେଳେ ମହିଳାଙ୍କ ଠାରୁ ନେଇଗଲେ ସୁନା ଅଳଙ୍କାର

ଭୁବନେଶ୍ୱର,୪।୨(ତ୍ରିନାଥ ମହାନ୍ତି)

ରାଜଧାନୀରେ ବଢ଼ି ଚାଲିଛି ଆପରାଧିକ କାର୍ଯ୍ୟକଳାପ। ଅପରାଧୀମାନେ କେଉଁଠି ଘରେ ପଶି ଲୁଟ କରୁଛନ୍ତି ତ ଆଉ କେଉଁଠି ବନ୍ଧୁକ ଦେଖାଇ ସ୍ପଷ୍ଟ ଦିବାଲୋକରେ ଲୁଟପାଟ କରୁଛନ୍ତି। ନୟାପଲ୍ଲୀ ଥାନା ଗଡ଼ସାହିରେ ବୁଧବାର ସକାଳେ ଜଣେ ମହିଳାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ସୁନା ଗହଣା ଲୁଟ ପାଟ ହୋଇଥିବା ଅଭିଯୋଗ ହୋଇଛି। ଲୁଟର ଶିକାର ହୋଇଥିବା ମହିଳା ବିଦ୍ୟୁଲତା ନବକଳେବର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଲୁଟ ସ୍ଥାନର ସିସିଟିଭି ଯାଞ୍ଚ କରି ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ପୋଲିସ ଛାନଭିନ୍ କରୁଛି। ଅଭିଯୋଗ ଅନୁସାରେ, ବିଦ୍ୟୁଲତା ବୁଧବାର ସକାଳ ୬ ଟାରେ ଘର ଆଗରେ ଥିବା ଗଛରୁ ପୂଜା ପାଇଁ ଫୁଲ ତୋଳୁଥିଲେ। ଏହି ସମୟରେ ୨ ଜଣ ଯୁବକ ଚାଲି ଚାଲି ତାଙ୍କ ନିକଟକୁ ଯାଇଥିଲେ। ମହିଳା କିଛି ଭାବିବା ପୂର୍ବରୁ ସେମାନେ ବନ୍ଧୁକ ବାହାର କରି ବିଦ୍ୟୁଲତାଙ୍କ ମୁଣ୍ଡରେ ଲଗାଇ ତାଙ୍କ ବେକରୁ ସୁନା ଗହଣା, କାନ ଫୁଲ ଲୁଟି ନେଇଯାଇଥିଲେ। ବିଦ୍ୟୁଲତା ଚିତ୍କାର କରିବାପରେ ସ୍ଥାନୀୟ ଲୋକେ ଆସିବା ପୂର୍ବରୁ ଅଭିଯୁକ୍ତମାନେ ବାଇକରେ ଦ୍ରୁତ ଗତିରେ ଫେରାର ହୋଇଯାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ଛାନଭିନ୍ କରିଥିଲେ ମଧ୍ୟ ଲୁଟେରାଙ୍କ ସୁରାକ ପାଇ ନ ଥିଲେ। ଏହି ଲୁଟ ପଛରେ ସ୍ଥାନୀୟ ବସ୍ତିର କେତେଜଣ ଅପରାଧୀଙ୍କ ହାତ ଥିବା ପୋଲିସ ସନ୍ଦେହ କରୁଛି। ସେଥିପାଇଁ ପୁରୁଣା ଅପରାଧୀଙ୍କ ତଥ୍ୟ ଖୋଜୁଛି।


## ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ:ବାଲୁଗାଁ, ଖୋରଧା

ସ୍ଥାନ/ପୋ-ବାଲୁଗାଁ, ଜିଲ୍ଲା-ଖୋରଧା, ଇ-ମେଲ୍-eonac.balugaon2013@gmail.com

ନଂ.୧୯୪ ତା.୩୧.୧.୨୦୨୬

**ସଂଶୋଧିତ ବିଜ୍ଞାପନ**

No.13001/14/2526: ପୂର୍ବ ବିଜ୍ଞପ୍ତି ସଂଖ୍ୟା ୧୪୩, ତା.୩୦.୦୧.୨୦୨୬ ରିଖକୁ ସଂଶୋଧନ କରାଯାଇ ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ ୨୦୨୫-୨୬ (ତା.୧୯.୦୨.୨୦୨୬ ରିଖରୁ ତା.୧୮.୦୨.୨୦୨୭ ରିଖ) ପର୍ଯ୍ୟନ୍ତ ୧ (ଏକ) ବର୍ଷ ନିମନ୍ତେ ପୁନଃ ନିଲାମ ନିମ୍ନଲିଖିତ ନିଲାମ/ଟେଣ୍ଡରଗୁଡିକ ବ୍ୟକ୍ତିବିଶେଷ/ସଂସ୍ଥା/ଅନୁଷ୍ଠାନଙ୍କଠାରୁ ଆହ୍ୱାନ କରୁଅଛନ୍ତି । ନିଲାମ/ଟେଣ୍ଡରର ସମସ୍ତ ବିବରଣୀ/ତଥ୍ୟ NIC, Khordhaଙ୍କ ୱେବସାଇଟ୍ www.khordha.nic.in ଠାରେ ଉପଲବ୍ଧ ଅଟେ । ଇଚ୍ଛୁକ ବ୍ୟକ୍ତି/ସଂସ୍ଥା ଓ ଅନୁଷ୍ଠାନ Commercial Bid Cover No.A ଏବଂ Price Bid Cover No.B ଏହିପରି ୨ ଗୋଟି ଲଫାପାକୁ ଅନ୍ୟ ଗୋଟିଏ ବଡ଼ ଲଫାପାରେ Cover No.C ରେ ଜଉମୁଦ କରି ପୌରପରିଷଦ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ଟେଣ୍ଡର ବାକ୍ସରେ ପକାଇବେ/ସ୍ପିଡ୍ପୋଷ୍ଟ/ରେଜିଷ୍ଟ୍ରି ପୋଷ୍ଟ ଦ୍ୱାରା ତା.୦୫.୦୨.୨୦୨୬ ରିଖଠାରୁ ତା.୧୭.୦୨.୨୦୨୬ ରିଖ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ପକାଇବେ । ନିଲାମ ଫର୍ମ (Cost of Tender) ର ମୂଲ୍ୟ Cover No.A ରେ ବ୍ୟାଙ୍କ ଡ୍ରାଫ୍ଟ/ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁଙ୍କ ନାମରେ ପ୍ରାପ୍ତି ହେବା ନିମନ୍ତେ ପ୍ରସ୍ତୁତ କରି ନିର୍ଦ୍ଧାରିତ ସମୟସୀମା ଭିତରେ Cover No.A ରେ ରଖିବା ବାଧ୍ୟ ଅଟେ । ଯେଉଁ ବ୍ୟକ୍ତି/ସଂସ୍ଥା ଓ ଅନୁଷ୍ଠାନଙ୍କର Commercial Bid Cover No.A ଯୋଗ୍ୟ ବିବେଚିତ ହେବ କେବଳ ସେହି ବ୍ୟକ୍ତି/ସଂସ୍ଥା ଓ ଅନୁଷ୍ଠାନଙ୍କର Price Bid Cover No.B ଖୋଲାଯିବ ।

| କ୍ର.ନଂ. | ନିଲାମ/ଟେଣ୍ଡରର ନାମ | ସର୍ବନିମ୍ନ ଡାକ/ ନିଲାମ ମୂଲ୍ୟ | ନିଲାମ ପାଇଁ ଫର୍ମ ମୂଲ୍ୟ (ନନ୍ ରିଫଣ୍ଡେବୁଲ୍) |
|---|---|---|---|
| ୧ | ୨ | ୩ | ୪ |
| ୧ | ଚିଲିକା କୂଳରେ ଡଙ୍ଗା ଘାଟରେ ପାର୍କିଂ କରୁଥିବା ଯେ କୌଣସି ଡଙ୍ଗା ଫି ଆଦାୟ ନିମନ୍ତେ | ୨୬୦୯୨୦ | ୨୦୦୦ |
| ୨ | ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ମଧ୍ୟରେ ଥିବା ବସଷ୍ଟାଣ୍ଡଠାରେ ପାର୍କିଂ କରୁଥିବା ଯେକୌଣସି ବସ ପାର୍କିଂ ଫି ଆଦାୟ ନିମନ୍ତେ | ୨୭୫୦୦୦ | ୨୦୦୦ |
| ୩ | ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ମଧ୍ୟରେ ଲାଗିଥିବା ସମସ୍ତ ବିଜ୍ଞାପନ ହୋର୍ଡିଂ ଠାରୁ ଫି ଆଦାୟ ନିମନ୍ତେ | ୧୪୩୨୧୦ | ୬୦୦ |
| ୪ | ଚିଲିକାକୂଳ ଯାତ୍ରୀନିବାସ ସାମ୍ନା ଦୋକାନ ଗୃହର ଆବଣ୍ଟନ ନିମନ୍ତେ | ୩୦୦୦୦୦ | ୧୦୦ |

• ନିଲାମ/ଟେଣ୍ଡରଧାରୀମାନଙ୍କ ପାଇଁ ନିଲାମ/ଟେଣ୍ଡର ବାବଦରେ ସବିଶେଷ ତଥ୍ୟ ଜାଣିବା ନିମନ୍ତେ ତା.୦୬.୦୨.୨୦୨୬ ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ସମୟରେ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ (Briefing Session) ବୈଠକ ଅନୁଷ୍ଠିତ ହେବ । • ନିଲାମ/ଟେଣ୍ଡରର ଫର୍ମ ବିକ୍ରିର ଅନ୍ତିମ ତାରିଖ ତା.୧୭.୦୨.୨୦୨୬ ରିଖ ସମୟ ସକାଳ ୧୧.୦୦ ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ଅଟେ । • ନିଲାମ/ଟେଣ୍ଡରର ଫର୍ମ ପକାଇବାର ଅନ୍ତିମ ତାରିଖ ତା.୧୭.୦୨.୨୦୨୬ ରିଖ ସମୟ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ । • ନିଲାମ/ଟେଣ୍ଡରର Commercial Bid Cover No.A ଖୋଲିବାର ତାରିଖ ତା.୧୮.୦୨.୨୦୨୬ ରିଖ ସମୟ ଅପରାହ୍ନ ୩.୦୦ ଘଟିକା ଅଟେ । • ନିଲାମ/ଟେଣ୍ଡରର Price Bid Cover No.B ଖୋଲିବାର ତାରିଖ ତା.୧୯.୦୨.୨୦୨୬ ରିଖ ସମୟ ଅପରାହ୍ନ ୩.୩୦ ଘଟିକା ଅଟେ ।

OIPR-13001/13148/1/25-26/0014 ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ



GOVERNMENT OF ODISHA email: aceangulirrigationcircle@gmail.com

## DEPARTMENT OF WATER RESOURCES

### OFFICE OF THE ADDITIONAL CHIEF ENGINEER, ANGUL IRRIGATION CIRCLE, ANGUL, ODISHA, PIN-759143

No. 32001/15/2526 Government of Odisha "e" Procurement Notice

Bid Identification No. ACEAIC-02/2025-26

| Sl. No. | Name of Work | Estimated Cost | Class of Contractor | Period of Completion | Date and time of availability of bid document in the portal | Last date/ time for receipt of bid in the portal | Name & address of the Officer Inviting Bid |
|---|---|---|---|---|---|---|---|
| 01 | Improvement to Canal Service Road of Angul Main Canal from RD 0.00 Km. to 5.00 Km. of Derjang Irrigation Project | Rs.228.64 lakh | "A" & "B" | 6 (Six) Calendar Months including rainy season | 06.02.2026 at 10.00 A.M. | 21.02.2026 upto 5.30 P.M. | Additional Chief Engineer, Angul Irrigation Circle, Angul |
| 02 | Improvement to approach road to Dam from NH-55 & Balance portion of Dam toe Road (RD 2405m to 3750m) of Derjang Irrigation Project | Rs.207.34 lakh | "A" & "B" | 6 (Six) Calendar Months including rainy season | 06.02.2026 at 10.00 A.M. | 21.02.2026 upto 5.30 P.M. | |
| 03 | Improvement to Canal Service Road of Khalari distributary in between RD 00 Km to 4.00 Km, Godisahi Minor from RD 0.88 Km to 1.70 Km. Nuagaon Minor in between RD 199m to RD 796m of Derjang Irrigation Project. | Rs.244.14 lakh | "A" & "B" | 6 (Six) Calendar Months including rainy season | 06.02.2026 at 10.00 A.M. | 21.02.2026 upto 5.30 P.M. | |
| 04 | Improvement to Canal Service Road of Dangapal Minor from RD 00m to RD 3400m, Aunli main canal from RD 4372m to RD 4656m of Aunli Irrigation Project | Rs.239.62 lakh | "A" & "B" | 6 (Six) Calendar Months including rainy season | 06.02.2026 at 10.00 A.M. | 21.02.2026 upto 5.30 P.M. | |
| 05 | Improvement to Right Service Bank Road of Sapua Link Channel from RD 2.100Km. to RD 5.330 Km. of Sapua Badjore Irrigation Project. | Rs.253.33 lakh | "A" & "B" | 6 (Six) Calendar Months including rainy season | 06.02.2026 at 10.00 A.M. | 21.02.2026 upto 5.30 P.M. | |
| 06 | Improvement of Inspection Road of Left Main Canal from RD 5860m to RD 10290m, Manarbeda Distributary, Belpunji Branch Canal and Tainsar Minor of Manjore Irrigation Project. | Rs.244.29 lakh | "A" & "B" | 6 (Six) Calendar Months including rainy season | 06.02.2026 at 10.00 A.M. | 21.02.2026 upto 5.30 P.M. | |

Further details can be seen from the e-Procurement Portal http://tendersodisha.gov.in.
Any Corrigendum/Addendum/Cancellation will be displayed in the Govt. Website only.

OIPR-32001/32081/1/25-26/0015 Sd./- Additional Chief Engineer, Angul Irrigation Circle, Angul



## BHUBANESWAR MUNICIPAL CORPORATION

Phone: 0674-2431253, Fax: 0674-2432895, E_mail: info@bmc.gov.in

No. 5766 Date: 31.01.26
XXXVIII(Market)-43/25

### ORDER

No. 13001/17/2526: Bhubaneswar Municipal Corporation will rent out three (03) years licnece basis the following 02 Nos. Assets in BMC - Bhawani Mall (Block No. 01), 3rd Floor, Saheed Nagar, Bhubaneswar through e-Auction:

**LIST OF 02 NOS. OF ASSETS IS TO BE E-AUCTIONED**

| Sl. No. | Floor | Total No. of Assets | Space No. | Carpet area in Sq.ft. | Rent per Sq.ft. per month | Upset base price per unit & auction against Rent (In Rs.) | EMD (In Rs.) |
|---|---|---|---|---|---|---|---|
| 1 | Third Floor | 2 | 01 | 5720 Sq.ft. (AC with Official partitions) | Rs.50/- | Rs.50/- | 50,000/- |
| 2 | Third Floor | | 02 | 4475 Sq.ft. (AC with Official partitions) | Rs.50/- | Rs.50/- | 50,000/- |

The Assets will be allotted for Office Space/Commercial purpose, on licence basis other than Bar and Hotel, Explosives storages or sell and other business obnoxious to Public Health and Order.
An individual who is a Citizen of India or a Company registered under the Companies Act or Partnership firm or Proprietorship firm, PSU/Govt. Agency is eligible to particiapte in the e-Auction.
The intending bidders with Class-III or Class-II digital signature to get themselves registered with e-Auction Portal on Payment of Registration Charges of Rs.1180/- (inclusive of GST) (Online). This registration is valid for a period of One year.
Non-refundable participation charges of Rs.5000/- per Asset is required to be paid to BMC (Online) for taking part in the e-Auction Process.
The bidder has to bid separately for each Units/Asset for which the bidder is required to deposit Separate EMD amount and participation charges.
A bidder is free to participate in all the Assets and bidders will be allotted with only one or two Asset for which he has quoted the higher amount than the other Bids and BMC also giving preference to Second/Third highest bidder, if the first-highest bidder fails to deposit the auction amount on signing of agreement.
Date of Online application/request for participation and deposit of EMD: Start Date: 06.02.2026 at 11.00 (A.M.) hr to End date 05.03.2026 till hr. 17.00 Hrs. (5.00 P.M.).

| | |
|---|---|
| E-Auction date for Space No. 01 & 02 | 11.00 hr. to 17.00 hr. on Dt.10.03.2026 (With unlimited auto extension) |

Visit BMC website: **http://bmc.gov.in** for e-Auction or **www.auctionwizard.in/BMCBBSR** for details of the Assets, Terms and Conditions, e-Auction procedures/Business Rules, etc.
**the Assets can be visited from Dtd.06.02.2026 to Dtd.05.03.2026 during office horus.**
For site visit Contact: Sri Akshaya Ku. Swain, Sr. Asst., Market Supdt., Mob.: 9437282816.
E-Auction training: Interested bidder can avail the training (Online) by a request mail/contacting the auction support team (Mail ID: **eauctionhelpdesk@etenderwizard.com**, Contact: Mr. Satamanyu Routray, +91-9937140591, Mr. Lokesh/Shreyas: +91-9686115304) before the start of Auction period of bidding.

By Order
OIPR-13001/13002/1/25-26/0017 Sd./- Addl. Commissioner-I, Bhubaneswar Municipal Corporation



## OFFICE OF THE DIRECTOR, CAPITAL HOSPITAL, BHUBANESWAR

ରାଜଧାନୀ ମୁଖ୍ୟ ଚିକିତ୍ସାଳୟ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ

Unit-VI, Ganga Nagar, Udyan Marg, Bhubaneswar-751001, Khordha
Email:substorechb@gmail.com/director.chb@gmail.com, Ph-0674-2391983/85/79

No.1018/Sub-Store/2026 Date:02.02.2026

### TENDER CALL NOTICE

No.10001/7/2526: Sealed tenders are invited from Manufacturers/ Distributors/ Wholesalers for supply of **"Orthopedic Instrument Set and Implants"** for the year 2026-2027 through courier service/speed post only. For details, please visit our website: www.capitalhospital.nic.in **[WWW.CAPITALHOSPITAL(DOT)NIC(DOT)IN]**. The details of Last date & time of receipt of tender, pre-bid meeting, date & time of opening of tender, venue etc. are mentioned in the bid documents. The undersigned reserves the right to reject or cancel any or all the tender without any reason thereof.

Sd./- Director
OIPR-10001/10078/1/25-26/0007 Capital Hospital, Bhubaneswar



## RAJENDRA UNIVERSITY

Prajna Vihar, Balangir - 767002, Odisha (India)

No. 133/RUB Date: 31.01.2026

### WALK-IN-INTERVIEW FOR TEMPORARY ENGAGEMENT OF PROFESSOR/ASSOCIATE PROFESSOR/ASSISTANT PROFESSOR/GUEST FACULTY

No. 11001/4/2526: Interested candidates may appear for the Walk-in-Interview for temporary engagement as Professor/Associate Professor/ Assistant Professor/Guest Faculty in different departments of Rajendra University, Balangir in the Subjects: Odia, English, Philosophy, Mathematics, Chemistry, Physics, Zoology, Commerce, Education & Political Science on 18.02.2026 in the University premises. For further details, please visit **www.rajendrauniversity.ac.in**.

Sd./- Registrar
OIPR-11001/11141/1/25-26/0004 Rajendra University, Balangir



## OFFICE OF THE SORO MUNICIPALITY, SORO, BALASORE

Tel. & Fax No.: 221262, Code No.: 06788
e-mail: soromunicipality@gmail.com

Letter No. 281 **QUOTATION CALL NOTICE** Date: 30.01.2026

No. 13001/13/2526: Sealed quotations are invited from the authorized dealers/ suppliers/agencies having valid GST Registration for Painting of wall with theme of Swachha Bharat Mision 3.0 making of tribal paint and chitra art and different cultural activity of Odisha with aesthetic theme inside Soro Municipality. The interested agencies may quote the rate as per the terms and conditions, so as to reach the undersigned by 12 P.M. on 07.02.2026 which will be opened on the same day at 03.00 P.M. in presence of the available tenderers or their authorized representatives. The tender documents received beyond the scheduled date and time indicated above due to postal delay or for any other reasons shall not be entertained.
The quotation documents for the same will be available from the office of the undersigned and in the web portal namely **balasore.odisha.gov.in** on any working day during office hours from 31.01.2026 to 06.02.2026 on payment of Rs.1000/- (Rupees one thousand) only as tender paper cost in the shape of Cash/DD/Bankers Cheque from any nationalized Bank dran in favour of "The Executive Officer, Soro Municipality.

| SL. NO. | ITEMS | UNIT | RATE |
|---|---|---|---|
| 1 | Painting the wall with weather coat/enamel paint of Per Sq.ft. 2D/3D paint) reputed brand with making art of different cultural activities freedom fighter of Odisha with aesthetic themes, despecting theme of Swachha Bharat Mission 3.0 including all material, cost of admixture, scaffolding charge sand cost of all about and taxes etc. | Per Sq.ft. | |

OIRP-13001/13166/1/25-26/0013 Sd./- Executive Officer, Soro Municipality



## Directorate of Technical Education & Training, Odisha

At: Killamaidan, P.O.: Buxibazar, Cuttack-753001
Phone No.: 0671-2301061, e-mail: dtetorissa@gmail.com

NIT No. DTET/2025-26/1581 Date: 30.01.2026

### NOTICE INVITING TENDER FOR

**Selection of an Event Management Firm/Agency for undertaking activities relating to different works/services for conducting the ITI & Poly Fest 2024-25**

No. 44001/1/2526: DTE&T Odisha under the administrative control of Skill Development & Technical Education Department, Government of Odisha (the Client) invites proposals from eligible bidders for "Selection of Event Management Firms/Agencies for undertaking activities relating to different works/services for conducting the ITI & Poly Fest 2024-25" through Odisha Government e-Procurement System **(https://tendersodisha.gov.in)**. Bidders fulfilling the prescribed eligibility criteria of the tender can access and download the complete tender document and other details from **www.tendersodisha.gov.in** and **www.dtet.odisha.gov.in**. Please refer to the tender document for details. The proposals complete in all respect must be submitted through e-tender process latest by 13.02.2026 (before 5.00 P.M.).
The tender document shall be available from 31.01.2026 onwards in the Odisha Government e-Procurement Portal **(https://tendersodisha.gov.in)** & DTE&T Odisha website **(www.dtet.odisha.gov.in/en/tenders)**. If required, further intimation [i.e. Corrigendum/Addendum/Responses to the queries/Clarifications etc.], shall be uploaded in the above websites only. DTE&T Odisha reserves all the rights to reject any/all proposals at any stage without assigning any reason thereof.

OIPR-44001/44008/1/25-26/0001 Sd./- DTE&T, Odisha, Cuttack



## GOVERNMENT OF ODISHA
## OFFICE OF THE SUPERINTENDING ENGINEER MINOR IRRIGATION DIVISION, JHARSUGUDA

### 'e' Procurement Notice

Bid Identification No.SE MID JSD 13/2025-26
E-mail: eemijharsuguda@gmail.com
No.310// MID// date 02.02.2026

**No.32001/15/2526:** The Superintending Engineer, M.I. Division, Jharsuguda on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | |
|---|---|---|
| 1. | Name of the Works | Civil Construction Work |
| 2. | Total No. of Works | **08 (Eight) Nos.** |
| 3. | Estimated Cost (Detail list of work annexed) | **Rs.1.77 Lakh to Rs.12.48 Lakh** |
| 4. | Class of Contractor | As mentioned against work |
| 5. | Period of Completion | As mentioned against work |
| 6. | Date & time of availability of Bid document in the portal | **05.02.2026 to 16.02.2026 during office hours** |
| 7. | Last date/time for receipt of bid in the portal | **16.02.2026 during office hours** |
| 8. | Date/Time of Opening of Bid | **17.02.2026 at 10.00 AM** at Office of the S.E. M.I. Divn. Jharsuguda |
| 9. | Name & Address of the Officer Inviting the Bid | Superintending Engineer, M.I.Division Jharsuguda |
| 10. | Mode of Payment of Bid Cost & Bid Security | **Online** |

Sd./- Superintending Engineer
OIPR-32001/32291/1/25-26/0015 M.I.Division, Jharsuguda



GOVERNMENT OF ODISHA

## OFFICE OF THE ENGINEER-IN-CHIEF ELECTRICITY-CUM-PRINCIPAL CHIEF ELECTRICAL INSPECTOR, ODISHA,

UNIT-V, POWER HOUSE SQUARE, VIDYUT MARG, BHUBANESWAR-751001. Tel No.0674-2394873,
Email: eic-epcei@od-gov.in

### NOTICE

No, OE-MISC-13/2024(Vol-I)475//Dated Bhubaneswar, the 02.02.2026
**No.AA-53:**Sealed tenders are invited from interested reputed Travel Agencies / Tour Operators/Individual having GST registration & GeM registration for providing 1 (One) No. of BS-VI compliant Petrol driven AC vehicle (Swift Dezire / Xcent / Zest / Tigor / Etios or similar model) with minimum average mileage 17 Km/ltr. having seating capacity not more than 5 (Five) including driver on monthly hiring basis maximum Rs. 31,200.00 (**Rupees Thirty-one Thousand Two-hundred**) excluding GST & Fuel preferably for engagement in the office of EIC(Electricity) Cum PCEI(O), Bhubaneswar.

Details regarding eligibility criteria, terms and conditions and the formats of submission of tender are mentioned in the tender document which may be collected from the office of EIC(E)-cum-PCEI(0), Bhubaneswar and downloaded from website of **www.eicelectricity.odisha.gov.in.** Interested agencies and individuals may submit their tenders in a sealed envelope super-scribing on the top of the sealed envelopes as "QUOTATION / TENDER CALL NOTICE No. **458** FOR HIRING VEHICLE FOR OFFICE OF EIC(ELECTRICITY) CUM PCEI(O), BHUBANESWAR."

The tender should reach at the office of the undersigned by 23.02.2026 (till 01.30 P.M) by Regd. Post/ Speed Post or by person with proper acknowledgment. The tenders will be opened and evaluated on dated 23.02.2026 at 3.30 P.M. in the office of EIC (Elecy)-cum-PCEI(O), Bhubaneswar for finalization. The undersigned reserves the right to reject any or all the tenders without assigning any reason thereof.

Sd./- EIC (Electricity)-cum-PCEI, Odisha
OIPR- Bhubaneswar



## ଅଧୀକ୍ଷକଙ୍କ କାର୍ଯ୍ୟାଳୟ, ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର

**ସର୍ବସାଧାରଣ ବିଜ୍ଞପ୍ତି**

### ଲୋଗୋ ପ୍ରସ୍ତୁତି ପ୍ରତିଯୋଗିତା

No.3001/1/2526: ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ (OSA), ଏହା ପାଇଁ ସରକାରୀ ଲୋଗୋ ଭାବରେ ଗ୍ରହଣ କରିବା ନିମନ୍ତେ ଆଗ୍ରହୀ ବ୍ୟକ୍ତିବିଶେଷଙ୍କ ଠାରୁ ଲୋଗୋ ଡିଜାଇନ୍ ଆହ୍ୱାନ କରୁଅଛୁ । ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ:
୧. ସମସ୍ତ ଭାରତୀୟ ନାଗରିକଙ୍କ ପାଇଁ ଉନ୍ମୁକ୍ତ ।
୨. ମନୋନୀତ ଲୋଗୋ ପାଇଁ ପୁରସ୍କାର ରାଶି – ଟ.୨୫,୦୦୦/–
୩. ଆବେଦନ ପ୍ରକ୍ରିୟା: କେବଳ ଇ-ମେଲ୍ ମାଧ୍ୟମରେ PDF ଫର୍ମାଟରେ ପଠାଇବାକୁ ହେବ ।
୪. AI (କୃତ୍ରିମ ବୁଦ୍ଧିମତ୍ତା) ଟୁଲ୍ କିମ୍ବା ପ୍ଲାଟଫର୍ମର ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ ।
୫. ଜଣେ ପ୍ରତିଯୋଗୀ ସର୍ବାଧିକ ଦୁଇଟି (୦୨) ଡିଜାଇନ୍ ଦାଖଲ କରିପାରିବେ ।
୬. ଲୋଗୋଟି ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱର ଐତିହ୍ୟ, ପ୍ରତ୍ନତତ୍ତ୍ୱ, କୀର୍ତ୍ତିରାଜି ଏବଂ ସାଂସ୍କୃତିକ ବୈଭବକୁ ପ୍ରତିଫଳିତ କରୁଥିବା ଆବଶ୍ୟକ ।
ଶ୍ରେଷ୍ଠ ୫୦ଟି ପ୍ରବେଶକୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯିବ ।

**ଆବେଦନର ଶେଷ ତାରିଖ: ୧୫/୦୨/୨୦୨୬**

ବିସ୍ତୃତ ମାର୍ଗଦର୍ଶିକା ଏବଂ ଆବେଦନପତ୍ର ପାଇଁ ବିଭାଗର ସରକାରୀ ୱେବସାଇଟ୍ (https://culture.odisha.gov.in/en) ପରିଦର୍ଶନ କରନ୍ତୁ ।

ସ୍ୱା./– ଅଧୀକ୍ଷକ
ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ,
OIPR-3001/3019/1/25-26/0001 ଭୁବନେଶ୍ୱର



## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଧର୍ମଗଡ଼

ଜିଲ୍ଲା–କଳାହାଣ୍ଡି

No.13001/16/2526 **ନୋଟିସ୍**

ଏତଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ, ଧର୍ମଗଡ଼ ଅନ୍ତର୍ଗତ ସମସ୍ତ ଜନସାଧାରଣ, ବ୍ୟବସାୟ ପ୍ରତିଷ୍ଠାନ ଓ ରାସ୍ତାପାର୍ଶ୍ୱ ବ୍ୟବସାୟୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ Plastic Waste Management Rules, 2022 ଏବଂ ତାହାର ପରବର୍ତ୍ତୀ ସଂଶୋଧନ ଅନୁସାରେ ଚିହ୍ନଟ ଥରେ ବ୍ୟବହୃତ ପ୍ଲାଷ୍ଟିକ (Single-Use-Plastic-SUP) ସାମଗ୍ରୀର ଉତ୍ପାଦନ, ସଞ୍ଚୟ, ବିକ୍ରୟ, ବଣ୍ଟନ ଏବଂ ବ୍ୟବହାର ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରାଯାଇଛି । ଏହି ନିର୍ଦ୍ଦେଶ ଅନୁସାରେ ନିମ୍ନଲିଖିତ ସାମଗ୍ରୀ ଅନ୍ତର୍ଭୁକ୍ତ: •120 ମାଇକ୍ରୋନରୁ କମ୍ ମୋଟାଇ ବିଶିଷ୍ଟ ପ୍ଲାଷ୍ଟିକ କ୍ୟାରି ବ୍ୟାଗ । • ପ୍ଲାଷ୍ଟିକ କପ, ପ୍ଲେଟ, ଗ୍ଲାସ ଓ କଟଲେରି (ଚାମଚ, ଫୋର୍କ, ଛୁରୀ ଇତ୍ୟାଦି) । • ପ୍ଲାଷ୍ଟିକ ଷ୍ଟ୍ର, ଷ୍ଟିରର, ଟ୍ରେ, Thermocol Plate (ସୋଲ ଦନା) ଓ ପ୍ଲାଷ୍ଟିକ ଚାମଚ । • ବେଲୁନ, ପତାକା, ଆଇସକ୍ରିମ ଓ ମିଠା ପାଇଁ ବ୍ୟବହୃତ ପ୍ଲାଷ୍ଟିକ ଷ୍ଟିକ । • ଖାଦ୍ୟ ପଦାର୍ଥ, ମିଠା ବାକ୍ସ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ୟାକିଂ ପାଇଁ ବ୍ୟବହୃତ ପ୍ଲାଷ୍ଟିକ । • ସଜାସଜି କିମ୍ବା ପ୍ୟାକେଜିଂ ପାଇଁ ବ୍ୟବହୃତ Thermocol/Expanded Polystyrene (EPS) ସାମଗ୍ରୀ । • ହୋଟେଲ, ଢାବା, ରେଷ୍ଟୁରାଣ୍ଟ, ମିଠା ଦୋକାନ, ଖାଦ୍ୟ ଓ ରାସ୍ତାପାର୍ଶ୍ୱ ବ୍ୟବସାୟୀମାନେ ତରଳ ପଦାର୍ଥ ଜାତୀୟ ଖାଦ୍ୟ (ଯଥା–ଡାଲି, ତରକାରି, ଝୋଳ, ସାବୁଜି ଝୋଳ, ଦୁଧ, ଲସି ସରବତ ଆଦି (କୌଣସି ପ୍ରକାରର polythene/ plastic carry bag ରେ **ପ୍ୟାକ୍ କରି ବିକ୍ରୟ କରିବାକୁ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ** କରାଯାଇଛି ।

ସମସ୍ତ ବ୍ୟବସାୟୀ, ଦୋକାନଦାରମାନଙ୍କୁ ତୁରନ୍ତ ଉପରୋକ୍ତ ପ୍ଲାଷ୍ଟିକ ସାମଗ୍ରୀର ବ୍ୟବହାର ଓ ବିକ୍ରୟ ବନ୍ଦ କରି **କପଡ଼ା ବ୍ୟାଗ, କାଗଜ ବ୍ୟାଗ, ଝୋଟ ବ୍ୟାଗ (Jute Bag) କିମ୍ବା ଅନୁମୋଦିତ ପରିବେଶ–ଅନୁକୂଳ ବିକଳ୍ପ** ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଉଛି ।

ଏହି ସୂଚନା ଉଲ୍ଲଂଘନ କରିଲେ, **ଦଣ୍ଡ, ସାମଗ୍ରୀ ଜବତ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ** Plastic Waste Management ନିୟମାବଳୀ ଏବଂ ଅନ୍ୟାନ୍ୟ ଲାଗୁ ଆଇନ ଅନୁସାରେ ଗ୍ରହଣ କରାଯିବ ।

ପରିବେଶ ସୁରକ୍ଷା ଓ ସାଧାରଣ ଲୋକହିତର ସ୍ୱାର୍ଥରେ ଏହି ସୂଚନା ଜାରି କରାଯାଇଛି । ସହରକୁ ସ୍ୱଚ୍ଛ ଓ ପ୍ଲାଷ୍ଟିକ ମୁକ୍ତ ରଖିବା ପାଇଁ ସମସ୍ତଙ୍କ ସହଯୋଗ ଆଶା କରାଯାଉଛି ।

• ଉପରୋକ୍ତ ପରିବେଶ ଅନୁକୂଳ ସାମଗ୍ରୀ କ୍ରୟ ପାଇଁ ନିମ୍ନଲିଖିତ ସଂସ୍ଥାମାନଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ:–

| SL.NO. | COMPANY | CONTACT NO. |
|---|---|---|
| 1 | Eshan Eco Drive Pvt. Ltd., Khordha | 9849638983 |
| 2 | P.S. Enterprises, Sambalpur (Shri Kamal Sourav Poddar | 8888452389 |
| 3 | Amayra Enterprises, Koraput | 9437779949 |

ସ୍ୱା./–ନିର୍ବାହୀ ଅଧିକାରୀ, ବିଜ୍ଞାପିତ
OIPR-13001/13163/1/25-26/0016 ଅଞ୍ଚଳ ପରିଷଦ, ଧର୍ମଗଡ଼

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶା ହେବ ଫିନ୍‌ଟେକ୍, ଏଆଇ ଓ ଗ୍ଲୋବାଲ କାପାବିଲିଟି ସେଣ୍ଟର ହବ୍

- ଆଜିଠାରୁ ୨ଦିନିଆ ବ୍ଲାକ୍ ଶ୍ୱାନ ସମିଟ୍
- ଯୋଗଦେବେ ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ
- ୨୪ ଦେଶର ୧୭ ହଜାର ପ୍ରତିନିଧିଙ୍କ ଅଂଶଗ୍ରହଣ
- ଆସିବେ ୫ ମହାଦେଶର ୧୦୦ ବକ୍ତା



**ଭୁବନେଶ୍ୱର,୪।୨(ଅନୁରାଧା ମହାରଣା)**

ଭୁବନେଶ୍ୱରରେ ଗୁରୁବାରଠାରୁ ୨ଦିନିଆ ପ୍ରଥମ ବ୍ଲାକ୍ ଶ୍ୱାନ ସମିଟ୍ ଇଣ୍ଡିଆ ଅନୁଷ୍ଠିତ ହେବ। ଓଡ଼ିଶା ସରକାରଙ୍କ ଭାରତନେତ୍ର ଉଦ୍ୟମ ଅଧୀନରେ ସିଙ୍ଗାପୁର ମୁଖ୍ୟାଳୟ ଥିବା ଗ୍ଲୋବାଲ ଫାଇନାନ୍ସ ଆଣ୍ଡ ଟେକ୍ନୋଲୋଜି ନେଟ୍‌ୱର୍କ (ଜିଏଫ୍‌ଟିଏନ୍) ସହ ସହଭାଗିତାରେ ଏହି ସମିଟ୍ ଅନୁଷ୍ଠିତ ହେବାକୁ ଯାଉଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ। ବୁଧବାର ଲୋକସେବା ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଉକ୍ତ ସମ୍ମିଳନୀ ଆୟୋଜନରୁ ସ୍ପଷ୍ଟ ହୋଇଛି ଯେ, ଓଡ଼ିଶା ଭାରତର ପରବର୍ତ୍ତୀ ଫିନ୍‌ଟେକ୍, ଏଆଇ ଓ ଗ୍ଲୋବାଲ କାପାବିଲିଟି ସେଣ୍ଟର ହବ୍ ଭାବେ ଉଭାହେଉଛି। ଏହା ରାଜ୍ୟଗୁଡ଼ିକୁ ଜାତୀୟ ପରିବର୍ତ୍ତନର ଇଞ୍ଜିନ ଭାବେ ସ୍ଥାପନ କରିବା ସହ ଭାରତର ବିକଶିତ ଭାରତ ୨୦୪୭ ଦୃଷ୍ଟିକୋଣ ସହ ସମନ୍ୱିତ ହେଉଛି। କାର୍ଯ୍ୟକ୍ରମରେ ୨୪ଟି ଦେଶରୁ ୧,୭୦୦ରୁ ଅଧିକ ପ୍ରତିନିଧି ଓ ୫ଟି ମହାଦେଶରୁ ପ୍ରାୟ ୧୦୦ ବକ୍ତାଙ୍କ ଅଂଶଗ୍ରହଣରେ ଏହି ସମିଟ୍ ବିଶ୍ୱ ଓ ଜାତୀୟ ନୀତିନିର୍ମାତା, ନିୟନ୍ତ୍ରକ, ଆର୍ଥିକ ସଂସ୍ଥା, ଟେକ୍ନୋଲୋଜି ନେତା, ଷ୍ଟାର୍ଟଅପ୍, ନିବେଶକ ଓ ବିଶେଷଜ୍ଞଙ୍କୁ ଏକତ୍ରିତକରି କାର୍ଯ୍ୟକାରୀ କେନ୍ଦ୍ରିକ ଆଲୋଚନା ପାଇଁ ଏକ ପ୍ଲାଟ୍‌ଫର୍ମ ହେବ। ଇଲେକ୍ଟ୍ରୋନିକ୍ସ ଓ ଇନ୍‌ଫର୍ମେଶନ ଟେକ୍ନୋଲୋଜି ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ବିଶାଳ କୁମାର ଦେବ କହିଛନ୍ତି, ଓଡ଼ିଶା କେବଳ ବିଶ୍ୱ ଡିଜିଟାଲ ଅର୍ଥନୀତିରେ ଅଂଶଗ୍ରହଣ କରିବାକୁ ନୁହେଁ, ବରଂ ବିକଶିତ ଭାରତର ଅଗ୍ରଣୀ ଅବଦାନକାରୀ ଭାବେ ଏହାକୁ ଗଠନ କରିବାକୁ ଚାହୁଁଛି। ଏହାର ଫୋକସ ଏଆଇ ଓ ଡିଜିଟାଲ ଫାଇନାନ୍ସକୁ ପ୍ରକୃତ ଅର୍ଥନୈତିକ ମୂଲ୍ୟ ଓ ଦୀର୍ଘମିଆଦୀ ସଂସ୍ଥାଗତ ସାମର୍ଥ୍ୟ ପ୍ରଦାନ କରିବାରେ ରହିଛି। ଭାରତର ଡିଜିଟାଲ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ଏକ ଦୃଢ଼ ଜାତୀୟ ଭିତ୍ତି ସୃଷ୍ଟି କରିଛି। ଜାନୁଆରୀରେ ସିଙ୍ଗାପୁରର ରାଷ୍ଟ୍ରପତି ଥରମନ ଶନମୁରମ୍‌ଙ୍କ ଓଡ଼ିଶା ଗସ୍ତ ସମୟରେ ଭାରତନେତ୍ର ଗଠନ ହୋଇଥିଲା। ଜିଏଫ୍‌ଟିଏନ୍‌ର ଗ୍ରୁପ୍ ସିଇଓ ସ୍ୱପ୍ନେନ୍ଦୁ ମହାନ୍ତି କହିଛନ୍ତି, ଭାରତନେତ୍ର ମାଧ୍ୟମରେ ଓଡ଼ିଶାର ଜିଏଫ୍‌ଟିଏନ୍ ଭାଗୀଦାରି ରାଜ୍ୟ ସରକାରଗୁଡ଼ିକ ବିଶ୍ୱ ଡିଜିଟାଲ ଅର୍ଥନୀତି ସହ ସଂଯୋଗକରି ଜାତୀୟ ପ୍ରତିଯୋଗିତା ବୃଦ୍ଧି କରିବାର ଏକ ବ୍ଲୁପ୍ରିଣ୍ଟ ପ୍ରଦାନ କରୁଛି। ଏହା ନିବେଶ ଆକର୍ଷଣ, ୱାର୍କଫୋର୍ସ ପ୍ରସ୍ତୁତି ଓ ଗ୍ଲୋବାଲ କାପାବିଲିଟି ସେଣ୍ଟର ସ୍ଥାପନ ଉପରେ ଗୁରୁତ୍ୱ ଦେଇ ଡିଜିଟାଲ ଫାଇନାନ୍ସକୁ ବୃଦ୍ଧି କରୁଛି। ଏହି ଦୃଷ୍ଟିକୋଣକୁ କାର୍ଯ୍ୟକାରୀ କରିବା ପାଇଁ ଭାରତନେତ୍ର ଅଧୀନରେ ଫିନ୍‌ଟେକ୍ ଓ ଇନ୍‌ସ୍ୟୁରଟେକ ହାଇବ୍ରିଡ୍ ପ୍ରୋଗ୍ରାମର ପ୍ରଥମ ବ୍ୟାଚ୍ ସଫଳତାର ସହ ସମାପ୍ତ ହୋଇଛି। ଏହି ଗ୍ରାଜୁଏଟମାନଙ୍କୁ ଇଣ୍ଡଷ୍ଟ୍ରି ପାର୍ଟନେରମାନେ ଇଣ୍ଟରଭ୍ୟୁ କରୁଛନ୍ତି ଏବଂ ଶ୍ରେଷ୍ଠ ପ୍ରଦର୍ଶନକାରୀମାନେ ଜାପାନ ଓ ସିଙ୍ଗାପୁରରେ ବିଶେଷ ସୁଯୋଗ ପାଇବେ। ସମିଟ୍‌ରେ ବଜାଜ ଜେନେରାଲ ଇନ୍‌ସ୍ୟୁରାନ୍ସ, ଆଡଭାଞ୍ଜୋ ଟେକ କମ୍ପାନୀମାନଙ୍କ ସହ ଏମ୍‌ଓୟୁ ହସ୍ତାକ୍ଷର ହେବ, ଯାହା ଶିକ୍ଷାରୁ ରୋଜଗାର ପର୍ଯ୍ୟନ୍ତ ଏକ ସିଧା ପାଇପଲାଇନ ସୃଷ୍ଟିକରି ଓଡ଼ିଶାକୁ ଫିନ୍‌ଟେକ୍ ଓ ଇନ୍‌ସ୍ୟୁରଟେକ ପ୍ରତିଭା ଓ କାର୍ଯ୍ୟକାରୀ ହବ୍ ଭାବେ ସୁଦୃଢ଼ କରୁଛି।

# ରେଳ ବଜେଟରେ ଝାଡ଼ଖଣ୍ଡକୁ ୭,୫୩୬ କୋଟି



**ଭୁବନେଶ୍ୱର,୪।୨(ଅନୁରାଧା ମହାରଣା)**

କେନ୍ଦ୍ର ସରକାରଙ୍କ ୨୦୨୬-୨୭ ଆର୍ଥିକ ବର୍ଷର ସାଧାରଣ ବଜେଟରେ ଭାରତୀୟ ରେଳପଥ ପାଇଁ ରେକର୍ଡ ୨,୭୮,୦୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହି ବଜେଟରେ ସୁରକ୍ଷା, ମାଲବାହୀ ପରିବହନ ଓ ଉଚ୍ଚଗତି ସଂଯୋଗ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଓଡ଼ିଶାରେ ରେଳ ବିକାଶ ପାଇଁ ବଜେଟ ଅନୁଦାନରେ ଯଥେଷ୍ଟ ବୃଦ୍ଧି ହୋଇଛି। ଏନେଇ ଦକ୍ଷିଣ-ପୂର୍ବ ରେଳପଥ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୂଆଦିଲ୍ଲୀରୁ ଭର୍ଚୁଆଲ ମାଧ୍ୟମରେ କହିଛନ୍ତି, ୨୦୨୬-୨୭ ବଜେଟ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଛି । ଏହି ବଜେଟରେ ପଶ୍ଚିମବଙ୍ଗ ପାଇଁ ୧୪,୨୦୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି, ଯାହା ୨୦୦୯-୨୦୧୪ ସମୟରେ ହୋଇଥିବା ଗତ ବର୍ଷ ଅନୁଦାନ ୪,୩୮୦ କୋଟି ଟଙ୍କାର ତୁଳନାରେ ବହୁ ଗୁଣ ଅଧିକ। ଝାଡ଼ଖଣ୍ଡ ପାଇଁ ଏହି ବଜେଟରେ ୭,୫୩୬ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି, ଯାହା ୨୦୦୯-୨୦୧୪ ସମୟର ଗତ ବର୍ଷ ୪୫୭ କୋଟି ଟଙ୍କାର ତୁଳନାରେ ୧୬ ଗୁଣରୁ ଅଧିକ ବୃଦ୍ଧି ପାଇଛି। ଓଡ଼ିଶା ପାଇଁ ରେକର୍ଡ ୧୦,୯୨୮ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ପଶ୍ଚିମବଙ୍ଗରେ ୧୦୧ଟି, ଝାଡ଼ଖଣ୍ଡରେ ୫୭ଟି ଓ ଓଡ଼ିଶାରେ ୫୯ଟି ଷ୍ଟେଶନକୁ ପୁନର୍ବିକାଶ କରାଯିବ। ଦକ୍ଷିଣ-ପୂର୍ବ ରେଳପଥର ମହାପ୍ରବନ୍ଧକ ଅନିଲ କୁମାର ମିଶ୍ରଙ୍କ ସହ ବରିଷ୍ଠ ପଦାଧିକାରୀ ଏଥିରେ ଉପସ୍ଥିତ ଥିଲେ।

# ଏନ୍‌ଏମ୍‌ଡିସିର ରେକର୍ଡ ଆର୍ଥିକ ପ୍ରଦର୍ଶନ

**ଭୁବନେଶ୍ୱର,୪।୨(ଅନୁରାଧା ମହାରଣା)**



ଭାରତର ସବୁଠାରୁ ବଡ଼ ଆଇରନ ଓର୍ ଉତ୍ପାଦକ ନ୍ୟାଶନାଲ ମିନେରାଲ ଡେଭଲପମେଣ୍ଟ କର୍ପୋରେଶନ(ଏନ୍‌ଏମ୍‌ଡିସି) ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ୯ ମାସରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। କମ୍ପାନୀ ଉଭୟ ଭଲ୍ୟୁମ ଓ ଆର୍ଥିକ କ୍ଷେତ୍ରରେ ଦୃଢ଼ ବୃଦ୍ଧି ହାସଲ କରିଛି। ଜାନୁଆରୀରେ ଏନ୍‌ଏମ୍‌ଡିସି କମ୍ପାନୀର ଇତିହାସରେ ସର୍ବାଧିକ ଉତ୍ପାଦନ ଓ ବିକ୍ରି ହାସଲ କରିଛି। ଏହି ମାସରେ ୫.୫୬ ମିଲିୟନ ଟନ୍ (ଏମ୍‌ଟି) ଆଇରନ ଓର୍ ଉତ୍ପାଦନ ହୋଇଥିବାବେଳେ ୪.୭୯ ଏମ୍‌ଟି ବିକ୍ରି ହୋଇଛି। ଗତ ବର୍ଷର ସମାନ ସମୟ ତୁଳନାରେ ଉତ୍ପାଦନରେ ୯% ଓ ବିକ୍ରିରେ ୭% ବୃଦ୍ଧି ହୋଇଛି। ୨୦୨୬ ଜାନୁଆରୀ ପର୍ଯ୍ୟନ୍ତ କ୍ୟୁମୁଲେଟିଭ ପ୍ରଦର୍ଶନରେ ଉତ୍ପାଦନ ୪୨.୬୫ ଏମ୍‌ଟିରେ ପହଞ୍ଚିଛି, ଯାହା ଗତ ବର୍ଷ ତୁଳନାରେ ୧୯% ଅଧିକ। ଏହିଭଳି ବିକ୍ରି ୩୯.୭୩ ଏମ୍‌ଟିରେ ପହଞ୍ଚି ୯.୭% ବୃଦ୍ଧି ଦର୍ଶାଇଛି। ଆର୍ଥିକ ଦୃଷ୍ଟିରୁ କମ୍ପାନୀର ପ୍ରଥମ ୯ ମାସର ଉଲ୍ଲେଖନୀୟ ପ୍ରଦର୍ଶନ। ରେଭେନ୍ୟୁ ୨୨% ବୃଦ୍ଧି ପାଇ ୨୦,୩୮୧ କୋଟି ଟଙ୍କାରେ ପହଞ୍ଚିଛି। ପ୍ରଫିଟ ବିଫୋର୍ ଟ୍ୟାକ୍ସ (ପିବିଟି) ୫% ବୃଦ୍ଧି ପାଇ ୭,୨୮୦ କୋଟି ଟଙ୍କା ହୋଇଛି। ପ୍ରଫିଟ ଆଫ୍ଟର୍ ଟ୍ୟାକ୍ସ (ପିଏଟି) ୪% ବଢ଼ି ୫,୪୦୧ କୋଟି ଟଙ୍କା ହୋଇଛି ଏବଂ ଇବିଆଇଟିଡିଏ ୫% ବୃଦ୍ଧି ପାଇ ୭,୬୬୬ କୋଟି ଟଙ୍କାରେ ପହଞ୍ଚିଛି। ଏହି ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଏନ୍‌ଏମ୍‌ଡିସି ଶେୟାର ହୋଲ୍ଡରଙ୍କ ପାଇଁ ପ୍ରତି ଇକ୍ୱିଟି ଶେୟାର ପିଛା ୨.୫୦ ଟଙ୍କାର ଇଣ୍ଟେରିମ ଡିଭିଡେଣ୍ଡ ଘୋଷଣା କରିଛି। ରେକର୍ଡ ଭଲ୍ୟୁମ ଓ ନିରନ୍ତର ଅପରେଶନାଲ ଉତ୍କର୍ଷ ଏହି ସଫଳତାର ମୁଖ୍ୟ କାରଣ ବୋଲି କମ୍ପାନୀ କହିଛି।

# ସୁନା ଚାହିଦା ୫୦୦୨ ଟନ୍‌କୁ ବୃଦ୍ଧି

**ଭୁବନେଶ୍ୱର,୪।୨(ଅନୁରାଧା ମହାରଣା)**

୨୦୨୫ରେ ବିଶ୍ୱରେ ସୁନା ଚାହିଦା ସମସ୍ତ ପୁରୁଣା ରେକର୍ଡ ଭାଙ୍ଗି ଏକ ନୂଆ ଇତିହାସ ସୃଷ୍ଟି କରିଛି। ୨୦୨୫ରେ ମୋଟ ସୁନା ଚାହିଦା ୫୦୦୨ ଟନ୍‌ରେ ପହଞ୍ଚିଛି, ଯାହାକି ଏବେ ସୁଦ୍ଧା ସର୍ବାଧିକ। ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲର ୨୦୨୫ ରିପୋର୍ଟ ଅନୁଯାୟୀ, ବିଶ୍ୱସ୍ତରରେ ଲାଗିରହିଥିବା ଆର୍ଥିକ ଏବଂ ରାଜନୈତିକ ଅସ୍ଥିରତା ଯୋଗୁ ନିବେଶକମାନେ ସୁନା ଉପରେ ଅଧିକ ଭରସା କରିଛନ୍ତି। ସେହିଭଳି ବିଶ୍ୱସ୍ତରରେ ଗତବର୍ଷ ମୋଟ ନିବେଶ ଚାହିଦା ୨୧୭୫ ଟନ୍ ରେକର୍ଡ କରାଯାଇଛି। ଫଳରେ ସୁନାରେ ବିପୁଳ ନିବେଶ ହେବା ସହ ଏହାର ବାର୍ଷିକ କାରବାର ମୂଲ୍ୟ ୫୫୫ ବିଲିୟନ ଡଲାର ଛୁଇଁଛି। ଅନ୍ୟପକ୍ଷରେ ଏହି ତ୍ରୈମାସିକରେ ଭାରତରେ ମୋଟ ନିବେଶ ଚାହିଦା ୨୬% ବୃଦ୍ଧି ପାଇ ୯୬ ଟନ୍ ହୋଇଛି। ମୂଲ୍ୟ ହିସାବରେ ଦେଖିଲେ ଏହା ପ୍ରାୟ ୨ଗୁଣ ବଢ଼ି ୧,୨୦,୭୦୦ କୋଟି ଟଙ୍କାରେ ପହଞ୍ଚିଛି, ଯାହା ଗତ ବର୍ଷ ତୁଳନାରେ ୧୦୮% ଅଧିକ। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ଭାରତୀୟ ନିବେଶକମାନେ ଭବିଷ୍ୟତର ସୁରକ୍ଷା ପାଇଁ ଏବେ ସୁନା ଉପରେ ଅଧିକ ଭରସା କରୁଛନ୍ତି।

ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲର ବରିଷ୍ଠ ବଜାର ବିଶ୍ଳେଷକ ଲୁଇସ୍ ଷ୍ଟ୍ରିଟ୍ କହିଛନ୍ତି, ବିଶ୍ୱରେ ଲାଗିରହିଥିବା ଆର୍ଥିକ ଓ ରାଜନୈତିକ ସଙ୍କଟ ମଧ୍ୟରେ ଲୋକମାନେ ସୁନା କିଣିବା ଏବଂ ଗଚ୍ଛିତ ରଖିବାକୁ ଅଧିକ ସୁରକ୍ଷିତ ମଣୁଛନ୍ତି। ଉଲ୍ଲେଖନୀୟ ବିଷୟ ହେଉଛି, ସୁନା ଦର ୬୭% ବୃଦ୍ଧି ପାଇଥିଲେ ମଧ୍ୟ ଅଳଙ୍କାର ଚାହିଦା ମାତ୍ର ୧୮% ହ୍ରାସ ପାଇଥିଲା। ଅନ୍ୟପଟେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ମଧ୍ୟ ନିଜର ସୁନା ଭଣ୍ଡାର ବଢ଼ାଇବା ପାଇଁ ପ୍ରତିବଦ୍ଧ ରହିଛନ୍ତି। ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲର ଭାରତୀୟ ସିଇଓ ସଚିନ ଜୈନଙ୍କ କହିବା ଅନୁଯାୟୀ, ୨୦୨୫ର ଶେଷ ତ୍ରୈମାସିକରେ ଭାରତୀୟ ସୁନା ବଜାରରେ ଏକ ମିଶ୍ରିତ ଫଳାଫଳ ଦେଖିବାକୁ ମିଳିଛି। ବଢୁଥିବା ଦର ଏବଂ ଗ୍ରାହକଙ୍କ ବଦଳୁଥିବା ମାନସିକତା ଯୋଗୁଁ ସୁନା ଚାହିଦା ପରିମାଣ ଦୃଷ୍ଟିରୁ ସାମାନ୍ୟ କମିଛି। ୨୦୨୪ ତୁଳନାରେ ଏହି ସମୟରେ ଚାହିଦା ୪% ହ୍ରାସ ପାଇ ୨୪୧.୩ ଟନ୍ ରହିଛି। ପରିମାଣ କମିଥିଲେ ମଧ୍ୟ ସୁନା ଦର ବୃଦ୍ଧି ଯୋଗୁଁ ଏହାର ମୋଟ କାରବାର ମୂଲ୍ୟରେ ୪୯% ବୃଦ୍ଧି ଘଟିଛି। ଫଳରେ ଏହି ସମୟ ମଧ୍ୟରେ ପ୍ରାୟ ୩,୦୩,୪୭୦ କୋଟି ଟଙ୍କାର ସୁନା କାରବାର ହୋଇଛି। ନିବେଶକମାନେ ସୁନାକୁ ଏକ ସୁରକ୍ଷିତ ବିକଳ୍ପ ଭାବେ ବାଛି 'ଗୋଲ୍ଡ ଇଟିଏଫ୍'ରେ ୮୦୧ ଟନ୍ ସୁନା କିଣିଛନ୍ତି। ସୁନା ବିସ୍କୁଟ ଓ କଏନ୍‌ର ଚାହିଦା ମଧ୍ୟ ୧୩୭୪ ଟନ୍ କିମ୍ବା ୧୫୪ ବିଲିୟନ ଡଲାରରେ ପହଞ୍ଚିଛି। ଗତ ୩ ବର୍ଷ ଧରି ଏହି ପରିମାଣ କ୍ରମାଗତ ଭାବେ ୧୦୦୦ ଟନ୍‌ରୁ ଅଧିକ ରହୁଥିବା ବେଳେ, ଏଥର ତାହା ସାମାନ୍ୟ କମିଛି।

## ୬ ହଜାର ବଢ଼ିଲା ସୁନା ଦର

**ଭୁବନେଶ୍ୱର,୪।୨(ଅନୁରାଧା ମହାରଣା)**

ବିଶ୍ୱ ବଜାରରେ ଦର ବୃଦ୍ଧି ଏବଂ ସ୍ଥାନୀୟ ଚାହିଦା ଯୋଗୁ ଆଜି ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ସହରରେ ସୁନା ଦରରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ଓଡ଼ିଶାରେ ବୁଧବାର ସୁନା ଦର ପ୍ରାୟ ୩.୧୪% ବୃଦ୍ଧି ପାଇଛି। ୨୪ କ୍ୟାରେଟ ସୁନାଦର ୧୦ ଗ୍ରାମ ପ୍ରତି ଏହାର ମୂଲ୍ୟ ୧,୬୦,୫୩୦ ଟଙ୍କାରେ ପହଞ୍ଚିଛି, ଯାହା ମଙ୍ଗଳବାର ତୁଳନାରେ ପ୍ରାୟ ୬,୬୦୦ ଟଙ୍କା ଅଧିକ। ୨୨ କ୍ୟାରେଟ ସୁନା ୧୦ ଗ୍ରାମ ପ୍ରତି ୧,୪୭,୧୫୦ ଟଙ୍କା ରହିଛି। ମଙ୍ଗଳବାର ଅପେକ୍ଷା ବୁଧବାର ଏଥିରେ ପ୍ରାୟ ୬,୦୫୦ ଟଙ୍କାର ବୃଦ୍ଧି ଘଟିଛି। ବଜେଟ ପରବର୍ତ୍ତୀ ସମୟରେ ବଜାରରେ କିଛି ଦିନ ହ୍ରାସ ପରେ ଆଜି ପୁଣି ବିଶ୍ୱ ବଜାରରେ ସୁନା ଦର ବୃଦ୍ଧି ପାଇଛି। ବିଶେଷଜ୍ଞଙ୍କ ମତରେ, ବିଶ୍ୱ ଅର୍ଥନୀତିରେ ପରିବର୍ତ୍ତନ ଏବଂ ଆଗାମୀ ବିବାହ ଋତୁ ଯୋଗୁ ଚାହିଦା ବଢ଼ିବା ଫଳରେ ଏହି ଦର ବୃଦ୍ଧି ପରିଲକ୍ଷିତ ହେଉଛି।

# ବାଗ୍‌ଚୀ ଶ୍ରୀଶଙ୍କରା କ୍ୟାନ୍‌ସର ସେଣ୍ଟରରେ କ୍ୟାନ୍‌ସର ଦିବସ




**ଭୁବନେଶ୍ୱର,୪।୨(ଅନୁରାଧା ମହାରଣା)**

ସମଗ୍ର ବିଶ୍ୱରେ କ୍ୟାନ୍‌ସର ଭଳି ଦୁରାରୋଗ୍ୟ ବ୍ୟାଧିକୁ ନେଇ ଉଦ୍‌ବେଗ ରହିଥିବାବେଳେ ଧୈର୍ଯ୍ୟର ସହ ମୁକାବିଲା କଲେ ଏହି ରୋଗରୁ ମୁକ୍ତି ମିଳିପାରିବ। ବାଗ୍‌ଚୀ ଶ୍ରୀଶଙ୍କରା କ୍ୟାନ୍‌ସର ସେଣ୍ଟର ଓ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ ବିଶ୍ୱ କ୍ୟାନ୍‌ସର ଦିବସ ପାଳନ ଅବସରରେ ବିଶିଷ୍ଟ କ୍ୟାନ୍‌ସର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ମାତ୍ର ୨ ବର୍ଷ ତଳେ ବିଶ୍ୱସ୍ତରୀୟ ଭିତ୍ତିଭୂମି ନେଇ ପ୍ରତିଷ୍ଠା ହୋଇଥିବା ବାଗ୍‌ଚୀ ଶ୍ରୀଶଙ୍କରା ହସ୍ପିଟାଲରେ ଏବେ ଦୈନିକ ୫୦୦ରୁ ଊର୍ଦ୍ଧ୍ୱ ରୋଗୀ ଭାରତର ବିଭିନ୍ନ ପ୍ରାନ୍ତରୁ ଚିକିତ୍ସା ହେବା ପାଇଁ ଆସୁଛନ୍ତି। କ୍ୟାନ୍‌ସର ଭଳି ଦୁରାରୋଗ୍ୟ ବ୍ୟାଧିର ଉପଶମ ପାଇଁ ଏଠାରେ ଅତ୍ୟାଧୁନିକ ଜ୍ଞାନକୌଶଳ ଓ ବିଶେଷଜ୍ଞ ଡାକ୍ତରଙ୍କ ଉପସ୍ଥିତି ଏହି ସେଣ୍ଟରକୁ ପ୍ରତିଷ୍ଠା ହେବାର ଅଳ୍ପ ଦିନ ମଧ୍ୟରେ ଭାରତବର୍ଷରେ ବେଶ୍ ପ୍ରସିଦ୍ଧି ହୋଇଯାଇଛି। ବିଶ୍ୱ କ୍ୟାନ୍‌ସର ଦିବସ ପାଳନ ଅବସରରେ ଏହି ଅନୁଷ୍ଠାନ ପକ୍ଷରୁ କ୍ୟାନ୍‌ସରରେ ପୀଡ଼ିତ ହୋଇ ଆରୋଗ୍ୟ ଲାଭ କରିଥିବା ଏକାଧିକ ବ୍ୟକ୍ତି ଏହି ଅବସରରେ ଉପସ୍ଥିତ ରହି ସେମାନଙ୍କର ସଂଘର୍ଷ ବିଷୟରେ ଆଲୋକପାତ କରିଥିଲେ। କ୍ୟାନ୍‌ସରକୁ ଡରିଗଲେ ଯୁଦ୍ଧ ଜିତି ହେବ ନାହିଁ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଦୀପକ ମିଶ୍ର ପ୍ରକାଶ କରିଛନ୍ତି। ଏହି ଅବସରରେ ବାଗ୍‌ଚୀ ଶ୍ରୀଶଙ୍କରା ହସ୍ପିଟାଲ ପକ୍ଷରୁ ଭୁବନେଶ୍ୱର , କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ନିଃଶୁଳ୍କ କ୍ୟାନ୍‌ସର ସଚେତନତା ଓ ଚିହ୍ନଟ ଶିବିର ଆୟୋଜିତ କରାଯାଇଥିଲା। ଏହି ଅବସରରେ ଡା. ତ୍ରିବିକ୍ରମ ପଣ୍ଡା, ଡା. ଉତ୍କର୍ଷ ଦାସ, ଡା. ସରୋଜ ରଞ୍ଜନ ସାହୁ, ଡା. ରବିଶଙ୍କର ଦାସ, ଡା. ଇତିଶ୍ରୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।


# Classified Everyday
**0674-2580101, 9692975378**



**REAL ESTATE**

**SALE**

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ **KEC** ପାଖରେ **ready to move 2/3BHK flat** ବିକ୍ରି ହେବ। **8327785834.** D-3178

ଭୁବନେଶ୍ୱର **GITA Engineering College** ନିକଟ **Infocity- 2** ପାଖରେ ଘରବାରି, **Boundary** ଥାଇ ପ୍ଲଟ୍ ବିକ୍ରିହେବ। **6372753860, 7008095537.** D-3215

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା **Xavier University/** ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ **Future**ରେ ଘର କଲା ଭଳି ପ୍ଲଟ୍ ମିଳୁଛି। **9692439755, 7325891140.** D-3023

Unused 3BHK Flats & 4BHK with servant quarter in heart of Cuttack City. Reserve parking and maximum facilities. Genuine direct buyers preferred. Call 9776226548. D-3271

ଜମି ବିକ୍ରି- ଅନୁଗୁଳ ରେଳ ଷ୍ଟେଶନ ସାମ୍ନାରେ ପାଚେରି ଥାଇ ଦୁଇ ଗୁଣ୍ଠ ଘରବାରି ପ୍ଲଟ୍ (ନଂ. 742) ବିକ୍ରି ହେବାର ରହିଛି। ଯୋଗାଯୋଗ ନଂ.- 7327957039. D-3293

ଭୁବନେଶ୍ୱର AIIMS Medical, ଜଟଣୀଗେଟ୍, INFOCITY-II ପାଖରେ B.D.A ଅଧୀନରେ ଆସୁଥିବା Plot Road 30ft., Electricity, ପାଚେରି ସହ ମିଳୁଅଛି। 9437801541, 9348184095. D-3301



**CONSTRUCTION**

**Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469.** D-3190

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




All types of physiotherapy and massage contact 9556924059/ 7656969134. D-3245

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3246

Wellness relax body massage & jointpain treatment by trend therapist. 6372110065. D-76951

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before Executive Magistrate, Sohela, dated- 04.02.2026, I, Anoj Kalet, resident of At/P.O.- Sarkanda, Via/Tehsil- Sohela, Dist.- Bargarh, Odisha, PIN- 768033, declare that I have changed my name from Anoj Kumar Kalet to Anoj Kalet. Henceforth, I shall be known as Anoj Kalet for all purposes.
Anoj Kalet D-3300

By virtue of an affidavit sworn before Notary Public, Ungamaha, dated- 29.01.2026, I, Ayush Majhi, Address: At- Ungamaha, P.O.- Kurtamgarh, Block- Tumudibandha, P.S.- Tumudibandha, Dist.- Kandhamal, State- Odisha declare that I have changed my name from Pilata Majhi to Ayush Majhi. Henceforth, I shall be known as Ayush Majhi for all purposes.
Ayush Majhi D-3302

By virtue of an affidavit sworn before Notary Public, dated 3rd Feb. 2026, I, Santosh Kumar Sethi, Address: At- SPT Colony, P.O.- J K Pur, Dist.- Rayagada, Odisha, 765017 declare that I have changed my daughter's name from Anushaya Sethi to Anusuya Sethi. Henceforth, she shall be known as Anusuya Sethi for all purposes.
Santosh Kumar Sethi D-3298

By virtue of an affidavit sworn before the Executive Magistrate, Sambalpur, No. 3757, Dtd.- 23.12.25, I, Santosh Kumar Gond, R/o. At- Contractors Colony, P.O./P.S.- Burla, Dist.- Sambalpur declare that I have changed the name of my son from Tashwant Saha or Alok Kumar Gond to 'TASHWANT KUMAR GOND'. Henceforth, he shall be known as 'TASHWANT KUMAR GOND' for all purposes.
Santosh Kumar Gond D-3299

By virtue of an affidavit sworn before Executive Magistrate, Bhubaneswar, dated- 23.10.2025, I, Alamsaty Damayanti, Address: Plot No.- 342/2780, Sishu Vihar Patia, Kalarahanga, P.S.- Infosys, Bhubaneswar, PIN- 751024, Dist.- Khordha declare that I have changed my name from A. Damayanti to Alamsaty Damayanti. Henceforth, I shall be known as for all for all purposes.
Alamsaty Damayanti D-3304

By virtue of an affidavit sworn before Executive Magistrate, Rayagada, dated- 06.01.2026, I, Surya Kumar Sabar, Address: At- Chanchada, P.O.- Marlaba, P.S.- Rayagada, PIN- 761213, Dist.- Gajapati declare that I have changed my name from Surjya Kumar Sabar to Surya Kumar Sabar. Henceforth, I shall be know as Surya Kumar Sabar for all for all purposes.
Surya Kumar Sabar D-3305

**LOST**

I, Jagannath Sahu (31) son of Prabhakar Sahu of resident Brahmin Sahi, Rayagada, P.S./ District- Rayagada. I lost my certificate 1. B-Tech Electrical Engineering bearing Regd. No.- 1221317047 and issued with certificate Sl. No.- DO8160122160 and Certificate No.- BPC140121369, 2. 10th Board, Roll No.- 04 PH086, Board of Secondary Education, 3. Diploma in Electrical bearing No.- F0956022141 and issued with Certificate Sl. No.- 12/378122. I have lodged a FIR at Rayagada police station vide GD No.006 dated 06.11.2025, time- 12:13 PM. If anyone finds it kindly inform me on below mentioned contact No.- 9040959673. D-3303

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**




କଟକ ସିଡିଏସ୍ଥିତ ଗୋଲ୍ଡେନ କ୍ୟୁ ସ୍ନୁକର କାଫେରେ ଚାଲିଥିବା ଗୋଲ୍ଡେନ କିଙ୍ଗ ଓପନ୍ ସ୍ନୁକର ଚାମ୍ପିୟନଶିପ୍‌ରେ ବୁଧବାର ଶଟ୍ ଖେଳିବା ଅବସରରେ ଚନ୍ଦ୍ର ମହାନ୍ତି।

# ସିଦ୍ଧାର୍ଥଙ୍କୁ ହରାଇଲେ ଚନ୍ଦ୍ର

**ଓପନ୍ ସ୍ନୁକର ଚାମ୍ପିୟନଶିପ୍**

କଟକ,୪।୨(କୁମାରଶ୍ରୀ)

ସିଡିଏସ୍ଥିତ ଗୋଲ୍ଡେନ କ୍ୟୁ ସ୍ନୁକର କାଫେରେ ଗୋଲ୍ଡେନ କିଙ୍ଗ ଓପନ୍ ସ୍ନୁକର ଚାମ୍ପିୟନଶିପ୍ ଜାରି ରହିଛି। ନବାଗତ ଚନ୍ଦ୍ର ମହାନ୍ତି ୩-୨ ଫ୍ରେମ୍‌ରେ ବହୁବାର ରାଜ୍ୟ ଚାମ୍ପିୟନଶିପ୍ ବିଜେତା ସିଦ୍ଧାର୍ଥ ସେନଙ୍କୁ ପରାସ୍ତ କରି ପ୍ରତିଯୋଗିତାରେ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ପ୍ରଥମ ଫ୍ରେମରେ ପରାସ୍ତ ହୋଇଥିବା ସିଦ୍ଧାର୍ଥ ପରବର୍ତୀ ଦୁଇଟି ଯାକ ଫ୍ରେମକୁ ଜିତି ୨-୧ରେ ଆଗୁଆ ରହିଥିଲେ। ମାତ୍ର ଅବଶିଷ୍ଟ ୨ଟି ଫ୍ରେମରେ ଚନ୍ଦ୍ର ସଫଳ ପ୍ରତ୍ୟାବର୍ତ୍ତନ କରି ବିଜୟୀ ହୋଇଥିଲେ। ଅନ୍ୟ ମୁକାବିଲା ଗୁଡିକରେ ଚିରାଗ ଅରୋରା ୩-୦ ଫ୍ରେମରେ ବିରାଜ ଦାଶ, ବରୁଣ ପୂର୍ବା ୩-୧ ଫ୍ରେମରେ ଶୁଭାଙ୍ଗୀ ରାଓ, ସୁବ୍ରତ ଦାସ ୩-୦ ଫ୍ରେମରେ ଅମିତ ସିଂ, ସୁଦୀପ୍ତ ଦାଶ ୩-୧ ଫ୍ରେମରେ ଅମୀୟ ରଞ୍ଜନ ନାୟକ, ନିଶାନ୍ତ ବିଶ୍ୱାଳ ୩-୦ ଫ୍ରେମରେ ପ୍ରିୟାଂଶୁ ମହାପାତ୍ର, ଚେତନ ଆନନ୍ଦ ୩-୨ ଫ୍ରେମରେ ଉଭାସ ମହାପାତ୍ରଙ୍କୁ ପରାସ୍ତ କରିଛନ୍ତି। ନିଶାନ୍ତ ବିଶ୍ୱାଳ, ସୁବ୍ରତ ଦାସ, ଚେତନ ଆନନ୍ଦ ପ୍ରି-କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି।

# ଏସିଆନ ଚାମ୍ପିୟନଶିପ୍‌ରୁ ଇରାନ ଓହରିଲା

ନୂଆଦିଲ୍ଲୀ,୪।୨(ପି.ଟି.)

ବୁଧବାରଠାରୁ ଆରମ୍ଭ ହୋଇଥିବା ଏସିଆନ ଚାମ୍ପିୟନଶିପ୍‌ରୁ ଇରାନର ୨୮ ଜଣିଆ ଶୁଟିଂ ଦଳ ଓହରି ଯାଇଛି। ଇରାନରେ ଚାଲିଥିବା ରାଜନୈତିକ ଅସ୍ଥିରତା ମଧ୍ୟରେ ଭିଜା ଆବେଦନରେ ବିଳମ୍ବ ଯୋଗୁ ସେମାନଙ୍କୁ ବାଧ ହୋଇ ଏଭଳି ନିଷ୍ପତ୍ତି ନେବାକୁ ପଡ଼ିଛି। ଇରାନର ଅନୁପସ୍ଥିତି ଟୁର୍ନାମେଣ୍ଟ ପାଇଁ ଏକ ବଡ଼ କ୍ଷତି। କାରଣ ଏସୀଅ ଶୁଟିଂ ପ୍ରତିଯୋଗିତାରେ ଇରାନ ରେକର୍ଡ ଖୁବ ଭଲ ରହିଛି। ଇରାନ ଦଳ ସେମାନଙ୍କ ଦେଶରେ ଚାଲିଥିବା ବିଦ୍ରୋହ କାରଣରୁ ଖୁବ ବିଳମ୍ବରେ ଭିଜା ଲାଗି ଆବେଦନ କରିଥିଲା। ସେମାନଙ୍କ ଦଳ ଚୟନରେ ମଧ୍ୟ ବିଳମ୍ବ ହୋଇଥିଲା। ସେମାନଙ୍କ ଭିଜାକୁ ଅନୁମତି ମିଳିବାରେ ମଧ୍ୟ ବିଳମ୍ବ ହୋଇଥିଲା। ସେମାନଙ୍କ ଫେଡେରେଶନ ପକ୍ଷରୁ ମଙ୍ଗଳବାର ରାଇଫଲ ଦଳକୁ ପଠାଇବାକୁ ଉଦ୍ୟମ କରିଥିଲା। ହେଲେ ଟିକେଟ ମିଳିବାରେ ବିଳମ୍ବ କାରଣରୁ ସେମାନେ ଫ୍ଲାଇଟ୍ ଧରି ପାରି ନ ଥିଲେ ବୋଲି ଜାତୀୟ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍‌ଆର୍‌ଏଆଇ) ସମ୍ପାଦକ ପବନ କୁମାର ସିଂ କହିଛନ୍ତି।

# ବିପୁଳ ଆର୍ଥିକ କ୍ଷତି ସହିବ ପିସିବି

କରାଚୀ,୪।୨(ପି.ଟି.)

ଆସନ୍ତା ୧୫ ତାରିଖରେ କଲମ୍ବୋରେ ଭାରତ ବିପକ୍ଷ ମ୍ୟାଚ୍‌ରେ ଖେଳିବାକୁ ମନା କରିବା ପାଇଁ ଆଇସିସିର କାର୍ଯ୍ୟକାରୀ ପରିଷଦ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)କୁ ଦଣ୍ଡିତ କରିପାରେ। ଏଥିଯୋଗୁ ପିସିବି ବଡ଼ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇପାରେ। ମିଳିଥିବା ସୂଚନା ମୁତାବକ, ଆଇସିସିର ଆର୍ଥିକ ସାଇକଲ ୨୦୨୪-୨୭ରେ ପିସିବିକୁ ୧୪୪ ମିଲିଅନ ଡଲାର ମିଳିବାର ଅଛି। ଯଦି ଆଇସିସି ଭାରତ ବିପକ୍ଷରେ ନ ଖେଳିବା ଲାଗି ପାକିସ୍ତାନକୁ ଦଣ୍ଡିତ କରିବାକୁ ନିଷ୍ପତ୍ତି ନିଏ, ତେବେ ପିସିବି ପାଖାପାଖି ୪୦୦ କୋଟି ପାକିସ୍ତାନ ରୁପି ହରାଇବ। ପିସିବିକୁ ଆର୍ଥିକ ରୂପେ ସୁଦୃଢ଼ ରହିବା ପାଇଁ ଏହି ୪୦୦ କୋଟି ଟଙ୍କା ଦରକାର। ଯଦି ଏହା ନ ମିଳେ, ତେବେ ପାକିସ୍ତାନ କ୍ରିକେଟକୁ କଷ୍ଟକର ସମୟ ଦେଇ ଗତି କରିବାକୁ ପଡ଼ିବ। ପାକିସ୍ତାନକୁ ୨୦୨୪ ଟି୨୦ ବିଶ୍ୱକପ୍ ଓ ଗତ ବର୍ଷ ଚାମ୍ପିୟନ୍ସ ଟ୍ରଫି ପାଇଁ ପିସିବିକୁ ତା'ର ଅଂଶ ମିଳିସାରିଛି। ଚାମ୍ପିୟନ୍ସ ଟ୍ରଫିକୁ ପାକିସ୍ତାନ ଆୟୋଜନ କରିଥିବାରୁ ଆଇସିସି ପକ୍ଷରୁ ଅତିରିକ୍ତ ୬ ମିଲିଅନ ଆମେରିକୀୟ ଡଲାର ପ୍ରଦାନ କରାଯାଇଥିଲା।

ପିସିବି ସୂତ୍ରରୁ କୁହାଯାଇଛି ଯେ, ଚାମ୍ପିୟନ୍ସ ଟ୍ରଫି ଆୟୋଜନ ଲାଗି ପିସିବି ଖୁବ ଅଧିକ ଖର୍ଚ୍ଚ କରିଥିଲା। କିନ୍ତୁ ମ୍ୟାଚ୍ ଟିକେଟ୍ ବିକ୍ରିରୁ ଅଧିକ ମିଳି ନ ଥିଲା। କାରଣ ପାକିସ୍ତାନ ତା'ର କେବଳ ଗୋଟିଏ ମ୍ୟାଚ୍ ଘରୋଇ ଗ୍ରାଉଣ୍ଡରେ ଖେଳିଥିଲା। ବିସିସିଆଇ, ପିସିବି ଓ ଆଇସିସି ମଧ୍ୟରେ ତ୍ରିମୁଖୀ ଚୁକ୍ତି କାରଣରୁ ଭାରତ ବିପକ୍ଷ ମ୍ୟାଚ୍‌କୁ ପାକିସ୍ତାନ ନ୍ୟୁଟ୍ରାଲ ଭେନ୍ୟୁରେ ଖେଳିଥିଲା। ହେଲେ ପିସିବି ଲାହୋର, କରାଚୀ ଓ ରାୱଲପିଣ୍ଡି ଷ୍ଟାଡିୟମର ପୁନଃ ନିର୍ମାଣରେ ୧୮୦୦ କୋଟି ଟଙ୍କା ଖର୍ଚ୍ଚ କରିଥିଲା। ଏଥିଯୋଗୁ ଟୁର୍ନାମେଣ୍ଟରୁ ବୋର୍ଡର ଆୟ ପ୍ରଭାବିତ ହୋଇଛି। ଆସନ୍ତା ୭ ତାରିଖରୁ ହେବାକୁ ଥିବା ଟି୨୦ ବିଶ୍ୱକପ୍ ଓ ଆସନ୍ତା ବର୍ଷ ଦିନିକିଆ ବିଶ୍ୱକପ୍ ଲାଗି ପିସିବିକୁ ତା'ର ଅଂଶଧନ ମିଳି ନାହିଁ ଏବଂ ଏହା ଉପରେ ହିଁ ଆଇସିସି ଆର୍ଥିକ କଟକଣା ଜାରି କରିପାରେ। ଆଇସିସି ଇଭେଣ୍ଟରେ ଅଂଶଗ୍ରହଣ କରିବା ଲାଗି ପିସିବି ଅନ୍ୟ ସମ୍ପୂର୍ଣ୍ଣ ସଦସ୍ୟଙ୍କ ସହ ଚୁକ୍ତି କରିଛି। ପାକିସ୍ତାନ ଚୁକ୍ତିର ଅବମାନନା କଲେ ଆଇସିସି ପିସିବିକୁ ଅର୍ଥ ଦଣ୍ଡରେ ଦଣ୍ଡିତ କରିବା ସହ କ୍ଷତିପୂରଣ ମଧ୍ୟ ଦାବି କରିବ। ଚଳିତ ଆର୍ଥିକ ସାଇକଲ ଲାଗି ଆଇସିସିକୁ ୩୦୦ କୋଟି ଡଲାର ପ୍ରଦାନ କରୁଥିବା ପ୍ରସାରଣକାରୀ ସଂସ୍ଥା ଲାଭ ପାଇଁ ମୁଖ୍ୟତଃ ଭରାତ-ପାକିସ୍ତାନ ମ୍ୟାଚ୍ ଉପରେ ନିର୍ଭର କରେ। ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ହେଉଥିବା ପ୍ରତ୍ୟେକ ମ୍ୟାଚ୍‌ରୁ ପାଖାପାଖି ଅଢ଼େଇ ଲକ୍ଷ ମିଲିଅନ ଡଲାର ଆୟ ହୋଇଥାଏ।

**୧୯ ବର୍ଷରୁ କମ୍ ମହିଳା ସାଫ୍ ଫୁଟବଲ**

# ଫାଇନାଲରେ ବାଂଲାଦେଶକୁ ଭେଟିବ ଭାରତ

ପୋଖରା(ନେପାଳ), ୪।୨(ପି.ଟି.)

ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ସାଫ୍ ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍‌ର ଫାଇନାଲ ଭାରତ ଓ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ହେବ। ବୁଧବାର ଅନୁଷ୍ଠିତ ଶେଷ ରାଉଣ୍ଡ ରବିନ ଲିଗ୍ ମ୍ୟାଚ୍‌ରେ ୧୭ ବର୍ଷରୁ କମ୍ ଭାରତୀୟ ଦଳ ୮-୦ ଗୋଲରେ ଭୁଟାନକୁ ପରାସ୍ତ କରିଛି। ଭାରତ ପକ୍ଷରୁ ପର୍ଲ ଫର୍ନାଣ୍ଡିଜ୍ ୧୬, ୩୯ ଓ ୪୧ତମ ମିନିଟ୍‌ରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ୍ ଅର୍ଜନ କରିଥିବାବେଳେ ପ୍ରୀତିକା ବର୍ମନ ୨୫ ଓ ୯୦ତମ ମିନିଟ୍‌ରେ ୨ଟି ଏବଂ ଅଲିଶା ଲିଙ୍ଗଡୋ ୬୬ଷ୍ଠ, ଅଭିସ୍ତା ବସନେଟ ୧୦ମ ଓ ଦିବ୍ୟାନି ଲିନ୍ଡା ୧୭ଶ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସେହିପରି ଅନ୍ୟ ଏକ ସେମିଫାଇନାଲରେ ବାଂଲାଦେଶ ୪-୦ ଗୋଲ୍‌ରେ ଆୟୋଜକ ନେପାଳକୁ ପରାସ୍ତ କରିଛି। ବାଂଲାଦେଶ ୩ ମ୍ୟାଚ୍‌ରୁ ୯ ପଏଣ୍ଟ ସହିତ ଟେବୁଲ ଶୀର୍ଷରେ ଥିବାବେଳେ ଭାରତ ୬ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ୩ ପଏଣ୍ଟ ସହିତ ନେପାଳ ତୃତୀୟ ଓ କୌଣସି ପଏଣ୍ଟ ନ ପାଇ ଭୁଟାନ ୪ର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଭାରତ-ବାଂଲାଦେଶ ଫାଇନାଲ ୭ ତାରିଖରେ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟରେ ଭାରତ ଏକମାତ୍ର ପରାଜୟ ବାଂଲାଦେଶ ନିକଟରୁ ବରଣ କରିଥିଲା। ଏହି ମ୍ୟାଚରେ ବାଂଲାଦେଶ ୨-୦ରେ ଭାରତକୁ ପରାସ୍ତ କରିଥିଲା। ଏବେ ଗ୍ରୁପ୍ ପର୍ଯ୍ୟାୟ ପରାଜୟର ମଧୁର ପ୍ରତିଶୋଧ ନେବାକୁ ଭାରତ ନିକଟରେ ସୁଯୋଗ ଆସିଛି।

# ଭାରତ-ଇଂଲଣ୍ଡ ଫାଇନାଲ

**୧୯ ବର୍ଷରୁ କମ୍ ବିଶ୍ୱକପ୍**

ହରାରେ,୪।୨

ଚଳିତ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ବୁଧବାର ଖେଳାଯାଇଥିବା ସେମିଫାଇନାଲରେ ଭାରତୀୟ ଦଳ ୭ ଉଇକେଟରେ ଆଫଗାନିସ୍ତାନକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଆଫଗାନିସ୍ତାନ ପକ୍ଷରୁ ଧାର୍ଯ୍ୟ ୩୧୧ ରନର ଟାର୍ଗେଟକୁ ଭାରତ ୪୧.୧ ଓଭରରେ ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହି ବିଜୟ ସହ ଭାରତ ରେକର୍ଡ ଦଶମ ଥର ପାଇଁ ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୬ ତାରିଖରେ ହେବାକୁ ଥିବା ଫାଇନାଲରେ ଭାରତ ଓ ଇଂଲଣ୍ଡ ପରସ୍ପରକୁ ଭେଟିବେ।

ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ନିର୍ଦ୍ଧାରିତ ୫୦ ଓଭରରେ ୪ ଉଇକେଟ ହରାଇ ୩୧୦ ରନ କରିଥିଲା। ଦଳ ପାଇଁ ଫୈଜଲ ଶିନୋଜାଦା ୯୩ ବଲରେ ୧୧୦ (୧୫ ଚୌକା) ଓ ଉଜାଇରୁଲା ନିଆଜାଇ ୮୬ ବଲରେ ୧୦୧ (୧୨ ଚୌକା ଓ ୨ ଛକା) ରନର ଶତକୀୟ ପାଳି ଖେଳିଥିଲେ। ଦୁହେଁ ତୃତୀୟ ଉଇକେଟରେ ୧୪୮ ରନ ଯୋଡ଼ିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓସମାନ ସାଦତ ୩୯ (୩ ଚୌକା) ଓ ଖାଲିଦ ଅହମଦଜାଇ ୩୧ (୪ ଚୌକା ଓ ୧ ଛକା) ରନ କରିଥିଲେ। ଭାରତ ପକ୍ଷରୁ ଦୀପେଶ ଦେବେନ୍ଦ୍ରନ ଓ କନିଷ୍କ ଚୌହନ ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାରତକୁ ବୈଭବ ସୂର୍ଯ୍ୟବଂଶୀ ବିସ୍ଫୋରକ ଆରମ୍ଭ ଦେଇଥିଲେ। ସେ ୩୩ ବଲରେ ୯ ଚୌକା ଓ ୪ ଛକା ୬୮ ରନ କରିଥିଲା। ସେ ଅନ୍ୟତମ ଓପନର ଆରୋନ ଜର୍ଜଙ୍କ ମିଶି ପ୍ରଥମ ଉଇକେଟରେ ୯୦ ରନ ଯୋଡ଼ିଥିଲେ। ସୂର୍ଯବଂଶୀ ଆଉଟ୍ ହେବା ପରେ ଅଧିନାୟକ ଆୟୁଷେ ମାହାତ୍ରେ ଓ ଜର୍ଜ ଦ୍ୱିତୀୟ ଉଇକେଟରେ ୧୧୪ ରନ ଯୋଡ଼ିଥିଲେ। ମାହାତ୍ରେ ୫୯ ବଲରେ ୫ ଚୌକା ଓ ୪ ଛକା ସହିତ ୬୨ ରନ କରି ପାଭିଲିଅନ ଫେରିଥିଲେ। ଜର୍ଜ ଶତକ ପୂରଣ କରିବା ଆଉଟ୍ ହୋଇଥିଲେ। ସେ ଆଉଟ୍ ହେବା ପୂର୍ବରୁ ୧୦୪ ବଲରେ ୧୧୫ ରନ କରିଥିଲେ। ତାଙ୍କ ଇନିସରେ ୧୫ ଚୌକା ଓ ୨ ଛକା ସାମିଲ ଥିଲା। ଏହାପରେ ବିହାନ ମଲହୋତ୍ରା ୩୮ (୩ ଚୌକା) ଓ ବେଦାନ୍ତ ୫ ରନ କରି ଦଳକୁ ଜିତାଇଥିଲେ। ଫଳରେ ଭାରତ ୪୧.୧ ଓଭରରେ ୩ ଉଇକେଟ କ୍ଷତିରେ ବିଜୟୀ ହୋଇଛି।




ଶତକ ହାସଲ ପରେ ଆରୋନ ଜର୍ଜ।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ: ୫୦ ଓଭରରେ ୩୧୦/୪ (ଫୈଜଲ ଶିନୋଜାଦା-୧୧୦, ଉଜାଇରୁଲା ନିଆଜାଇ-୧୦୧*, କନିଷ୍କ ଚୌହାନ-୨/୫୫, ଦୀପେଶ ଦେବେନ୍ଦ୍ରନ-୨/୬୪)। ଭାରତ: ୪୧.୧ ଓଭରରେ ୩୧୧/୩ (ଆରୋନ ଜର୍ଜ-୧୧୫, ବୈଭବ ସୂର୍ଯ୍ୟବଂଶୀ-୬୮, ଆୟୁଷ ମାହାତ୍ରେ-୬୨, ନୁରିସ୍ତାନି ଓମାରଜାଇ-୨/୬୪)।

# ରାଜ୍ୟ କୁସ୍ତି ଚାମ୍ପିୟନଶିପ୍ ଆରମ୍ଭ

କଟକ,୪।୨(କୁମାରଶ୍ରୀ)

ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ବୁଧବାର ରାଜ୍ୟ କୁସ୍ତି ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ଓଡ଼ିଶା କୁସ୍ତିସଂଘ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାରେ ମୋଟ୍ ୨୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ତନ୍ମଧ୍ୟରେ ୧୮୦ ପୁରୁଷ ଏବଂ ୭୦ ମହିଳା ପ୍ରତିଯୋଗୀ ରହିଛନ୍ତି। ଦୁଇ ଦିନିଆ ଏହି ରାଜ୍ୟ ଚାମ୍ପିୟନଶିପ୍‌ରେ ୨୩ବର୍ଷରୁ କମ୍, ୧୭ବର୍ଷରୁ କମ୍ ଏବଂ ୧୫ବର୍ଷରୁ କମ୍ ବୟସ ବର୍ଗର ଇଭେଣ୍ଟ ଖେଳାଯାଉଛି। ଆସନ୍ତା ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ରାଞ୍ଚିରେ ଜାତୀୟ ପ୍ରତିଯୋଗିତା ହେବା ବେଳେ ପ୍ରଦର୍ଶନ ଭିତିରେ ରାଜ୍ୟ ଦଳ ଚୟନ କରାଯିବ ବୋଲି ରାଜ୍ୟ କୁସ୍ତି ସଂଘ ପକ୍ଷରୁ ପ୍ରେସ ବିବୃତି ମାଧ୍ୟମରେ ସୂଚନା ଦିଆଯାଇଛି। ସଂଘ ସମ୍ପାଦକ କିଶୋର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ, ଭାଜପା ନେତ୍ରୀ ସ୍ମୃତି ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଗୁରୁବାର ଚାମ୍ପିୟନଶିପ୍ ଉଦ୍‌ଯାପିତ ହେବ।



ପୁରୁଷ ବର୍ଗରେ ଦୁଇ ପ୍ରତିଯୋଗୀଙ୍କ ମଧ୍ୟରେ ମୁକାବିଲା।

# ପ୍ରଥମ ଟାଇଟଲ ଲକ୍ଷ୍ୟରେ ଦିଲ୍ଲୀ


ଭଦୋଦରା,୪।୨(ପି.ଟି.)

ଚଳିତ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଚତୁର୍ଥ ସଂସ୍କରଣରେ ଗୁରୁବାର ଫାଇନାଲ ମ୍ୟାଚ୍ ଖେଳାଯିବ। ଏହି ଟାଇଟଲ ମୁକାବିଲାରେ ସ୍ମୃତି ମନ୍ଧାନାଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ ଜେମିମା ରୋଡ୍ରିଗ୍ସଙ୍କ ଦିଲ୍ଲୀ କ୍ୟାପିଟାଲ୍ସ ପରସ୍ପରକୁ ଭେଟିବେ। ଆର୍‌ସିବି ତା'ର ଦ୍ୱିତୀୟ ଡବ୍ଲ୍ୟୁପିଏଲ୍ ଟାଇଟଲ ଲକ୍ଷ୍ୟରେ ଥିବା ବେଳେ ଦିଲ୍ଲୀ ପ୍ରଥମ ଥର ଟ୍ରଫି ଉଠାଇବା ଉଦ୍ଦେଶ୍ୟରେ ଓହ୍ଲାଇବ। ଦିଲ୍ଲୀ ଚଳିତ ଥର ଭଳି ଏପର୍ଯ୍ୟନ୍ତ ପ୍ରତ୍ୟେକ ସଂସ୍କରଣର ଫାଇନାଲରେ ଖେଳିଛି। ହେଲେ ଦଳକୁ ଗତ ୩ ଫାଇନାଲରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି।

**ଆଜି ଡବ୍ଲ୍ୟୁପିଏଲ୍ ଫାଇନାଲ**

୨୦୨୪ ସଂସ୍କରଣ ଚାମ୍ପିୟନ ଆର୍‌ସିବି ଚଳିତ ସିଜନରେ ଚମତ୍କାର ପ୍ରଦର୍ଶନ କରିଛି। ଦଳ ୫ରୁ ୫ ମ୍ୟାଚ୍ ବିଜୟ ସହ ଅଭିଯାନ ଆରମ୍ଭ କରିଥିଲା, ଯାହାକି ଡବ୍ଲ୍ୟୁପିଏଲ୍ ଇତିହାସରେ ଯେ କୌଣସି ଦଳ ପାଇଁ ପ୍ରଥମ। ଏଥିସହିତ ଦଳର କିଛି ଖେଳାଳି ନିଜ ସ୍ତରଠାରୁ ଖୁବ ଭଲ ପ୍ରଦର୍ଶନ କରି ଦଳକୁ ମ୍ୟାଚ୍ ଜିତାଇଛନ୍ତି। ଦଳର ପ୍ରାୟତଃ ଖେଳାଳି କୌଣସି ନା କୌଣସି ମ୍ୟାଚ୍‌ରେ ଗୁରୁତ୍ୱପୂର୍ଣ୍ଣ ପ୍ରଦର୍ଶନ କରିଛନ୍ତି। ଅଷ୍ଟ୍ରେଲିଆର ଗ୍ରେସ ହାରିସ ୟୁପି ୱାରିଅର୍ସ ବିପକ୍ଷ ମ୍ୟାଚ୍‌ରେ ୭୫ ରନର ଇନିଂସ ଖେଳିଥିବା ବେଳେ ଗୌତମି ନାଏକ ଗୁଜରାଟ ଜାଏଣ୍ଟ୍ସ ବିପକ୍ଷରେ ୭୩ ରନ କରିଥିଲେ। ଦଳର ବ୍ୟାଟରଙ୍କ ମଧ୍ୟରେ ମନ୍ଧାନା, ହାରିସ, ଜର୍ଜିଆ ଭଲ ଓ ରିଚା ଘୋଷ ଚଳିତ ସିଜନରେ ସ୍ଥିର ପ୍ରଦର୍ଶନ କରିଛନ୍ତି। ନାଦିନେ ଡି କ୍ଲର୍କ ଓ ସୟାଲି ସାଟଘରେ ବୋଲିଂରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ଦକ୍ଷିଣ ଆଫ୍ରିକୀୟ କ୍ଲର୍କ ୮ ମ୍ୟାଚ୍‌ରେ ୧୫ ଉଇକେଟ ସହ ଚଳିତ ସିଜନରେ ସର୍ବାଧିକ ସଂଖ୍ୟକ ଉଇକେଟ ନେଇଥିବା ବୋଲରଙ୍କ ତାଲିକାରେ ତୃତୀୟ ସ୍ଥାନରେ ରହିଛନ୍ତି। ତାଙ୍କ ସହିତ ଶ୍ରେୟଙ୍କା ପାଟିଲଙ୍କ ସ୍ପିନ ବୋଲର ମିଡିଲ ଓଭରରେ ଦଳକୁ ନିୟନ୍ତ୍ରଣ ପ୍ରଦାନ କରୁଛି।

ଅନ୍ୟପକ୍ଷରେ ଗତ ୩ ଥରର ରନରଅପ୍ ଦିଲ୍ଲୀ ଦଳ ଜେମିମାଙ୍କ ନେତୃତ୍ୱରେ ଉଭୟ ଜବରଦସ୍ତ ଓ ଅସ୍ଥିର ପ୍ରଦର୍ଶନ କରିଛି। ଦଳ ୪ ଲେଖାଏ ବିଜୟ ଓ ପରାଜୟ ସହ ଏଲିମିନେଟର ମ୍ୟାଚ୍ ଖେଳିଥିଲା। ଗୁଜରାଟ ବିପକ୍ଷ ଏଲିମିନେଟ୍‌ର ମ୍ୟାଚ୍‌କୁ ଦଳ ଅତି ସହଜରେ ଜିତି ଫାଇନାଲରେ ପ୍ରବେଶ କରିଛି। ଦଳର ଉଭୟ ବ୍ୟାଟିଂ ଓ ବୋଲିଂ ବିଭାଗର କିଛି ଖେଳାଳିଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ରହିଛି। ବୋଲରଙ୍କ ମଧ୍ୟରେ ଚିନେଲ ହେନରୀ ଓ ନନ୍ଦନୀ ଶର୍ମା ଚଳିତ ସିଜନରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି।




ଫାଇନାଲ ପୂର୍ବରୁ ଟ୍ରଫି ସହ ଦୁଇ ଦଳର ଅଧିନାୟିକା ସ୍ମୃତି ମନ୍ଧାନା ଓ ଜେମିମା ରୋଡ୍ରିଗ୍ସ।

# ବାପୁଜୀ କ୍ରିକେଟ କ୍ଲବ ଚାମ୍ପିୟନ



ଚାମ୍ପିୟନ ବାପୁଜୀ କ୍ରିକେଟ କ୍ଲବ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୪।୨(ତପନ ସ୍ୱାଇଁ)

ମୁନ୍‌ଲାଇଟ୍ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ବିଜେବି କଲେଜ ଗ୍ରାଉଣ୍ଡରେ ଅନୁଷ୍ଠିତ ୯ମ ନବ ଦାଶ ଓ ୫ମ ପ୍ରଶାନ୍ତ ମହାପାତ୍ର ସ୍ମାରକୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ବୁଧବାର ଅନୁଷ୍ଠିତ ଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂକୁ ୩ ଉଇକେଟରେ ହରାଇ ବାପୁଜୀ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ରାମେଶ୍ୱର ୧୯.୧ ଓଭରରେ ୧୨୯ ରନ୍‌କରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ସ୍ୱୟମ୍ ପଣ୍ଡା ସର୍ବାଧିକ ୨୮ ଓ ଏମ୍.ଜି. ଗୋପାଳ ୨୪ ରନ୍ କରିଥିଲେ। ବିପକ୍ଷ ଦଳର ଅତୁଲ ସରଓ୍ୱର ୪ଟି ଏବଂ ପ୍ରୟାସ ସିଂ ଓ ନିରଞ୍ଜନ ବେହେରା ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ବାପୁଜୀ କ୍ରିକେଟ କ୍ଲବ ୧୯.୧ ଓଭରରେ ୭ ଉଇକେଟ ହରାଇ ୧୩୩ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅତୁଲ ସରଓ୍ୱର ସର୍ବାଧିକ ୪୩ ରନ୍‌କରି ଅପରାଜିତ ରହିଥିଲେ। ଆର୍ଯ୍ୟଶ୍ରୀ ଭଞ୍ଜ ୨୫ ଓ ସୟଦ ଜାକି ୨୩* ରନ୍ କରିଥିଲେ। ରାମେଶ୍ୱର ବୋଲରଙ୍କ ମଧ୍ୟରେ ଜଗଦୀଶ ମହାପାତ୍ର ସର୍ବାଧିକ ୩ଟି ଓ ସମ୍ମିତ୍ ବରାଳ ୨ଟି ଉଇକେଟ ନେଇଥିଲେ। ଅମ୍ପାୟର ଦିଲୀପ କୁମାର ସାମଲ ଓ ସୁଶାନ୍ତ ଦାଶ ମ୍ୟାଚ୍ ପରିଚାଳନା କରିଥିଲେ। ସ୍କୋରର ଥିଲେ ସୁଶୀଲ ସୁନ୍ଦରାୟ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଅତୁଲ ସରଓ୍ୱର ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ସିରିଜ୍ ବିବେଚିତ ହୋଇଥିଲେ। ଅଭିଜିତ୍ ପାଢ଼ୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ




**SHOWROOMS: ODISHA:** RENAULT **CUTTACK** Ph: 9311772648. RENAULT **BHUBANESWAR** Ph: 8860076082, RENAULT **BHUBANESWAR CENTRAL** Ph: 7428190232. RENAULT **BHAWANIPATNA** Ph: 9311733963. RENAULT **JEYPORE** Ph: 9311596618. RENAULT **SAMBALPUR** Ph: 8448890323.